
ଶାନ୍ତି ଚାହୁଁଛ ଯଦି ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 156 | ଭାଗ ୩୩ | ସଂଖ୍ୟା ୧୫୬ | Wednesday 27 August 2025 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର ୨୭ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ଆମ ଶାସନ: ଜନସେବାର ନୂଆ ଅଧ୍ୟାୟ



### ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ଟେକ୍ନୋଲୋଜି ଉପଯୋଗରେ ଉନ୍ନତ ଫିଡ୍‌ବ୍ୟାକ୍ ସିଷ୍ଟମ

### ଲୋକ ଦେବେ ମତ, ଗ୍ରହଣ କରିବେ ଲୋକପ୍ରତିନିଧି

### ୪ ଜିଲ୍ଲାର ହିତାଧିକାରୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ସୁଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ନାଗରିକ। ତେଣୁ ସମସ୍ତ ସରକାରୀ କାର୍ଯ୍ୟକ୍ରମ, ଯୋଜନା, ସର୍ବୋପରି ସରକାରୀ ସେବା ବ୍ୟବସ୍ଥାକୁ ନାଗରିକ କେନ୍ଦ୍ରିକ କରାଯାଇଛି। ଜନସାଧାରଣଙ୍କ ମତାମତ ବିନା କୌଣସି ଯୋଜନା ସଫଳ ହୋଇପାରିବନାହିଁ। ତେଣୁ ଲୋକଙ୍କ ମତାମତ, ପରାମର୍ଶ ସୁଶାସନର ମୁଖ୍ୟ ଉପାଦାନ। ଏହାଦ୍ୱାରା ଶାସନ ବ୍ୟବସ୍ଥା ଦକ୍ଷ ହୋଇପାରିଥାଏ ବୋଲି ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏକ ଆଧୁନିକ ଫିଡ୍‌ବ୍ୟାକ୍ ସିଷ୍ଟମ 'ଆମ ଶାସନ' ବ୍ୟବସ୍ଥାର ଶୁଭାରମ୍ଭ କରିବା ଅବସରରେ ମତ ଦେଇଛନ୍ତି। 'ଆମ ଶାସନ' ଆଧୁନିକ ଟେକ୍ନୋଲୋଜିର ଉପଯୋଗରେ ପ୍ରସ୍ତୁତ ହୋଇଥିବା ଏକ ଅତ୍ୟାଧୁନିକ ଫିଡ୍‌ବ୍ୟାକ୍ ସିଷ୍ଟମ। ଏହା ଜରିଆରେ ଉଭୟ ଅନ୍‌ଲାଇନ ଓ ଅଫଲାଇନ୍ ପ୍ଲାଟଫର୍ମରେ ଜନସାଧାରଣ ସେମାନଙ୍କ ମତାମତ ବା ପରାମର୍ଶ ଦେଇପାରିବେ। ଓଡିଶା ସରକାରଙ୍କ ୱେବସାଇଟ୍ ଚାଟ୍‌ବଟ୍ amashasana.odisha.gov.in, ହ୍ୱାଟସ୍ଆପ୍ ଚାଟ୍‌ବଟ୍ ୭୪୦୦୨୨୧୯୦୩, ଟୋଲ୍ ଫ୍ରି ନମ୍ବର ୧୪୪୭୧ ଜରିଆରେ ନିଜ ଅଭିଯୋଗ ଓ ପରାମର୍ଶ ପ୍ରଦାନ କରାଯାଇ ପାରିବ। ଏଥିସହ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଉଚ୍ଚ ପ୍ରଶାସନିକ ଅଧିକାରୀ ମଧ ଟେଲିଫୋନ୍ ଜରିଆରେ ମତାମତ ଗ୍ରହଣ କରିବେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଶାସନ ପ୍ରଶାସନରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧ ଓ ଉତ୍ତରଦାୟିତ୍ୱ ➾ପୃଷ୍ଠା-୬

# ଗଠନ ହେଲା ଶ୍ରୀମନ୍ଦିର ପରିଚାଳନା କମିଟି



### ୧୦ ସଦସ୍ୟଙ୍କ ମଧ୍ୟରେ ପୂର୍ବତନ ସିଏଜି ଗିରିଶ ମୁର୍ମୁ

ପୁରୀ,୨୬।୮(ସଂଚାର ବ୍ୟୁରୋ): ଗଠନ ହେଲା ଶ୍ରୀମନ୍ଦିର ପରିଚାଳନା କମିଟି। ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିରେ ପୂର୍ବତନ ସିଏଜି ଗିରୀଶ ଚନ୍ଦ୍ର ମୁର୍ମୁ ଅଛନ୍ତି। ଆଜି ଶ୍ରୀମନ୍ଦିର ପରିଚାଳନା ପାଇଁ ୧୦ ଜଣିଆ କମିଟି ଗଠନ କରିଛନ୍ତି ରାଜ୍ୟ ସରକାର। କମିଟି ଗଠନ ହେବା ନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏଥିରେ ସ୍ଥାନ ପାଇଥିବା ଗୁଜରାଟ କ୍ୟାଡର୍‌ର ପୂର୍ବତନ ଆଇଏଏସ ଅଧିକାରୀ ଗିରୀଶ ମୁର୍ମୁ ତାଙ୍କ କ୍ୟାରିଅରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଦାୟିତ୍ୱ ତୁଲାଇଛନ୍ତି। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ଶ୍ରୀ ମୁର୍ମୁ ତାଙ୍କର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରିଥିଲେ। ଫଳତଃ ତାଙ୍କ ପାଖରେ ବ୍ୟାପକ ପ୍ରଶାସନିକ ଅଭିଜ୍ଞତା ରହିଛି।

ଶ୍ରୀମନ୍ଦିର ପରିଚାଳନା କମିଟିରେ ଗିରୀଶ ମୁର୍ମୁ ସ୍ଥାନ ପାଇଥିବାରୁ ଶ୍ରୀମନ୍ଦିର ପରିଚାଳନା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଇଛି। ସେହିପରି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏକେ ସାବତ, ମୁକ୍ତି ମଣ୍ଡପର ପ୍ରତିନିଧି ଭାବେ ସିଦ୍ଧେଶ୍ୱର ମହାପାତ୍ର ଓ ମଠର ପ୍ରତିନିଧିତ୍ୱ ପାଇଁ ବଳରାମକୋଟ ମଠର ରଘୁବୀର ଦାସ ମହାରାଜ ସ୍ଥାନ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ସାମନ୍ତରାୟ, ମଧୁସୂଦନ ସିଂହାରୀ, ଜଗନ୍ନାଥ ପୂଜାପଣ୍ଡା, ଗଣେଶ ଦାସ ମହାପାତ୍ର, ରାମ ନାରାୟଣ ଗୋଚ୍ଛିକାର ଓ ଅନୁଗୁଳ ବନ୍ତଲାର ମହେଶ ସାହୁ ସ୍ଥାନ ପାଇଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୪ ଅନୁସାରେ ➾ପୃଷ୍ଠା-୬

### ଐତିହ୍ୟ ସ୍ମାରକର ସଂରକ୍ଷଣ ଓ ଉନ୍ନତିକରଣ ସଂକ୍ରାନ୍ତ ସମୀକ୍ଷା ବୈଠକ

# ଖୁବ୍‌ଶୀଘ୍ର ରାଜ୍ୟରେ ଐତିହ୍ୟ ନୀତି



### ପ୍ରାଥମିକ ସ୍ତରରେ ୭୫ ଐତିହ୍ୟସ୍ଥଳୀର ବିକାଶ ଯୋଜନା

### ସ୍ମାରକୀ ସଂରକ୍ଷଣ ପାଇଁ ଗଠନ ହେବ ଟାସ୍କଫୋର୍ସ

### ଜଗନ୍ନାଥ ସଂସ୍କୃତି ଓ ବୌଦ୍ଧ କୀର୍ତ୍ତିରାଜିର ବିକାଶକୁ ସ୍ୱତନ୍ତ୍ର ପ୍ରାଥମିକତା

### ସବୁ ପୁରାତନ ମନ୍ଦିରର ହେବ ଜିଓ ଟ୍ୟାଗିଙ୍ଗ୍

### ବିଶ୍ୱ ସ୍ତରରେ ପହଞ୍ଚିବ ଖାରବେଳ ସମୟର କିର୍ତ୍ତୀରାଜି

ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ବହୁ ପୁରାତନ। ଐର ଖାରବେଳଙ୍କ ସମୟରୁ ଆରମ୍ଭ କରି ପାଇକ ବିଦ୍ରୋହ ପର୍ଯ୍ୟନ୍ତ ଅନେକ କୀର୍ତ୍ତିରାଜି ଆଜି ବି ଲୋକଲୋଚନ ଆଢୁଆଳରେ ରହିଯାଇଛି। ଏହି ଐତିହ୍ୟ କୀର୍ତ୍ତିରାଜିକୁ ଖୋଜି ବାହାର କରିବା ସହ ସେସବୁର ଡାଟାବେସ୍ ପ୍ରସ୍ତୁତି, ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେଇ ପର୍ଯ୍ୟଟନସ୍ଥଳୀର ପରିଚିତ ଦେବାର ଆବଶ୍ୟକତା ରହିଛି ବୋଲି ଆଜି ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମତ ପ୍ରକାଶ ପାଇଛି। ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଯୁବସେବା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନେଇ ରାଜ୍ୟରେ ଥିବା ପୁରାତନ ଐତିହ୍ୟ ସ୍ମାରକ ସବୁର ସୁରକ୍ଷା, ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଲେ ଯେ ଓଡ଼ିଶାର ଐତିହ୍ୟ ବହୁ ପୁରୁଣା। ଐର ଖାରବେଳଙ୍କ ସମୟ, ବୌଦ୍ଧ କୀର୍ତ୍ତିରାଜି, ଖଣ୍ଡଗିରି ଓ ଉଦୟଗିରି ଏବଂ ପାଇକ ବିଦ୍ରୋହ ସମୟର ➾ପୃଷ୍ଠା-୬

# ଓଡ଼ିଶାକୁ ମିଳିଲା ୨୪୧ କୋଟିର ଅନୁଦାନ

### ପଞ୍ଚଦଶ ଅର୍ଥ ଆୟୋଗଙ୍କ ଆବଣ୍ଟନ

ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଓଡ଼ିଶା ସମେତ ୩ ରାଜ୍ୟକୁ କେନ୍ଦ୍ର ସରକାର ପଞ୍ଚଦଶ ଅର୍ଥ ଆୟୋଗଙ୍କ ୨୮୪ କୋଟି ଟଙ୍କାର ଏକୀକୃତ ଅନୁଦାନ ଜାରି କରିଛନ୍ତି। ଗ୍ରାମୀଣ ସ୍ଥାନୀୟ ସଂସ୍ଥା ବା ଗ୍ରାମ ପଞ୍ଚାୟତ ଓ ବ୍ଲକ୍ ପଞ୍ଚାୟତଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଅନୁଦାନ ଜାରି କରାଯାଇଛି। ଓଡ଼ିଶାକୁ ୨୪୦.୮୧୪୯ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହି ଅର୍ଥରାଶି ରାଜ୍ୟର ୬୦୮୫ଟି ଯୋଗ୍ୟ ପଞ୍ଚାୟତ ଓ ୬୩ଟି ବ୍ଲକ୍ ପଞ୍ଚାୟତକୁ ଯୋଗାଇ ଦିଆଯାଇଛି। ଏହାଛଡ଼ା ମିଜୋରାମକୁ ୧୪.୨୭୬୧ କୋଟି ଓ ତ୍ରିପୁରାକୁ ୨୯.୭୫ କୋଟି ଟଙ୍କାର ଅନୁଦାନ ଆବଣ୍ଟନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ କିସ୍ତି ଏକୀକୃତ ଅନୁଦାନର ଅଂଶବିଶେଷ ଭାବେ ଏହି ଅର୍ଥରାଶି ଦିଆଯାଇଛି। ସମ୍ବିଧାନର ଏକାଦଶ ସୂଚୀରେ ଉଲ୍ଲିଖିତ ଅଣତିରିଶ (୨୯) ବିଷୟ ଅଧୀନରେ ସ୍ଥାନ-ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ଆରଏଲବି/ ➾ପୃଷ୍ଠା-୬

### ବିହାରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ଲୋକଙ୍କୁ ଭ୍ରମିତ କରୁଛି କଂଗ୍ରେସ-ଆର୍‌ଜେଡି



### ନୀତିଶଙ୍କୁ ଭେଟି କଲେ ଆଲୋଚନା


ପାଟନା,୨୬।୮(ସଂଚାର ବ୍ୟୁରୋ): ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିବା କଂଗ୍ରେସର ଲୋକମାନେ ଆଜି ବିହାରରେ ଆରଜେଡି ସହ ମିଶି 'ଭୋଟ ଚୋରି'ର ମିଛ ପ୍ରଚାର କରି ବିହାର ସହ ଦେଶବାସୀଙ୍କୁ ଭ୍ରମିତ କରୁଛି। ଜଙ୍ଗଲରାଜ ସମୟରେ ବଞ୍ଚିତ ଓ ପୀଡିତଙ୍କ ଅଧିକାର ଚୋରି କରିଥିବା ଲୋକେ ଆଜି 'ଭୋଟ ଚୋରି'ର ମିଛ ପ୍ରଚାର କରୁଛନ୍ତି ବୋଲି ବିହାରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବିହାର ଗସ୍ତରେ ଥିବା ଶ୍ରୀ ପ୍ରଧାନ ଆଜି ପାଟନାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ଆୟୋଜିତ 'ଯୁବ ସମ୍ମିଳନୀ: ୟୁଥ୍ ଅଫ୍ ବିହାର @ ୨୦୪୭'ରେ ଯୋଗଦେବା ସହ ଆଇଆଇଟି ପାଟନାର ଦ୍ୱାଦଶ ସମାବର୍ତ୍ତନ ସମାରୋହରେ ଯୋଗଦେଇଥିଲେ। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶ ସମ୍ମୁଖରେ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ରଖିଛନ୍ତି ଓ ଏହି ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ବିହାର ରାଜ୍ୟର ଯୁବପିଢ଼ି ଏହାର ନେତୃତ୍ୱ ନେବେ। ଭାରତର ପ୍ରାଚୀନ ସଭ୍ୟତାରେ ବିହାର ଦେଶକୁ ନେତୃତ୍ୱ ଦେଇଛି। ପ୍ରଧାନମନ୍ତ୍ରୀ ଓ ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସଫଳ ନେତୃତ୍ୱରେ ବିହାର ଭାରତରେ ବିକାଶର ନୂତନ ଦିଗ ସ୍ଥାପନ କରୁଛି। ବିହାରର ବିକାଶ ହେଲେ ଭାରତ ମଧ୍ୟ ବିକାଶ କରିବ। ମାତୃଭାଷାରେ ଶିକ୍ଷା ଉପରେ ଗୁରୁତ୍ୱ ଦେଲେ ଏହା ସମ୍ଭବପର ହୋଇପାରିବ। ଏଥିସହ ଯୁବପିଢ଼ି ଚାକିରି ଅନ୍ୱେଷଣରେ ନ ରହି ଚାକିରି ସୃଷ୍ଟିକାରୀ ହେବା ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରୁ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ପାଟନାରେ ନୀତିଶଙ୍କୁ ଭେଟି ବିହାରର ସର୍ବାଙ୍ଗୀନ ବିକାଶ, ଏହାର ପ୍ରାଚୀନ ଗୌରବ ଏବଂ ବୈଭବର ପୁନରୁଦ୍ଧାର ନେଇ ଆଲୋଚନା କରିଥିଲେ।

## ଆଜି ଆସିବ ସିଏମ କିଷାନ ଟଙ୍କା

ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ଆସନ୍ତାକାଲି ମିଳିବ ସିଏମ କିଷାନ ଟଙ୍କା। ପ୍ରତ୍ୟେକ ଚାଷୀଙ୍କ ଆକାଉଣ୍ଟକୁ ଏ ବାବଦରେ ୨ ହଜାର ଟଙ୍କା ଲେଖାଏଁ ଟ୍ରାନ୍ସଫର୍ ହେବ। ଆସନ୍ତା ୨୮ ତାରିଖରେ ପଶ୍ଚିମ ଓଡ଼ିଶାର ଗଣପର୍ବ ଭାବେ ପରିଚିତ 'ନୂଆଁଖାଇ' ପଡୁଥିବାରୁ ଏହାର ପୂର୍ବଦିନ ଅର୍ଥାତ୍ ଆସନ୍ତାକାଲି ଏହା ପ୍ରଦାନ କରାଯିବ। ଏହାଦ୍ୱାରା ଓଡ଼ିଶାର ୫୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଏହି ଯୋଜନାରେ ରାଜ୍ୟ ସରକାର ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରିଆସୁଛନ୍ତି। ସୂଚନାଯୋଗ୍ୟ ଯେ ଗତବର୍ଷ 'ନୂଆଁଖାଇ' ଅବସରରେ ରାଜ୍ୟ ସରକାର ସିଏମ୍-କିଷାନ ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିଥିଲେ। ଆଜି ଏନେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସମସ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।

### ମଙ୍ଗଳରେ ଅମଙ୍ଗଳ

# ପୃଥକ୍ ଅଘଟଣରେ ୮ ଜୀବନ ହାନୀ



ପଦ୍ମପୁର/ହିନ୍ଦୋଳ/ନୂଆପଡ଼ା/ଛତ୍ରପୁର,୨୬।୮(ସଂଚାର ବ୍ୟୁରୋ): ମଙ୍ଗଳବାରରେ ରାଜ୍ୟର ପୃଥକ୍ ପୃଥକ୍ ସ୍ଥାନରେ ଅଘଟଣ ଘଟି ମୋଟ ୮ଟି ଅମୂଲ୍ୟ ଜୀବନ ଚାଲିଯାଇଛି। ଏଥିରେ ହାତୀ ଆକ୍ରମଣ ଓ ବଜ୍ରପାତରେ ୩ ଜଣ ଲେଖାଏଁ ମୃତ୍ୟୁବରଣ କରିଥିବା ବେଳେ ଦୁଇ ଜଣ ଶର୍ଟସର୍କିଟ୍‌ରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକଙ୍କ ମଧ୍ୟରେ ୨ଟି ଦମ୍ପତି ମଧ ରହିଛନ୍ତି।

ମିଳିଥିବା ସୂଚନାନୁସାରେ, ପଦ୍ମପୁରରେ ଜନୈକ ସ୍ୱାମୀ-ସ୍ତ୍ରୀଙ୍କୁ ହାତୀ ଦଳିଦେବା ଫଳରେ ସେମାନଙ୍କର ମୃତ୍ୟୁ ଘଟିଛି। ବରଗଡ ଜିଲ୍ଲା ପାଇକମାଳ ଥାନା ଟେମରି ପଞ୍ଚାୟତର ଧନ୍ଦୁପାଲି ଗାଁରେ ଏହି ଅଘଟଣ ଘଟିଛି। ଗତକାଲି ରାତିରେ ଫସଲ ଜଗିବା ପାଇଁ ସେମାନେ ବାଡ଼ି ପଛପଟେ ଶୋଇଥିଲେ। ତେବେ ରାତିରେ ହାତୀ ଆସି ଫସଲ ନଷ୍ଟ କରିବାକୁ ଉଦ୍ୟମ କରିବାରୁ ସେମାନେ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ହାତୀଟି ସେମାନଙ୍କୁ ଆକ୍ରମଣ କରିବା ସହ ପାଦରେ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଛି। ମୃତ ସ୍ୱାମୀ-ସ୍ତ୍ରୀ ହେଲେ ବଳରାମ ରଣା ଓ ଶଶି ରଣା। ସକାଳେ ପରିବାର ଲୋକେ ବାଡ଼ିରେ ପହଞ୍ଚିବାରୁ ସେଠାରେ ଫସଲ ନଷ୍ଟହେବା ସହ ଉଭୟଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଖବର ପାଇ ଘଟଣାସ୍ଥଳରେ ବନ ବିଭାଗ ଓ ପୁଲିସ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି। ତେବେ ଏହି ଘଟଣାରେ ଗ୍ରାମବାସୀ ଉତ୍ତେଜିତ ହେବା ସହ ଏହି ମୃତ୍ୟୁ ପାଇଁ ବନ ବିଭାଗକୁ ଦାୟୀ କରି ମୃତକଙ୍କ ସକାଶେ କ୍ଷତିପୂରଣ ଦାବି କରିଥିଲେ।

ଏହାଛଡ଼ା ହିନ୍ଦୋଳ ବନାଞ୍ଚଳରେ ପ୍ରତ୍ୟେକ ସମୟରେ ହାତୀ ମଣିଷ ଭିତରେ ସଂଘର୍ଷ ଲାଗି ରହିଥିବା ବେଳେ ପୁଣି ହାତୀ ଆକ୍ରମଣରେ ଜଣଙ୍କ ଜୀବନ ଯିବା ଘଟଣା ସାମ୍ନାକୁ ଆସିଛି। ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ➾ପୃଷ୍ଠା-୬



## କାନ ଡେରିଆ

ଚାନ୍ଦା ଆଦାୟ ଟା ପ୍ରବଳ ହୋଇଛି
ସବୁ ସେଇ ପୂଜା ପାଇଁ
ବାଜା, ବାଣ ଆଉ ମଦରେ ପଇସା
ଭକତ ଦେବେ ଉଡାଇ
ଟେନସନ ବଢ଼ିଲା ଭାଇ...
ଅପରାଧ ପରା ଏଇଠୁ ଆରମ୍ଭ
ସଜେ ରୁହ ଘରେ ଯାଇ ।

■ ଦେବାଶିଷ

### ଛାତ୍ର ସଂସଦ ନିର୍ବାଚନ

# ଆଶା ଆଶଙ୍କାରେ ସବୁ ଦଳର ଛାତ୍ର ନେତା



### ଶିକ୍ଷାନୁଷ୍ଠାନରେ ନାହିଁ ନିର୍ବାଚନୀ ମାହୋଲ

ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଘୋଷଣା ହୋଇଥିଲେ ମଧ ବିଭିନ୍ନ ଛାତ୍ର ସଂଗଠନଗୁଡ଼ିକ ନିର୍ବାଚନକୁ ନେଇ ଆଶା ଓ ଆଶଙ୍କାରେ ରହିଛନ୍ତି। ନିର୍ବାଚନ ହେବା ନେଇ କେହି ନିଶ୍ଚିତ ହୋଇପାରୁ ନଥିବାରୁ କୌଣସି ଛାତ୍ର ସଂଗଠନ କଲେଜଗୁଡ଼ିକରେ ନିର୍ବାଚନୀ ମାହୋଲ ଆରମ୍ଭ କରିପାରୁନାହାନ୍ତି।

ଦୀର୍ଘଦିନ ପରେ ଚଳିତବର୍ଷ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ସୂଚନା ପାଇବା ପରେ ଛାତ୍ର କଂଗ୍ରେସ, ଛାତ୍ର ବିଜେଡି ସମେତ ଏବିଭିପି ଏବଂ ବାମପନ୍ଥୀ ଛାତ୍ର ସଂଗଠନଗୁଡ଼ିକ ସକ୍ରିୟ ହୋଇ ଉଠିଥିଲେ। ଦଶହରା ଛୁଟି ପୂର୍ବରୁ ସାଧାରଣତଃ ଛାତ୍ର ସଂସଦ ନିର୍ବାଚନ ହୋଇଥାଏ। ସେହି ଅନୁଯାୟୀ ହାତରେ ଆଉ ଅଳ୍ପ ସମୟ ରହିଛି। ଏତିକି ସମୟ ମଧ୍ୟରେ କଲେଜରେ ନିର୍ବାଚନୀ ମାହୋଲ ସୃଷ୍ଟି କରି ଛାତ୍ରଛାତ୍ରୀଙ୍କୁ ନିଜ ପଟକୁ ଆଣିବାଟା ସେତେ ସହଜ ନୁହେଁ।

ସେହିଭଳି ବିଭିନ୍ନ କଲେଜରେ ଏବେ ଯୁକ୍ତ ୩ରେ ନାମଲେଖା ପ୍ରକ୍ରିୟା ସରିନଥିବାରୁ ବି ଛାତ୍ରନେତାମାନେ ନିର୍ବାଚନପାଇଁପ୍ରସ୍ତୁତ ହୋଇପାରୁନାହାନ୍ତି। ଅବସ୍ଥା ଏଭଳି ହୋଇଛି ଯେ କେତେକ ଛାତ୍ର ସଂଗଠନକୁ ନେତା ମିଳିବା ବି କଷ୍ଟକର ହୋଇପଡିଲାଣି। ବିଶେଷକରି ସଭାପତି, ସମ୍ପାଦକ, କ୍ରୀଡା ସମ୍ପାଦକ ପଦ ପାଇଁ ପୂର୍ବରୁ ଯେଭଳି ଛାତ୍ରସଂଘଗୁଡ଼ିକ ପ୍ରାର୍ଥୀ ସ୍ଥିର କରି ରଖୁଥିଲେ ଓ ସେହି ଅନୁଯାୟୀ ରଣନୀତି ସ୍ଥିର କରୁଥିଲେ, ➾ପୃଷ୍ଠା-୬

# ଈପସିତା ଛାତ୍ର ସଭାପତି, ଚିନ୍ମୟ ଯୁବ ସଭାପତି



### ଛାମୁଆ ସଙ୍ଗଠନ ପୁନର୍ବିନ୍ୟାସରେ ବରିଷ୍ଠଙ୍କୁ ଅଣଦେଖା

### ନିଆଯାଇନି କୋର ଟିମ ସଦସ୍ୟଙ୍କ ମତ

ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ଚିନ୍ମୟ ସାହୁ ବିଜୁ ଯୁବ ଜନତା ଦଳର ସଭାପତି ନିଯୁକ୍ତ ହୋଇଛନ୍ତି। ସେହିପରି ଈପସିତା ସାହୁ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ନିଯୁକ୍ତ ହୋଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ନିଯୁକ୍ତି ଦେଇଛନ୍ତି। ଏଥିସହ ଉଭୟ ଯୁବ ଓ ଛାତ୍ର ସଂଗଠନରେ ଜଣେ ଲେଖାଏଁଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଓ ୩ ଜଣ ଲେଖାଏଁଙ୍କୁ ସାଧାରଣ ସମ୍ପାଦକ ନିଯୁକ୍ତ କରିଛନ୍ତି ନବୀନ। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ବିଜୁ ଯୁବ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର)ଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ➾ପୃଷ୍ଠା-୬

# ବ୍ରାହ୍ମଣୀରେ ତୃତୀୟ ବନ୍ୟା: ବ୍ୟାପକ ଅଞ୍ଚଳ ଜଳମଗ୍ନ



**ପଟ୍ଟାମୁଣ୍ଡାଇ,୨୬।୮ (ସଂଚାର ବ୍ୟୁରୋ):** ସମ୍ପ୍ରତି ବାରମ୍ବାର ଲଘୁ ଚାପଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଂଚଳ ଭାବେ ପରିଚିତ ସିଂହଗାଁ ପଂଚାୟତରେ ଚଳିତବର୍ଷର ୩ୟ ବନ୍ୟା ଜଳ ପ୍ରବେଶ କରିଛି। ଫଳରେ ସିଂହଗାଁ ବାହ୍ୟଜଗତରୁ ବିଛିନ୍ନ ହୋଇ ପଡିଛି। ସିଂହଗାଁ ପଂଚାୟତର କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଅଂଚଳରେ ବନ୍ୟା ଜଳ ପ୍ରବେଶ କରିଛି।

ସେହିପରି ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହି, ବଲୁରିଆ ଆଦି ପଞ୍ଚାୟତର ଶହ ଶହ ଏକର ଚାଷଜମିରେ ବନ୍ୟା ପାଣି ମାଡି ଯାଇଛି। ନିକଟ ଅତୀତରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ଓ ସମ୍ପ୍ରତି ବନ୍ୟା ବିପନ୍ନ ଅଂଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବା ପରେ ଲୋକମାନଙ୍କ ମଧରେ ଘୋର ଆତଙ୍କ ସୃଷ୍ଟି ହୋଇଛି।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଂଚାୟତର ଚାଷ ଜମିରେ ବନ୍ୟା ଜଳ ମାଡିଯାଇଛି। ବ୍ରାହ୍ମଣୀ ନଦୀରେ ୩ୟ ବନ୍ୟା ଆସିବା ଫଳରେ ଧାନ ତଳି ସବୁ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ବ୍ରାହ୍ମଣୀର ୩ୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୫୦ହଜାର ଓ ପୌରାଞ୍ଚଳର ୨୦ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଗୃହପାଳିତ ପଶୁମାନେ ଗୋ ଖାଦ୍ୟ ଅଭାବରୁ ହନ୍ତସନ୍ତ ହେଉଛନ୍ତି। ବ୍ରାହ୍ମଣୀରେ ବାରମ୍ବାର ବନ୍ୟା ଆସିବା ଫଳରେ ବ୍ୟାପକ ଫସଲହାନୀ ଯୋଗୁଁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି। ବ୍ରାହ୍ମଣୀରେ ବନ୍ୟା ଜଳ ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ଧୋୟାଞ୍ଚଳର ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ଏହାଛଡା କୁମ୍ଭୀର ଭୟ ଲୋକମାନଙ୍କୁ ଅଧିକ ଆତଙ୍କିତ କରିଛି।

## ପାଣି ଘେରରେ ୪ ପଞ୍ଚାୟତ

**ରାଜନଗର,୨୬।୮ (ସଂଚାର ବ୍ୟୁରୋ):** ବ୍ରାହ୍ମଣୀ ନଦୀରେ ତୃତୀୟ ଥର ପାଇଁ ବନ୍ୟା ଆସିବା ଯୋଗୁଁ ରାଜନଗର ବ୍ଲକର ୪ ପଞ୍ଚାୟତ ପାଣି ଘେରରେ ରହିଛି। ରାଜନଗର ବ୍ଲକର ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି। ଗତକାଲି ରାତିରୁ ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦଶା ବଢିବାରେ ଲାଗିଛି। ଓସ୍ତିଆ ନଗଡ଼ ରାସ୍ତା ଉପରେ ବନ୍ୟା ପାଣି ପ୍ରବାହୀତ ହେଉଛି। ବିଶେଷକରି ବନ୍ୟା ଅଞ୍ଚଳରେ ଥିବା ଚାଷଜମି ଗୁଡିକ ବନ୍ୟା ପାଣିରେ ବୁଡି ଯାଇଛି।

ପ୍ରଥମ ବନ୍ୟା ପରେ ବିପନ୍ନ ଅଣ୍ଟା ସଳଖି ଛିଡା ହୋଇନଥିବା ବେଳେ ଜୁଲାଇ ଶେଷ ସପ୍ତାହରେ ଦିତୀୟ ବନ୍ୟା ଓ ଏବେ ପୁଣି ଚଳିତ ବର୍ଷ ତୃତୀୟ ଥର ପାଇଁ ବନ୍ୟା ଆସିବା ଯୋଗୁଁ ବିପନ୍ନଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି। ସବୁଠୁ ବଡ କଥା ହେଲା ବନ୍ୟା ଅଞ୍ଚଳରେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଛି।

## ଗହୀରମଥାରୁ ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ



**ରାଜନଗର,୨୬।୮ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ଗହୀରମଥା ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ବବୁଣ୍ଡେଇ ନିକଟରେ ଧରିତ୍ରୀ-୩ ନାମକ ଟ୍ରଲର କୁ ଜବତ କରିଥିଲେ। ଜବତ ଟ୍ରଲରରୁ ୧୦.୫୦ କୁଇଣ୍ଟାଲ ମାଛ, ୧ ଟି ଜି ପି ଏସ, ୨ଟି ଭି ଏଚ ଏଫ, ୧ଟି ଫିସ ଫାଇଣ୍ଡର, ୯ଟି ଜାଲ ଓ ୧ଟି ମୋବାଇଲ ଜବତ କରାଯାଇଛି।ଟ୍ରଲରରେ ଥିବା ମତ୍ସ୍ୟଜୀବୀ ଚନ୍ଦ୍ରକାନ୍ତ ମଳିକ, ବିଜୟ ମଳିକ, ସଞ୍ଜୟ ମଳିକ, ଭାରତ ମଳିକ, ଦୁର୍ଲଭ ମଳିକ, ରମାକାନ୍ତ ମଳିକ, ମଣ୍ଟୁ ମଳିକ, ବୁଦ୍ଧିରାମ ମଳିକ, ଗୁଲୁନା ମଳିକ ପ୍ରମୁଖ ୯ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ ଅନୁସାରେ କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବୀମାନେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବୋଲି ଜଣାପଡ଼ିଛି।

## ପଞ୍ଜୀକରଣ ବନ୍ଦ, ଶତାଧିକ ଚାଷୀ ନିରାଶ



**ରାଜନଗର,୨୬।୮ (ସଂଚାର ବ୍ୟୁରୋ):** ଖରିଫ ଋତୁ ଧାନ କିଣା ଚାଷୀ ପଞ୍ଜୀକରଣ ଅଗଷ୍ଟ ୨୫ ପରିବର୍ତ୍ତେ ୩୦ ଯାଏଁ ଚାଲିବ ବୋଲି ସରକାର ଘୋଷଣା କରିଥିଲେ। ମାତ୍ର ଗତକାଲି ରାତିରେ ଚାଷୀ ପଞ୍ଜୀକରଣ ହଠାତ୍ ବନ୍ଦ କରି ଦିଆଯାଇଛି। ଫଳରେ ଶତାଧିକ ଚାଷୀ ଧାନ ବିକିବାକୁ ପଞ୍ଜୀକରଣ କରିନପାରି ହତାଶ ହୋଇଛନ୍ତି। ରାଜନଗର ବ୍ଲକର ୧୫ଟି ସେବା ସମବାୟ ସମିତିର ପ୍ରାୟ ୩୦୦ରୁ ଅଧିକ ଚାଷୀ ପଞ୍ଜୀକରଣ କରିପାରିନଥିବା ଜଣାଯାଇଛି। ଆଜି ରାଜନଗର ସେବା ସମବାୟ ସମିତିରେ ଚାଷୀମାନେ ପଞ୍ଜୀକରଣ କରିବାକୁ ପହଞ୍ଚି ପଞ୍ଜୀକରଣ କରିନପାରି ଫେରିଛନ୍ତି। ସରକାର ପ୍ରଥମେ ୨୦ ତାରିଖରୁ ୨୫ ତାରିଖ ଓ ପରେ ୨୫ ତାରିଖରୁ ୩୦ ତାରିଖ ଯାଏଁ ପଞ୍ଜୀକରଣ ଅବଧି ବଢ଼ାଇଥିଲେ। ମାତ୍ର ଗତକାଲି ୨୫ ତାରିଖ ମଧ୍ୟ ରାତ୍ରିରୁ ହଠାତ ପଞ୍ଜୀକରଣ ବନ୍ଦ କରିଦେବାରୁ ଶତାଧିକ ଚାଷୀ ପଞ୍ଜୀକରଣ କରିନପାରି ନିରାଶ ହୋଇଛନ୍ତି। ସରକାର ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ପୁଣି ଚାଷୀ ପଞ୍ଜୀକରଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ବାରହା ଆକ୍ରମଣରେ ଯୁବକ ଗୁରୁତର



**ମହାକାଳପଡ଼ା,୨୬।୮(ସଂଚାର ବ୍ୟୁରୋ):** ଜଙ୍ଗଲୀ ବାରହା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ତାଙ୍କ ଜଙ୍ଘରୁ ମାଂସ ବାହାରି ଯାଇଥିବା ବେଳେ ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକଣ୍ଡା ଗ୍ରାମ ପଞ୍ଚାୟତ ଡେଙ୍ଗୁଳିକଣ୍ଡା ଗ୍ରାମର ଅଲେଖ ରାଉତଙ୍କ ପୁତ୍ର ଅବିନାଶ ରାଉତ(୩୬) ଚାଷଜମିକୁ ଯାଉଥିବା ସମୟରେ ଏକ ଜଙ୍ଗଲୀ ବାରହା ଆକ୍ରମଣର ଶୀକାର ହୋଇଛନ୍ତି। ବାରହାଟି ତାଙ୍କ ଜଙ୍ଘକୁ କାମୁଡ଼ି ମାଂସ ବାହାର କରିଦେଇଥିବା ବେଳେ ଗୋଡ଼,ହାତ ଓ ପେଟକୁ ଆକ୍ରମଣ କରିଛି। କ୍ଷତରୁ ପ୍ରବଳ ରକ୍ତସ୍ରାବ ହୋଇଛି। ଗ୍ରାମବାସୀ ଅବିନାଶଙ୍କୁ ଉଦ୍ଧାର କରି ପ୍ରଥମେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେପରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଅବିନାଶଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଚୋରା ମଦ ଓ ଗଞ୍ଜେଇ ଜବତ, ୪ ମହିଳାଙ୍କ ସମେତ ୬ କୋର୍ଟ ଚାଲାଣ





**କେନ୍ଦ୍ରାପଡ଼ା,୨୬।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଂଚଳରେ ଚଢ଼ାଉ କରାଯାଇଛି। ଜମ୍ବୁ ଆଳି ଗ୍ରାମର ଚିତରଞ୍ଜନ ସେନାପତିଙ୍କ ଠାରୁ ୩.୫ କି.ଗ୍ରା ଗଞ୍ଜେଇ ସହ ଗୋଟିଏ ମୋଟର ସାଇକେଲ, ପ୍ରଭାକର ପୁର ଗ୍ରାମର ମୁଖୀ ରାଉତଙ୍କ ଠାରୁ ୫୪୦ ଲିଟର ଦେଶୀ ରନ୍ଧା ମଦ, ପୁନି ରାଉତଙ୍କ ଠାରୁ ୬୨୧ ଲିଟର ଦେଶୀ ରନ୍ଧା ମଦ, ଆଶା ରାଉତଙ୍କ ଠାରୁ ୭୨୧ ଲିଟର ଦେଶୀ ରନ୍ଧା ମଦ, ରାଇବାରୀ ରାଉତଙ୍କ ଠୁ ୪୨୧ ଲିଟର ଦେଶୀ ରନ୍ଧା ମଦ ଓ ଆଞ୍ଜିଳ ମଣ୍ଡଳଙ୍କ ଠାରୁ ୩୦୬ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୨୦୪୬ ଲିଟର ଦେଶୀ ରନ୍ଧା ମଦ, ୩.୫ କି.ଗ୍ରା ଗଞ୍ଜେଇ ଓ ଏକ ଗୋଟି ମୋଟର ସାଇକଲ ଜବତ କରାଯାଇ ୪ ମହିଳା ସମେତ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ଏବଂ ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ ଏବଂ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।



## ଲଗାଣ ବର୍ଷାରେ ଭାଙ୍ଗିଲା ଘର

● ସରକାରୀ ସହାୟତା ଅପେକ୍ଷାରେ ଅସହାୟ ମହିଳା

**ମହାକାଳପଡ଼ା,୨୬।୮(ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅଧୀନ ବାରଡାଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଡମଠ ଗ୍ରାମର ସନ୍ଧ୍ୟାରାଣୀ ସେଠୀ ଙ୍କର ଚାଳ ଛପର ଘର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସନ୍ଧ୍ୟାରାଣୀ ଜଣେ ଅସହାହ ବିଧବା ମହିଳା। ତାଙ୍କର ଦୁଇ ନାବାଳିକା ଝିଅଙ୍କ ସହିତ ସେ ରହୁଛନ୍ତି। ଘର ଭାଙ୍ଗିଯିବା ପରେ ସେ ଏବେ ବେସାହାରା ହୋଇ ପଡିଛନ୍ତି। ପ୍ରଶାସନ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ଗୁହାରି କରିଛନ୍ତି।

## ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା

**କେନ୍ଦ୍ରାପଡ଼ା,୨୬।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର ଜିଲ୍ଲାର ବିଭିନ୍ନ ବ୍ଲକ ଗୁଡିକରେ ପାନୀୟ ଜଳ ସମସ୍ୟା ସଂପର୍କରେ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ଜିଲ୍ଲାରେ ବିଭିନ୍ନ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ମନ୍ଥର ଗତିରେ ଚାଲି ଥିବାରୁ କାର୍ଯ୍ୟ ଗୁଡିକୁ ତ୍ୱରାନିତ୍ୱ କରିବା ପାଇଁ ଆଲୋଚନା କରାଯାଇଛି। ଜିଲ୍ଲାର ମହାକାଳପଡା, ମାର୍ଶାଘାଇ, ଆଳି, ରାଜକନିକା, ଗରଦପୁର, ପଟ୍ଟାମୁଣ୍ଡାଇ, ରାଜନଗର ପ୍ରଭୃତି ଅଂଚଳରେ ଏଲ୍ ଏଣ୍ଡ ଟି ଓ ଲକ୍ଷ୍ମୀ କମ୍ପାନୀ ଦ୍ୱାରା କରା ଯାଉଥିବା ପାନୀୟ ଜଳ ଯୋଗାଣ ମେଗା ପ୍ରକଳ୍ପ ଗୁଡିକୁ ତୁରନ୍ତ ସାରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଗୁଡିକର କାର୍ଯ୍ୟ ଶିଘ୍ର ସମାପ୍ତ ହେଲେ ଜନ ସାଧାରଣଙ୍କ ହିତରେ ଆସିବ। ଏଥି ସହିତ ଜିଲ୍ଲାର ବିଭିନ୍ନ ଗ୍ରାମରେ ଖରାପ ହୋଇ ପଡିଥିବା ନଳକୂପ, ଗଭୀର ନଳକୂପ ଗୁଡିକୁ ମରାମତି କରି ଏହାକୁ ସୁପରିଚାଳନା କରିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଥିବା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପୂରଣ ହେଲା ଦୀର୍ଘ ୧୦ ବର୍ଷର ପ୍ରତୀକ୍ଷା

# ଭତ୍ତା ପାଇଲେ ଦିବ୍ୟାଙ୍ଗ ଅରୁଣ

**ମହାକାଳପଡ଼ା,୨୬।୮ (ସଂଚାର ବ୍ୟୁରୋ):** 'ସଂଚାର'ରେ ଖବର ପ୍ରକାଶ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ଉଦ୍ୟମରେ ଜଣେ ୯୦% ଦିବ୍ୟାଙ୍ଗଙ୍କ ୧୦ ବର୍ଷର ସଙ୍ଘର୍ଷରେ ପୂର୍ଣ୍ଣଛେଦ ପଡ଼ିଛି। ଆଧାର କାର୍ଡ ଟିଏ ହୋଇପାରୁନଥିଲା ବୋଲି ସେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଓ ଭତ୍ତା ପାଇବାରୁ ବଞ୍ଚିତ ଥିଲେ। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ସଂଚାର ଖବରକାଗଜ ଉଦ୍ୟମରେ ତାଙ୍କର ଆଧାର କାର୍ଡ କରାଯାଇଥିଲା। ଆଜି ତାଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ କରାଯାଇଛି।



କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ବାରଡାଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନନ୍ତାର ଗ୍ରାମର ଅମିୟ ଷଡ଼ଙ୍ଗୀଙ୍କ ୪୯ ବର୍ଷୀୟ ଦିବ୍ୟାଙ୍ଗ ପୁଅ ଅରୁଣ ଷଡଙ୍ଗୀ ସୁନ୍ଦରଗଡ଼ରେ ପୂଜାପାଠ କରି ପରିବାର ପ୍ରତିପୋଷଣ କରୁଥିଲେ। ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ମୁଣ୍ଡ ଓ ଶରୀରରେ ଗଭୀର ଆଘାତ ଲାଗିବାରୁ ସେ ଅଚଳ ହୋଇପଡିଛନ୍ତି। ହାତ ଗୋଡ଼ର ସ୍ନାୟୁ କାମ କରୁନି। ମୁଣ୍ଡର ସନ୍ତୁଳନ ନରହିବାରୁ କଥା କହିବା କଷ୍ଟ ହେଉଛି। ଆଧାର କାର୍ଡ ନଥିବାରୁ ଭତ୍ତା ପାଇବାରୁ ବଞ୍ଚିତ ଥିଲେ। ମାସକୁ ଯେଉଁ ୫ କିଲୋ ଚାଉଳ ମିଳୁଥିଲା ବାଇଓମେଟ୍ରିକ ବ୍ୟବସ୍ଥା ପରେ ସେତକ ବି ଡିଲର ବନ୍ଦ୍ କରିଦେଇଥିଲା। ଏମିତି ଦୟନୀୟ ଅବସ୍ଥାରେ ଭାଗ୍ୟକୁ ଆଦରି ଜୀବନ କାଟୁଥିଲେ ଦିବ୍ୟାଙ୍ଗ ଅରୁଣ। ଏ ସମ୍ପର୍କରେ ଦୈନିକ ଖବରକାଗଜ ସଂଚାର ରେ ଖବର ପ୍ରକାଶ ପରେ ପ୍ରଶାସନ ତରଫରୁ ଆଧାର କାର୍ଡ କରାଯାଇଥିଲା। ତାଙ୍କର ବନ୍ଦ୍ ରହିଥିବା ଚାଉଳ ମଧ ପୁଣି ମିଳିପାରିଲା। ଆଜି ତାଙ୍କୁ ପ୍ରଶାସନ ତରଫରୁ ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ କରାଯାଇଛି।

## 'ସଂଚାର' ପ୍ରଭାବ

# କମଳାଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

**ମାର୍ଶାଘାଇ,୨୬।୮ (ସଂଚାର ବ୍ୟୁରୋ):** 'ସଂଚାର'ରେ ଗତକାଲି ଖବର ପ୍ରକାଶ ପରେ ପ୍ରଶାସନ ତରଫରୁ ତତ୍ପରତା ଦେଖିବାକୁ ମିଳିଛି। ଆଜି ଜିଲ୍ଲା ପ୍ରଶାସନ ତରଫରୁ ବୃଦ୍ଧାଙ୍କ ନିକଟରେ ପହଞ୍ଚି ତାଙ୍କର ସ୍ଥିତି ଅନୁଧ୍ୟାନ କରିବା ସହିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।



ମାର୍ଶାଘାଇ ବ୍ଲକ୍ ଅଧୀନ କୁହୁଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁହୁଡ଼ି ଗ୍ରାମର କମଳା ମହାରଣା(୬୫)। ପଚିଶ ବର୍ଷ ତଳୁ ସ୍ୱାମୀ ଆଦିକନ୍ଦ ମହାରଣାଙ୍କ ଦେହାନ୍ତ ହୋଇ ସାରିଛି। ଆଠ ବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାରେ ଶୀକାର ହୋଇ ଚାଲିବାକୁ ଅକ୍ଷମ ହୋଇ ପଡିଛନ୍ତି। ୧୦ ମାର୍ଚ୍ଚ ୨୦୨୫ରୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ମଧ ଏଯାଏଁ ତାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇନାହିଁ। ନିଜ ନାମରେ ରାସନ୍ କାର୍ଡ ଖଣ୍ଡିଏ ନଥିବାରୁ ଚାଉଳ ମୁଠିଏ ପାଇବାରୁ ବଞ୍ଚିତ ଅଛନ୍ତି। ସରକାରୀ ସହାୟତା କହିଲେ କେବଳ ମାସକୁ ମିଳୁଥିବା ଏକ ହଜାର ଭତ୍ତା ଟଙ୍କା। ନିଜର ଭିନ୍ନକ୍ଷମ ପ୍ରମାଣପତ୍ର ଓ ରାସନ୍ କାର୍ଡ ପାଇଁ କେତେ କାହାକୁ ଗୁହାରି କରିଛନ୍ତି ହେଲେ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁନଥିଲେ। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ବୃଦ୍ଧାଙ୍କୁ ସହାୟତା ପାଇଁ ଦାବି କରାଯାଇଥିଲା। ଗତକାଲି ଏନେଇ ସଂଚାର ରେ ଖବର ପ୍ରକାଶ ପାଇବା ପରେ ଆଜି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଙ୍ଗ୍ରାମ ବେଉରା, ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା କମଳାଙ୍କ ବାସଭବନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ସେହିପରି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧ କମଳାଙ୍କ ନିକଟରେ ପହଞ୍ଚି ତାଙ୍କ ନିକଟରୁ କାଗଜପତ୍ର ସଂଗ୍ରହ କରିଛନ୍ତି।

## ଅଙ୍ଗନବାଡି କେନ୍ଦ୍ରରେ ଅବ୍ୟବସ୍ଥା

# ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା,୨୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ମହୁ ବଜାରଦାଣ୍ଡି ଅଙ୍ଗନୱାଡିକେନ୍ଦ୍ରରେ ନାନା ସମସ୍ୟା ଉପୁଜୁ ଥିବାରୁ ଦାୟୀତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହାଇକୋର୍ଟ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତାହାକୁ ୮ସପ୍ତାହ ମଧରେ ଆବେଦନକାରୀଙ୍କୁ ଅବଗତ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ମହୁ ବଜାରଦାଣ୍ଡି ଅଙ୍ଗନୱାଡିକେନ୍ଦ୍ରରେ ବିଭିନ୍ନ ଅନିୟମିତତା ଓ ବେଆଇନ କାର୍ଯ୍ୟ କରାଯାଇଥିବା ସମ୍ପର୍କରେ ସଂପୃକ୍ତ ୱାର୍ଡର ୱାର୍ଡସଭ୍ୟ ଓ ଗ୍ରାମବାସୀମାନେ ଆଳି ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇ. ସି. ଡି. ଏସ.)ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ଫଳରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସେହିସବୁ ଅଭିଯୋଗର ତଦନ୍ତ କରିବା ପାଇଁ କ୍ଷେତ୍ରପରିଦର୍ଶିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇବା ପରେ କ୍ଷେତ୍ରପରିଦର୍ଶିକା ସୁଭାଷିନୀ ନାୟକ ବଜାରଦାଣ୍ଡି ଅଙ୍ଗନୱାଡିକେନ୍ଦ୍ରର କର୍ମୀ ଆରତୀ ତ୍ରିପାଠୀଙ୍କୁ ଦୁଇ ଦୁଇଟି ନୋଟିସ କରିଥିଲେ ମଧ ସଂପୃକ୍ତ କେନ୍ଦ୍ରର କର୍ମୀ ସେହି ନୋଟିସର କୌଣସି ଉତ୍ତର ଦେଇନଥିଲେ।

ଏସମ୍ପର୍କରେ ଆଳିର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଂପୃକ୍ତ କେନ୍ଦ୍ରର କର୍ମୀଙ୍କୁ ତିନିଦିନ ମଧରେ କୈଫିୟତ ଦେବାକୁ ତା୫.୦୪.୨୦୨୪ରିଖରେ କାରଣ ଦର୍ଶାଅ ନୋଟିସ ପଠାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏହି ଘଟଣାରେ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ତେଣୁ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଏସମ୍ପର୍କରେ ଆଳି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାପାଳ ଓ ମହିଳା ଏବଂ ଶିଶୁ ବିକାଶ ବିଭାଗର ଶାସନ ସଚିବଙ୍କୁ ଏସମ୍ପର୍କରେ ବାରମ୍ବାର ଅଭିଯୋଗ ଓ ଅବଗତ କରିଥିଲେ ମଧ କୌଣସି ସୁଫଳ ପାଇନଥିଲେ। ଫଳରେ ଏନେଇ ଓଡିଶା ଉଚ୍ଚ ନ୍ୟାୟାଳୟରେ ଶ୍ରୀ ଆଚାର୍ଯ୍ୟ ଡବ୍ଲୁପିସି ନଂ- ୩୧୩୯୯/୨୦୨୫ରେ ଏକ ରିଟପିଟିସନ ଦାୟର କରିଥିଲେ। ସେହି ରିଟପିଟିସନର ବିଚାର କରି ଉଚ୍ଚ ନ୍ୟାୟାଳୟ ଉପରୋକ୍ତ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶ୍ରୀ ଅଖଣ୍ଡ କୋର୍ଟରେ ମକ୍କଦ୍ଦମା ପରିଚାଳନା କରୁଥିଲେ।

## ପୌରସଂସ୍ଥା ଡମ୍ପିଂୟାର୍ଡ ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା,୨୬।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳର ହଜାରି ବଗିଚା ଠାରେ ଥିବା ପୌରସଂସ୍ଥା ପରିଚାଳିତ ଡମ୍ପିଂୟାଡ ଅବସ୍ଥା ଅନୁଧ୍ୟାନ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ପ୍ରମୁଖଖ ଘଟଣାସ୍ଥଳ ପରିଦର୍ଶନ କରି ଏହାର ଅବସ୍ଥା ସୁଧାରିବା ପାଇଁ ଅନୁଧ୍ୟାନ କରିଛନ୍ତି। ଏହି ଡମ୍ପିଂୟାଡ ଯୋଗୁ ସ୍ଥାନୀୟ ଅଂଚଳରେ ପରିବେଶ ପ୍ରଦୂଷିତ ହେବା ସହ ଏହା ନିକଟରେ କବାଡିଆ ମାନେ ସେମାନଙ୍କ ବର୍ଯ୍ୟବସ୍ତୁ ତଥା ପ୍ଲାଷ୍ଟିକ ସାମଗ୍ରୀ ଜରି ଓ ଅନ୍ୟ ସାମଗ୍ରୀ ଗୁଡିକୁ ବିନା ଅଣୁମତି ରେ ଜମା କରୁଥିବାରୁ ପରିବେଶ ଅଧିକ ବିଷାକ୍ତ ହେବା ସହ ଏଥିରୁ ଦୁର୍ଗନ୍ଧ ବାହାରି ସ୍ଥାନୀୟ ଅଂଚଳର ବାୟୁ ମଣ୍ଡଳକୁ ପ୍ରଦୂଷିତ କରୁଛି। ଏନେଇ ସ୍ଥାନୀୟ ବାସିନ୍ଦା ମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଜିଲ୍ଲାପାଳ ଶ୍ରୀ ଆୟାର ଏହାକୁ ଅନୁଧ୍ୟାନ କରି ଡମ୍ପିଂୟାଡ ର ସୁରକ୍ଷା ପାଚେରୀକୁ ଅଧିକ ଉଚ୍ଚ କରିବା ଓ କବାଡିଆ ମାନଙ୍କୁ ଏଠାରେ ବର୍ଯ୍ୟ ସାମଗ୍ରୀ ନ ପକାଇବା ପାଇଁ ତାଗିଦ କରିବା ଓ ପୌରସଂସ୍ଥାର ବର୍ଯ୍ୟପ୍ରକ୍ରିୟା କରଣ ସୁବ୍ୟବସ୍ଥିତ ଢଙ୍ଗରେ କରିବା ପାଇଁ ନିର୍ବାହୀ ଅଧିକାରୀ ଶ୍ରୀ ଗିରିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## କର୍କଟ ପୀଡ଼ିତ ଅକ୍ଷୟଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

● ଇଛା ମୃତ୍ୟୁ ପାଇଁ କରିଥିଲେ ନିବେଦନ



**ମାର୍ଶାଘାଇ,୨୬।୮(ସଂଚାର ବ୍ୟୁରୋ):** କର୍କଟ ରୋଗରେ ପୀଡିତ ହୋଇ ସରକାରଙ୍କୁ ଇଛା ମୃତ୍ୟୁ ପାଇଁ ଆକୁଳ ନିବେଦନ କରିଥିବା ଅକ୍ଷୟ ପତିଙ୍କ ନିକଟରେ ପହଞ୍ଚିଛି ଜିଲ୍ଲା ପ୍ରଶାସନ। ତାଙ୍କୁ ଉଦ୍ଧାର କରିବା ସହିତ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ମାର୍ଶାଘାଇ ବ୍ଲକ୍ ଶିଳିପୁର ପଞ୍ଚାୟତ ଅଧୀନ ସଙ୍ଗ୍ରାମପୁର ଶାସନ ଗ୍ରାମର ଲକ୍ଷ୍ମୀଧର ପତିଙ୍କ ପୁଅ ଅକ୍ଷୟ ପତି ଦୀର୍ଘ ଦେଢ଼ ବର୍ଷ ହେବ କର୍କଟ ରୋଗରେ ପୀଡିତ ହୋଇ ଏକ ପରିତ୍ୟକ୍ତ ସ୍ଥାନରେ ଜରିପାଲ ତଳେ ରହିଆସୁଥିଲେ। ତାଙ୍କ ଗୋଡରେ ଏକ ଘାଆ ହୋଇ ତାହା କର୍କଟରେ ପରିଣତ ହୋଇଥିଲା। ଅସହାୟ ଭାବରେ ପଡିରହି ଈଛା ମୃତ୍ୟୁ ପାଇଁ ସରକାରଙ୍କୁ ଆକୁଳ ନିବେଦନ କରିଥିଲେ।

## ମାନବିକତା ଭୁଲିଲେ ଥାନାଧିକାରୀ

# ବିଜେପି ନେତ୍ରୀଙ୍କୁ ଅଶ୍ଳୀଳ ଭାଷାରେ କଲେ ଗାଳି

**କେନ୍ଦ୍ରାପଡ଼ା,୨୬।୮(ସଂଚାର ବ୍ୟୁରୋ):** ଜଣେ ଅନୁସୂଚିତ ଜାତିର ମହିଳାଙ୍କୁ ହଇରାଣ ହରକତ କରିବା ଓ ତାଙ୍କ ସପକ୍ଷରେ ସାକ୍ଷୀ ଦେଇଥିବା ଯୁବକଙ୍କୁ ମୁଣ୍ଡ ଫଟାଇ ଦେଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜକନିକା ଥାନାଧିକାରୀ ସଞ୍ଜୟ ମଲ୍ଲିକଙ୍କୁ ଫୋନରେ ନିବେଦନ କରିଥିବା ବିଜେପି ନେତ୍ରୀଙ୍କୁ ଥାନାଧିକାରୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଛନ୍ତି। ଏହାକୁ ନେଇ ବିଜେପି ନେତ୍ରୀ ସୁଜାତା ବାରିକ ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କ ନିକଟରେ ଅଭିଯୋଗ କରିଛନ୍ତି।





ରାଜକନିକା ବ୍ଲକର ବିଜେପିନେତ୍ରୀ ଶ୍ରୀମତୀ ବାରିକ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ ରାଜକନିକା ଥାନା ଅନ୍ତର୍ଗତ ପେଗରପଡା ଗ୍ରାମର ସ୍ୱର୍ଗତ ଋଷି ମଲିକଙ୍କ ପତ୍ନୀ ମଲ୍ଲି ମଲିକ ଜୁଲାଇ ମାସ ୨୫ତାରିଖ ମଧାହ୍ନ ୧୨ଟାରେ ତାଙ୍କ ଦୋକାନରୁ ଚୋରି ହୋଇଥିବା ନେଇ ରାଜକନିକା ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ଥାନାଧିକାରୀ ତାଙ୍କ ଠାରୁ ଅଭିଯୋଗ ରଖିନଥିଲେ। ପରନ୍ତୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କ ନାମରେ ମିଛ କେଶ କରି ହାଜତରେ ବାନ୍ଧି ପୁରାଇଦେବାକୁ ଧମକ ଦେଇଥିଲେ। ଏଥିସହିତ ଅଭିଯୋଗକାରୀଙ୍କ ସପକ୍ଷରେ ସାକ୍ଷୀ ଦେଇଥିବା ଅଶ୍ୱିନୀ ବାରିକଙ୍କୁ ମଧ ଗୁଣ୍ଡା ଲଗାଇ ଥାନାଧିକାରୀ ମାଡମାରି ମୁଣ୍ଡ ଫଟାଇଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ।

ଅପରପକ୍ଷରେ ସଂପୃକ୍ତ ମହିଳା ଓ ଆକ୍ରମଣର ଶିକାର ହୋଇଥିବା ଯୁବକ ଆଜି ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ନକଟରେ ଏସମ୍ପର୍କରେ ଅଭିଯୋଗ କରିଛନ୍ତି।




# ପୁରୁଣା ପାଇଖାନାକୁ ନୂଆ ନିର୍ମାଣ ଦେଖାଇ ବିଲ୍

**ରାଜନଗର,୨୬।୮ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଷ୍ଟିସ୍ଥିତ କଞ୍ଚନେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ପୂର୍ବରୁ ଥିବା ପୁରୁଣା ପାଇଖାନାକୁ ନୂଆ ନିର୍ମାଣ ଦର୍ଶାଇ ସରକାରୀ ଅର୍ଥ ଲୁଟିବାକୁ ବିଲ କରାଯାଇଥିବା ଅଭିଯୋଗ ହୋଇଛି। ଆଜି ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଏନେଇ ରାଜନଗର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାଁରେ ଥିବା କାର୍ଯ୍ୟାଦେଶକୁ ବଦଳାଇ ଯନ୍ତ୍ରୀଙ୍କ ନାଁରେ କାର୍ଯ୍ୟାଦେଶ କରି ସରକାରୀ ଅର୍ଥ ଲୁଟି ନେବାକୁ ଫଲସ ବିଲ କରାଯାଇଥିବା ନେଇ ଅଭିଯୋଗ ହୋଇଛି।

ସୂଚନା ମୁତାବକ କୁରୁଷ୍ଟିସ୍ଥିତ କଞ୍ଚନେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ୨୦୧୯ ମସିହାରେ ପାଇଖାନା ନିର୍ମାଣ ହୋଇଥିଲେ ମଧ କବାଟ ଲାଗିନଥିଲା। ୨୦୨୧-୨୨ ମସିହାରେ ଏନେଇ ଅର୍ଥ ଯୋଗାଇ ଦିଆଯାଇଥିଲା। ମାତ୍ର ସେ ଅର୍ଥରେ କାମ ହୋଇନଥିଲା। ୬ ମାସ ତଳେ ପୁରୁଣା ପାଇଖାନାରେ ଦୁଇଟି କବାଟ, ଦୁଇଟି ଇଣ୍ଡିଆନ ପ୍ୟାନ ଲଗାଇ, ଅଳ୍ପ ଟାଇଲ ବିଛାଇ ରଙ୍ଗ ମରାଯାଇଥିଲା। ମାତ୍ର ଦୁଇଟି ସମ୍ପୂର୍ଣ୍ଣ ନୂଆ ପାଇଖାନା ନିର୍ମାଣ ହୋଇଥିବା ଦର୍ଶାଇ ୧ ଲକ୍ଷ ୬୮ ହଜାର ଟଙ୍କା ବିଲ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ତୁରନ୍ତ ତଦନ୍ତ କରି ଫଲସ ବିଲ କରିଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ ବ୍ଲକ ସମ୍ମୁଖରେ ଛୋଟ ଛୋଟ ଶିଶୁଙ୍କୁ ନେଇ ଧାରଣାରେ ବସିବୁ ବୋଲି ତ୍ରିଲୋଚନ ଖଟୁଆ, ପ୍ରମିଳା ସେଠୀ, ସେହ୍ନଲତା ଜେନା, ମିନାକ୍ଷୀ ଜେନା, କବିତା ଜେନା ପ୍ରମୁଖ ରାଜନଗର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଓଡ଼ିଶା ଗସ୍ତରେ କର୍ଣ୍ଣାଟକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ



**ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ):** କର୍ଣ୍ଣାଟକ ସରକାରଙ୍କ ଏକ ୨୨ଜଣିଆ ପ୍ରତିନିଧି ଦଳ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ବିଶ୍ୱ ଦକ୍ଷତା କେନ୍ଦ୍ର ଓ ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ଉତ୍କର୍ଷ ପାଇଁ ପ୍ରଦାନ କରାଯାଉଥିବା ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ବୁଲି ଦେଖିବା ସହ ଏହାକୁ ପ୍ରଶଂସା କରିଛନ୍ତି। ରାଜ୍ୟ ସରକାରଙ୍କର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଆଜି ଖାରବେଳ ଭବନଠାରେ କର୍ଣ୍ଣାଟକ ସରକାରଙ୍କ ଉକ୍ତ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ଉଲ୍ଲେଖନୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି। କର୍ଣ୍ଣାଟକର ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଏମ୍‌ସି ସୁଧାକର ଓ ଡାକ୍ତରୀ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋଗିକତା ଓ ଜୀବିକା ନିର୍ବାହ ମନ୍ତ୍ରୀ ଡାକ୍ତର ଶରଣ ପ୍ରକାଶ ଆର୍ ପାଟିଲଙ୍କ ନେତୃତ୍ୱରେ ଆସିଥିବା ଏହି ଦଳ କର୍ଣ୍ଣାଟକରେ କିଭଳି ଓଡ଼ିଶା ପରି ଅଭିନବ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେବ, ସେନେଇ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ କର୍ଣ୍ଣାଟକ ସରକାରଙ୍କର ଏହି ପ୍ରତିନିଧିମଣ୍ଡଳୀଙ୍କ ଓଡ଼ିଶା ଗସ୍ତ ନିଶ୍ଚିତ ଏକ ଦୃଢ଼ ଓ ଦକ୍ଷତାସମ୍ପନ୍ନ ଇକୋସିଷ୍ଟମ ଗଠନରେ ରାଜ୍ୟର ନିରନ୍ତର ପ୍ରୟାସର ସଫଳତାକୁ ପ୍ରତିଫଳିତ କରୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଲୋକଙ୍କ ସରକାର ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି ଲକ୍ଷ୍ୟକେନ୍ଦ୍ରିତ ପଦକ୍ଷେପ ନିଶ୍ଚିତ ଭାବେ ଆଗାମୀ ଦିନରେ ତ୍ୱରାନ୍ୱିତ ହେବ। ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ଓଡ଼ିଶାରୁ ଦକ୍ଷ କର୍ମଶକ୍ତି ସୃଷ୍ଟି କରିବା ଆମର ଦୃଷ୍ଟିକୋଣ ହୋଇଥିବା ବେଳେ ଏହି ଯାତ୍ରାରେ ଆମେ ନବସୃଜନ, ଶିଳ୍ପ ସହଯୋଗ ଓ ଯୁବପିଢ଼ିଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରୁଛୁ।

### ଅନୁଧ୍ୟାନ କଲେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ
### ଦକ୍ଷତା ବିକାଶ କ୍ଷେତ୍ରରେ ପ୍ରଦର୍ଶନକୁ ପ୍ରଶଂସା


ଏହି ପ୍ରତିନିଧିମଣ୍ଡଳୀରେ ବିଭିନ୍ନ ଶିଳ୍ପାନୁଷ୍ଠାନର ପ୍ରତିନିଧିଙ୍କ ସହ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଲୋଚନାରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଦକ୍ଷତା ବିକାଶ ଓ ନିଯୁକ୍ତି ନିର୍ଦ୍ଦେଶକ ରଶ୍ମିତା ପଣ୍ଡା ଓ ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର ମଧ୍ୟ ଉପସ୍ଥିତ ଥିଲେ।

## ଘଟଗାଁ ମା' ତାରିଣୀ ପୀଠ ସମନ୍ୱିତ ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ତିନିପଟୁ ମନ୍ଦିରକୁ ସଂଯୋଗ କରିବ ରାସ୍ତା

- ଆଲୋଚନାରେ ସାମିଲ୍ ହେଲେ ସ୍ଥାନୀୟ ବୁଦ୍ଧିଜୀବୀ
- ଯଜ୍ଞ ମଣ୍ଡପ, କଲ୍ୟାଣ ମଣ୍ଡପ ଓ କୋଣାର୍କ ଢାଞ୍ଚାରେ ହେବ ବ୍ୟାଖ୍ୟାନ କେନ୍ଦ୍ର

**ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ମା ତାରିଣୀଙ୍କ ପୀଠର ସମନ୍ୱିତ ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଘଟଗାଁ ମା' ତାରିଣୀ ମନ୍ଦିରର ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ୨୧୫ କୋଟି ଟଙ୍କା ବିନିଯୋଗ କରାଯିବ। ଆଜିର ସମୀକ୍ଷା ବୈଠକରେ ମନ୍ଦିରର ଚତୁଃପାର୍ଶ୍ୱ ଅଞ୍ଚଳର ବିକାଶ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତାମତ ନିଆଯାଇଥିଲା। ଭକ୍ତ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ସୁବିଧା ଦୃଷ୍ଟିରୁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ମନ୍ଦିର ଚତୁଃପାର୍ଶ୍ୱର ଉନ୍ନତି ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ମତାମତ ନେବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଆଜି ହୋଇଥିବା ଆଲୋଚନା ଅନୁସାରେ, ମା'ଙ୍କ ମନ୍ଦିରକୁ ହରିଚନ୍ଦନପୁର ପଟୁ, କେନ୍ଦୁଝର ପଟୁ ଓ ପାଣିକୋଇଲି ପଟୁ ୩ଟି ରାସ୍ତାର ବିକାଶ କରାଯିବ। ଏହି ୩ ରାସ୍ତାରେ ପାର୍କିଂ, ଭୋଗ ଦୋକାନ ଓ ଅନ୍ୟାନ୍ୟ ଯାତ୍ରୀ ସୁବିଧା ଉପଲବ୍ଧ କରାଯିବ। ସମସ୍ତ ରାସ୍ତାରେ ସୁଦୃଶ୍ୟ ତୋରଣ ନିର୍ମାଣ କରାଯିବା ମନ୍ଦିର ନିକଟରେ ଏକ ବଡ଼ ଯଜ୍ଞମଣ୍ଡପ ତଥା କଲ୍ୟାଣ ମଣ୍ଡପ ନିର୍ମାଣ ହେବା ମା'ଙ୍କ ମହିମା ଓ ମା'ଙ୍କ ପୀଠ ସ୍ଥାପନର କିମ୍ବଦନ୍ତୀକୁ ପ୍ରଦର୍ଶିତ କରିବା ପାଇଁ କୋଣାର୍କ ଢାଞ୍ଚାରେ ଏକ ବଡ଼ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି। ଏଥିସହ ମନ୍ଦିର ନିକଟରେ ପ୍ରସ୍ତାବିତ ଯାତ୍ରୀନିବାସର ଭବିଷ୍ୟତ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ମନ୍ଦିର ନିକଟରେ ସୁବ୍ୟବସ୍ଥିତ ଭୋଗ ଓ ଅନ୍ୟାନ୍ୟ ଦୋକାନ ନିର୍ମାଣ ସହ ଘଟଗାଁରେ ଥିବା ସରକାରୀ ଡାକବଙ୍ଗଳାର ଉନ୍ନତିକରଣ ଉପରେ ମଧ୍ୟ ଆଲୋଚନା ହୋଇଛି। ଆଜି ବୈଠକରେ ସ୍ଥାନୀୟ ବୁଦ୍ଧିଜୀବୀ ଦେଇଥିବା ମତାମତ ଓ ପରାମର୍ଶ ଅନୁଯାୟୀ ପ୍ଲାନରେ ସଂଶୋଧନ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ, ଏଣ୍ଡାଓମେଣ୍ଟ କମିଶନର, ଓବିସିସିର ସର୍ବୋଚ୍ଚ ଯନ୍ତ୍ରୀ ତଥା ପରିଚାଳନା ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଓ ଘଟଗାଁ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।



# ପୂର୍ବତଟ ରେଳପଥର ରକ୍ତଦାନ ଶିବିର ଆୟୋଜିତ

**ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱରର ପୂର୍ବତଟ ରେଳବାଇ କେନ୍ଦ୍ରୀୟ ହସ୍ପିଟାଲଠାରେ ରୋଟାରୀ କ୍ଲବ୍ ସହଯୋଗରେ ଏକ ସଫଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଯୋଗ ଦେଇଥିବା ୪୩ ଜଣ ରକ୍ତଦାତା, ସ୍ୱେଚ୍ଛାସେବୀ ଓ ଚିକିତ୍ସା ବୃତ୍ତିଗତଙ୍କ ନିଃସ୍ୱାର୍ଥ ସମର୍ପଣ ଏହି କାର୍ଯ୍ୟକ୍ରମକୁ ଏକ ଜୀବନ ରକ୍ଷାକାରୀ ପଦକ୍ଷେପ ଭାବେ ପ୍ରମାଣିତ କରିଛି। ସମସ୍ତ ଅଂଶଗ୍ରହଣକାରୀଙ୍କ ସମର୍ପଣ ଓ ଦାନଶୀଳତା ଆବଶ୍ୟକ ଲୋକଙ୍କୁ ସହାୟତା କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି, ଯାହା ସାମୂହିକ କାର୍ଯ୍ୟ ସମ୍ପ୍ରଦାୟରେ କିପରି ପାର୍ଥକ୍ୟ ଆଣିପାରେ, ତା' ଉପରେ ଆଲୋକପାତ କରିଛି। କେନ୍ଦ୍ରୀୟ ହସ୍ପିଟାଲର ଚିକିତ୍ସା ନିର୍ଦ୍ଦେଶକ ଡକ୍ଟର ସତୀଶ ପ୍ରଧାନଙ୍କ ଦ୍ୱାରା ଶିବିରଟି ଉଦଘାଟନ କରାଯାଇଥିଲା, ଯେଉଁଥିରେ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଭୁବନେଶ୍ୱରର ରୋଟାରୀ କ୍ଲବର ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ସହ ଅଭିଯାନକୁ ସଫଳ କରିବାରେ ସହାୟତା କରିଥିଲେ।




# ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଏକ୍ସଲେନ୍ସର ସ୍ୱନକ୍ଷତ୍ର ଦିବସ



**ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ):** ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଏକ୍ସଲେନ୍ସର ତ୍ରୟୋଦଶ ଅଧୀଷ୍ଠାନ ଓ ସ୍ୱନକ୍ଷତ୍ର ଦିବସ ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଓ ଉପ ପ୍ରାନ୍ତପାଳ ରୋଟାରିଆନ ଡଃ ଆରତୀ ବିଶ୍ୱାଳ ଓ ଜୋନାଲ ଚେୟାର ଅଜିତ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ପ୍ରାନ୍ତଃପାଳଙ୍କ ମଧ୍ୟରେ ସୌମ୍ୟରଞ୍ଜନ ମିଶ୍ର, ଶିବବ୍ରତ ଦାଶ, ଅଶ୍ୱିନୀ କର, ଭବାନୀ ପ୍ରସାଦ ଚୌଧୁରୀ ଉପସ୍ଥିତ ଥିଲେ। ଏହି ଅଧିଷ୍ଠାନ ଉତ୍ସବରେ ରୋଟାରୀ ବର୍ଷ ୨୦୨୪-୨୫ର ସଭାପତି ରୋଟାରିଆନ୍ ଆଶୁତୋଷ ଦାଶ ରୋଟାରୀ କଲାର ଓ ବ୍ୟାଟନ ୨୦୨୫-୨୬ ବର୍ଷର ସଭାପତି ଭାବେ ନିର୍ବାଚିତ ରୋଟାରିଆନ୍ ରଶ୍ମି ରଞ୍ଜନ ମହାନ୍ତି ଓ ସେକ୍ରେଟାରୀ ଦିଲୀପ ଦାଶଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ପ୍ରମୁଖ ରୋଟାରୀ କ୍ଲବର ସଭାପତି ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ନୂତନ ସଭାପତି ରଶ୍ମି ରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ସଭାପତି ଆଶୁତୋଷ ଦାଶ ୨୦୨୪-୨୫ ରୋଟାରୀ ବର୍ଷରେ ଉତ୍ତମ କାର୍ଯ୍ୟ ପାଇଁ ୮ ଜଣ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭା କାର୍ଯ୍ୟକ୍ରମକୁ ଚାର୍ଟର୍ଡ ସଭାପତି ସିଦ୍ଧାର୍ଥ ତିଓ୍ୱାରୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ୫ ଜଣ ନୂତନ ସଦସ୍ୟଙ୍କୁ ପୂର୍ବତନ ପ୍ରାନ୍ତପାଳ ରୋଟାରୀ ନିୟମାବଳୀର ଶପଥ ପାଠ କରାଇ କ୍ଲବ୍‌ରେ ସାମିଲ କରିଥିଲେ। କାର୍ଯ୍ୟକ୍ରମକୁ ରୋଟାରିଆନ୍ ବିଜୟ କୁମାର ପାତ୍ର, ଅଜୟ କୁମାର ଚୌଧୁରୀ, ବିଭୁତି ଭୁଷଣ ମହାପାତ୍ର, ସୁଶାନ୍ତ କୁମାର ମହାପାତ୍ର, ସୁଶାନ୍ତ କୁମାର ପାଣିଗ୍ରାହୀ, ବାଣୀ ସେନଗୁପ୍ତ, ସିନେ କଳାକାର ଅନୁ ଚୌଧୁରୀ, ବୃନ୍ଦାବନ ଦଳବେହେରା, ଜିତନ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମନୋରଞ୍ଜନ ମିଶ୍ର ସାମ୍ପ୍ରତିକ ପରିସ୍ଥିତିରେ ଜନସାଧାରଣଙ୍କ ନିମନ୍ତେ ଡିଜିଟାଲ ସାକ୍ଷରତା ଓ ଅର୍ଥନୈତିକ ସାକ୍ଷରତା ଉପରେ ଆଲୋକପାତ କରିଥିଲେ।

# 'ଆମ ଶାସନ' '୫-ଟି ଓ ମୋ ସରକାର' ବ୍ୟବସ୍ଥାର କପିପେଷ୍ଟ: ବିଜେଡି




**ଭୁବନେଶ୍ୱର,୨୬।୮ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଆରମ୍ଭ ହୋଇଥିବା 'ଆମ ଶାସନ' ବ୍ୟବସ୍ଥା, ପୂର୍ବ ସରକାରଙ୍କ ଦ୍ୱାରା ୨୦୧୯ରୁ କାର୍ଯ୍ୟକାରୀ ହୋଇଆସୁଥିବା '୫-ଟି ଓ ମୋ ସରକାର' ବ୍ୟବସ୍ଥାର କପି ପେଷ୍ଟ ବୋଲି ଅଭିଯୋଗ କରିଛି ବିଜେଡି। ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରିବା ସମୟରେ ବିଜେପି ଏହି ବ୍ୟବସ୍ଥାକୁ ସମାଲୋଚନା କରିଆସୁଥିବା ବେଳେ କ୍ଷମତାକୁ ଆସିବାର ୧୪ ମାସ ଭିତରେ ସମାନ ବ୍ୟବସ୍ଥାକୁ କେବଳ ନାମ ବଦଳାଇ ଲାଗୁ କରିଛି। ଅର୍ଥାତ୍ କ୍ଷମତାକୁ ଆସିବା ପରେ ବିଜେପି '୫-ଟି ଓ ମୋ ସରକାର' ବ୍ୟବସ୍ଥାର ଉପାଦେୟତାକୁ ସରକାର ସ୍ୱୀକାର କରିଛି ବୋଲି ସ୍ଥାନୀୟ ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ସେ କହିଛନ୍ତି ଯେ ପୂର୍ବ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଅନେକ ଲୋକପ୍ରିୟ ଯୋଜନାର କେବଳ ନାମ ବଦଳାଇବା ସହ ପୂର୍ବ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ସରକାରୀ ଭବନଗୁଡିକର ରଙ୍ଗ ପରିବର୍ତ୍ତନ କରିବା ବିଜେପି ସରକାର ପାଇଁ ପ୍ରାଥମିକତା ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲାଗୁ ହୋଇଥିବା ବିଭିନ୍ନ ଯୋଜନା ଭିତରୁ ୨୪ଟି ଯୋଜନାର ନାମ ପୂର୍ବରୁ ହୋଇସାରିଥିଲା ଓ ଆଜି ଆରମ୍ଭ ହୋଇଥିବା 'ଆମ ଶାସନ' ବ୍ୟବସ୍ଥା ପରେ ଏହି ସଂଖ୍ୟା ୨୫ରେ ପହଞ୍ଚିଛି। ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୧୯ ଗାନ୍ଧୀ ଜୟନ୍ତୀରେ ଆରମ୍ଭ ହୋଇଥିବା '୫-ଟି-ମୋ ସରକାର' ବ୍ୟବସ୍ଥା ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ସଂସ୍ଥା ନୀତି ଆୟୋଗ ଏହାକୁ ପ୍ରଶଂସା କରିଥିବା ବେଳେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଜିତେନ୍ ସିଂ ବି ପ୍ରଶଂସା କରିବା ସହ ଏହାକୁ ଅନ୍ୟ ରାଜ୍ୟ ବି ଲାଗୁ କରିବା କଥା କହିଥିଲେ।

# ନୂଆଁଖାଇ ଦିନ 'ଗୁରସ ରୁକା' ପାଇଁ ଲଗ୍ନ ଧାର୍ଯ୍ୟ

**ସମ୍ବଲପୁର,୨।୮ (ସଂଚାର ବ୍ୟୁରୋ):** ଅଗଷ୍ଟ ମାସ ୨୮ ତାରିଖ ଗୁରୁବାର ଦିନ ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଅର୍ଥାତ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ 'ଗୁରସ ରୁକା' ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ଏହି ଦିନ ସକାଳ ୫ଟା ୩୬ ମି. ରୁ ୭ ଟା ୧୭ ମି. ଏବଂ ଦିନ ୧୦ ଟା ୩୯ ମି. ରୁ ଦିନ ୧ ଟା ୧୧ ମି. ଶୁଭଯୋଗ ରହିଛି। ଏଣୁ ସମସ୍ତ ଚାଷୀ କୁଳ ନିଜ ନିଜ ଧାନ କ୍ଷେତରେ କିମ୍ବା ଘରେ ନିଜ ନିଜର ଇଷ୍ଟଦେବୀଙ୍କୁ ଗୁରସରେ ସ୍ନାନ କରିପାରିବେ ।

ଆଜି ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପଣ୍ଡିତ ଉପେନ୍ଦ୍ର ନାରାୟଣ ଭୋଇ ଏବଂ ପୂଜକ ଦେବୀ ପ୍ରସାଦ ଭୋଇ ଲଗ୍ନ ନିର୍ଧାରଣ କରିଛନ୍ତି। 'ଗୁରସ ରୁକା' ପରମ୍ପରାରୁ ହିଁ ମହାନ୍ କୃଷିଭିତିକ ଗଣପର୍ବ 'ନୂଆଁଖାଇ' ପାଳନ ର ପୂଜନୋତ୍ସବ ଆରମ୍ଭ ହୋଇଥାଏ।

ନୂଆଁଖାଇ ଦିନରେ ସମ୍ବଲପୁର ସମେତ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟ ରାୟଗଡ଼, ଅମ୍ବିକାପୁର, ରାୟପୁର, ମହାସମୁନ୍ଦ ଆଦି ଜିଲ୍ଲାରେ ନୂଆଁଖାଇ ପର୍ବ ରେ 'ଗୁରସ ରୁକା' ପରମ୍ପରା ମଧ୍ୟ ଅନୁଷ୍ଠିତ ହୋଇ ଆସୁଛି। ଏହି କୃଷିଭିତିକ ଗଣପର୍ବ 'ନୂଆଁଖାଇ' ରେ 'ଗୁରସ ରୁକା' ପରମ୍ପରା ହେଉଛି ବିଶ୍ୱ ବ୍ରହ୍ମାଣ୍ଡକୁ ଶସ୍ୟ ଶ୍ୟାମଳା କରି ଖାଦ୍ୟ ଯୋଗାଉ ଥିବା ସମସ୍ତ ଅର୍ଣ୍ଣଦାତାଙ୍କ ଅନନ୍ୟ ପରମ୍ପରାର ପ୍ରତୀକ।

# ସି-ପ୍ଲେନ୍ ପାଇଁ ଅନୁମତି ମିଳିବା ନେଇ ସନ୍ଦେହ

**ଭୁବନେଶ୍ୱର,୨୬।୮:** ପ୍ରସ୍ତାବିତ ପୁରୀ ବିମାନବନ୍ଦରକୁ ଚୂଡାନ୍ତ ସବୁଜ ସଙ୍କେତ ମିଳିପାରିନଥିବାବେଳେ ଏବେ ରାଜ୍ୟ ସରକାର ଚିଲିକାରେ 'ସି-ପ୍ଲେନ୍' ସେବାପାଇଁ ପୁଣିଥରେ ଯେଉଁ ପ୍ରସ୍ତାବ ରଖିଛନ୍ତି ତାହାକୁ ପରିବେଶ ଅନୁମତି ମିଳିବ କି ନାହିଁ ସେଥିଘେନି ସନ୍ଦେହ ଉପୁଜିଛି। ଚିଲିକା ମତ୍ସ୍ୟଜୀବୀ ମହାସଂଘ ସମେତ ଚିଲିକା ଆଖପାଖରେ ବହୁ ସଂସ୍ଥା ଓ ପରିବେଶପ୍ରେମୀମାନେ ଚିଲିକାର ସି-ପ୍ଲେନ୍ ସେବାକୁ ବହୁ ପୂର୍ବରୁ ବିରୋଧକରି ଆସୁଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଏହି ପ୍ରସ୍ତାବ ଉଠିବାମାତ୍ରେ ଦଳମତ ନିର୍ବିଶେଷରେ ବ୍ୟାପକ ବିରୋଧ ହୋଇଥିଲା। ସେହିଭଳି ଗତ ସରକାର ସମୟରେ ପୁରୀରେ ବିମାନବନ୍ଦର ପାଇଁ ଯେଉଁ ପ୍ରସ୍ତାବ ଥିଲା ତାହାକୁ ଅଦ୍ୟାବଧି ସମ୍ପୂର୍ଣ୍ଣ ମଞ୍ଜୁରୀ ମିଳିନଥିବାରୁ କାମ ଆରମ୍ଭ ହୋଇପାରୁ ନାହିଁ। ଚିଲିକା ମତ୍ସ୍ୟଜୀବୀ ମହାସଂଘର କିଛି କର୍ମକର୍ତ୍ତା ଅଭିଯୋଗ କରୁଛନ୍ତି ଯେ ଏହି ହ୍ରଦରେ ମୋଟର ଚାଳିତ ଡଙ୍ଗା ମାଧ୍ୟମରେ ଯାତ୍ରୀ ଓ ପର୍ଯ୍ୟଟକ ପରିବହନ କରାଯାଉଥିବାରୁ ଏଥିରୁ ନିର୍ଗତ ତେଲ ପଡି ଏବଂ ଶବ୍ଦ ପ୍ରଦୂଷଣ ଯୋଗୁଁ ମାଛ, କଙ୍କଡା ଉତ୍ପାଦନ ବ୍ୟାହତ ହେବା ସଙ୍ଗେ ସଙ୍ଗେ ପକ୍ଷୀମାନଙ୍କ ନିରାପଦ ଆଶ୍ରୟସ୍ଥଳୀଗୁଡିକ ମଧ୍ୟ ବିପଦର ବଳୟ ମଧ୍ୟକୁ ଚାଲିଯାଉଛି। ଏକଦା ପାଖାପାଖି ଦେଢ ହଜାର ବର୍ଗକିଲୋମିଟର ପରିମିତ ଅଞ୍ଚଳର ଚିଲିକା ହ୍ରାଦ ଏବେ ସଙ୍କୁଚିତ ହୋଇ ହୋଇ ହଜାରେ ବର୍ଗ କିମିରୁ ବି କମ୍ ହୋଇଗଲାଣି। ଏଭଳି ସ୍ଥିତିରେ ଚିଲିକା ଆଖିପାଖର ଯେଉଁ ମତ୍ସ୍ୟଜୀବୀ ପରିବାରଗୁଡିକ ସେମାନଙ୍କ ଜୀବିକା ପାଇଁ ଚିଲିକାର ମାଛ, ଚିଙ୍ଗୁଡି ଓ କଙ୍କଡା ଉପରେ ନିର୍ଭର କରୁଥିଲେ ସେମାନେ ବାଧ୍ୟହୋଇ ଭିଟାମାଟି ଛାଡି ଦାଦନ ଖଟିବାକୁ ଯାଉଛନ୍ତି। ଏହି ପୃଷ୍ଠଭୂମିରେ ପର୍ଯ୍ୟଟକଙ୍କୁ ମଜା ଦେବା ପାଇଁ ଚିଲିକାର ଜଳ ରାଶି ଉପରେ ବିମାନ ଅବତରଣ କଲେ ତାହା ହ୍ରଦର ଜୈବ ବିବିଧତାକୁ ନଷ୍ଟ କରିବା ସହ ଭବିଷ୍ୟତ ପାଇଁ ବିପଦ ଡାକି ଆଣିବ। କେବଳ ସେତିକି ନୁହେଁ, ଏଥିଯୋଗୁଁ ଡଲଫିନ୍ ଓ ପକ୍ଷୀମାନେ ବି ବିପଦରେ ପଡିବେ। ଏହି ପରିପ୍ରେକ୍ଷୀରେ ଚିଲିକାକୁ ଘେରିମୁକ୍ତ କରିବା ସହ ପ୍ରଦୂଷଣ ଦାଉରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଉପକୂଳ ରାଜପଥ ନାମରେ ଚିଲିକା ଉପରେ ପୋଲ ନିର୍ମାଣ ନ କରିବା ଏବଂ ଏଠାରେ ସି-ପ୍ଲେନ ସେବା ଆରମ୍ଭ ନ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ସେହିଭଳି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବିମାନବନ୍ଦର କରାଗଲେ ତା'ର ପରିବେଶ ଉପରେ ବ୍ୟାପକ ପ୍ରତିକୂଳ ପ୍ରଭାବ ପଡିବ ଏବଂ ଏଥିଯୋଗୁଁ ଶ୍ରୀମନ୍ଦିରର ନିରାପତ୍ତା ପାଇଁ ମଧ୍ୟ ପ୍ରଶ୍ନବାଚୀ ଉଠିବ ବୋଲି ପରିବେଶବିତ୍ ଓ ପ୍ରାଚୀନ କିର୍ତ୍ତୀରାଜି ସଂରକ୍ଷଣ ସହ ଜଡ଼ିତ ଅନେକ ଗବେଷକ କହିଛନ୍ତି। (ତଥ୍ୟ)

# ଆନ୍ଦୋଳନ ସ୍ଥଗିତ ରଖିଲା ରାଜସ୍ୱ ଅମଲା ସଂଘ

**ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ):** ଆନ୍ଦୋଳନ ସ୍ଥଗିତ ରଖିଲା ରାଜସ୍ୱ ଅମଲା ସଂଘ। ସରକାରଙ୍କ ପ୍ରତିଶୃତି ପରେ ହଟିଲା ଆନ୍ଦୋଳନ। ୧୫ ଦିନ ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଆଜିଠୁ କାର୍ଯ୍ୟରେ ଯୋଗଦେବେ ଅମଲା କର୍ମଚାରୀ । ବନ୍ୟା ସ୍ଥିତି ଓ ପାର୍ବଣକୁ ଦୃଷ୍ଟିରେ ରଖି ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଗତକାଲି ମୁଖ୍ୟ ସଚିବଙ୍କ ସହ ଆଲୋଚନା ହୋଇଥିଲା। ଏଥିସହ ବନ୍ୟାସ୍ଥିତି ଓ ପାର୍ବଣକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯାଇଛି। ଗତ ୧୫ ଦିନ ହେବ ୧୦ ଦଫା ଦାବିରେ ଆନ୍ଦୋଳନ କରୁଥିଲେ ରାଜସ୍ୱ ଅମଲା ସଂଘ। ଫଳରେ ଜମିଜମା କାମ ପାଇଁ ଆସୁଥିବା ଲୋକଙ୍କ ପାଇଁ ନାହିଁନଥିବା ସମସ୍ୟା ହେଉଥିଲା। ବାଧ୍ୟ ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ତାଗିଦ୍ କରିଥିଲା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ। ଧାରଣାରେ ଥିବା ରାଜସ୍ୱ କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଥିଲେ। ଏନେଇ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲା ବିଭାଗ। ଛୁଟିରେ ଯାଇଥିବା ସମସ୍ତ କର୍ମଚାରୀଙ୍କ ତାଲିକା ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସାମୂହିକ ଛୁଟିରେ ଯାଇଥିବା କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟନୁଷ୍ଠାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲା ବିଭାଗ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ



**ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ):** ଆଜି ପ୍ରଦେଶ କଂଗ୍ରେସ ଭବନଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରାଯାଇଛି। ମନ୍ତ୍ରୀଙ୍କ ବିରୋଧରେ ଦଳ ଜାତିଗତ ତଥ୍ୟ ଜାଲିଆତି ଅଭିଯୋଗ ଆଣିବା ସହ ଏହି ମାମଲାରେ ମୁଖ୍ୟମନ୍ତ୍ରୀ ତାଙ୍କୁ ବହିଷ୍କାର କରିବାକୁ ଦଳର ବରିଷ୍ଠ ନେତା ଶିବାନନ୍ଦ ରାୟ, ପିସିସି ମୁଖପାତ୍ର ଅଭିଷେକ୍ ମହାନନ୍ଦ, ମୁଖପାତ୍ର ନିଶିକାନ୍ତ ମିଶ୍ର ଓ ବିଭୁତି ମହାପାତ୍ର ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ଜାଲିଆତି ନେଇ ବିଭିନ୍ନ ତଥ୍ୟପ୍ରମାଣ ଉପସ୍ଥାପନ କରାଯାଇଛି। ଏନେଇ ମୁଖପାତ୍ର ଶ୍ରୀ ମହାନନ୍ଦ କହିଛନ୍ତି ଯେ ସ୍ୱାସ୍ଥ୍ୟ ମନ୍ତ୍ରୀ ପୂର୍ବରୁ ଜାଲ୍ ଜାତି ପ୍ରମାଣପତ୍ର ଦେଇ ପାଠ ପଢ଼ିବା ସହ ସରକାରୀ ଚାକିରି କରିବା ଓ ଅନ୍ୟାନ୍ୟ ସରକାରୀ ସୁବିଧା ହାସଲ କରିଥିଲେ। ମନ୍ତ୍ରୀଙ୍କ ଏହି ଜାଲିଆତିକୁ ନେଇ ପାଟଣାଗଡ଼ର ଆଇନଜୀବୀ ଡିଙ୍ଗର କୁମ୍ଭାର କୋର୍ଟଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀଙ୍କ ଏହି କାରସାଦି ଧରାପଡିବା ପରେ ସାରା ରାଜ୍ୟରେ ଆନ୍ଦୋଳନ ହୋଇଥିଲା ଓ କିଛିଦିନ ତଳେ ସେ ନିଜେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମନ୍ତ୍ରୀଙ୍କ ଜାଲିଆତିର ପର୍ଦ୍ଦାଫାସ କରିଥିବା ସେହିପରି ବରିଷ୍ଠ ଆଇନଜୀବୀ ଶ୍ରୀ ରାୟ କହିଛନ୍ତି ଯେ ଏସଡିଜେଏମ କୋର୍ଟ ନିର୍ଦ୍ଦେଶ ଦେବା ପରେ ବି ଥାନାଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଏହା ସିଧାସଳଖ କୋର୍ଟଙ୍କ ନିର୍ଦ୍ଦେଶର ଅବମାନନା। ଗୋଟିଏ ପଟେ କେନ୍ଦ୍ର ବିଜେପି ସରକାର ଅପରାଧିକ ମାମଲାରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଆଦି ପଦବୀ ହରାଇବେ ବୋଲି ଲୋକସଭାରେ ବିଲ ଆଗତ କରିଥିବାବେଳେ ଓଡ଼ିଶାରେ ତାଙ୍କ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନାମରେ ଜାତି ପ୍ରମାଣପତ୍ର ଜାଲିଆତି ମାମଲା ପ୍ରମାଣ ସହ ଜଣାପଡ଼ିବା ପରେ ବି ମୁଖ୍ୟମନ୍ତ୍ରୀ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଶ୍ରୀ ରାୟ ପ୍ରଶ୍ନ କରିଛନ୍ତି।

# ଭିଜିଲାନ୍ସ ହାତରେ ରାଜ୍ୟ ଟିକସ ଅଧିକାରୀ

ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ଜଣେ ବେକେରୀ ଦୋକାନ ଠାରୁ ଟିକସ ପେନାଲଟି ଛାଡ଼ ବାବଦରେ ୨୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରାଜ୍ୟ ଟିକସ ଅତିରିକ୍ତ କମିଶନର ତଥା ବରିଷ୍ଠ ଓଏଫଏସ ଅଫିସର ସରିତା ବାରିକଙ୍କ ଗିରଫ କରିଛି ଭିଜିଲାନ୍ସ। ବେକରୀ ଦୋକାନୀ ମାଲିକଙ୍କ ଉପରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଆୟକର ପେନାଲଟି ଓ ଟିକସ ବାବଦରେ ୨ ଲକ୍ଷ ୨୭ହଜାର ୧୪୭ ଟଙ୍କା ଦେୟ ଦାଖଲ କରିବାକୁ ଅତିରିକ୍ତ କମିଶନର ନୋଟିସ କରୁଥିଲେ। ବେକେରୀ ଦୋକାନ ମାଲିକ ଏନେଇ ତାଙ୍କୁ କିଛିଟା ରିହାତି ପାଇଁ ଅନୁରୋଧ କରିବାରୁ ସେ ପୂରା ଫାଇନ ଓ ଟିକସ ଛାଡ଼ ପାଇଁ ୨୫ ହଜାର ଦାବି କରିଥିଲେ। ଏନେଇ ସମ୍ପୃକ୍ତ ବେକରୀ ଦୋକାନୀ ଭିଜିଲାନ୍ସକୁ ଜଣାଇଥିଲେ। ଆଜି ଅତିରିକ୍ତ କମିଶନର ତାଙ୍କ ଗାଡିରେ ୨୫ ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏଥିସହ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ତିନୋଟି ସ୍ଥାନରେ ଚଢ଼ାଉ ଆରମ୍ଭ ହୋଇଛି।

## କଳାହାଣ୍ଡି ଗସ୍ତରେ ବିଜେପି ରାଜ୍ୟ ସଭାପତି

# କଂଗ୍ରେସ ଦେଖୁଛି ଦିବାସ୍ୱପ୍ନ, ବିଜେଡି ଧରାଶାୟୀ

- ଜିଲ୍ଲା ବିଜେପି ତରଫରୁ ସମ୍ବର୍ଦ୍ଧନା
- ପଞ୍ଚାୟତ ନିର୍ବାଚନ ପାଇଁ ଦେଲେ ଗୁରୁମନ୍ତ୍ର




**କଳାହାଣ୍ଡି,୨୬।୮(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ଓଡ଼ିଶାର ବିକାଶମୂଳକ କାର୍ଯ୍ୟ ତୀବ୍ର ଗତିରେ ଆଗେଇ ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟ ସରକାର ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ସଙ୍କଳ୍ପବଦ୍ଧ। ଏଥିରେ ସହଯୋଗ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ କିପରି ବିଜୟ ଲାଭ କରିବ, ସେନେଇ ପ୍ରୟାସ କରିବା ଉଚିତ ବୋଲି ପୁନର୍ବାର ରାଜ୍ୟ ସଭାପତି ଭାବେ ମନମୋହନ ସାମଲ ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ଜିଲ୍ଲା ଗସ୍ତ କରି ନେତା ଓ କର୍ମୀଙ୍କୁ ପରାମର୍ଶ ଦେଉଛନ୍ତି। ଏହି କ୍ରମରେ ଶ୍ରୀ ସାମଲ ଆଜି କଳାହାଣ୍ଡି ଜିଲ୍ଲା ଗସ୍ତ କରିଥିବା ବେଳେ ଭବାନୀପାଟଣା ଟାଉନ ହଲ୍‌ଠାରେ ଏକ ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏହି ସେ କହିଛନ୍ତି ଯେ ବିଜେପି ବହୁ ସଂଘର୍ଷ ଦେଖିଛି। କଳାହାଣ୍ଡି ଜିଲ୍ଲା ସବୁବେଳେ ଦଳ ପାଇଁ ପ୍ରେରଣାର କେନ୍ଦ୍ରବିନ୍ଦୁ ସାଜିଛି। ତ୍ୟାଗ, ତପସ୍ୟା ଓ ସାଧନାର ବିକଳ୍ପ ନାହିଁ। ବହୁ ତ୍ୟାଗ ତପସ୍ୟା ବଳରେ ଆଜି ଦଳ ଏକାକୀ ସରକାର ଗଠନ କରିପାରିଛି। ଏସବୁ ସାଧାରଣ ଲୋକ ଓ କାର୍ଯ୍ୟକର୍ତାଙ୍କ ଉତ୍ସାହ ଓ ଆଗ୍ରହ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ପ୍ରଧାନମନ୍ତ୍ରୀଙ୍କ ଯୋଜନା ଭାରତୀୟ ଅର୍ଥନୀତିକୁ ବଦଳାଇ ଦେଇଛି। ତାଙ୍କ ଉଦ୍ୟମରେ ଭାରତ ଏବେ ବିଶ୍ୱର ଚତୁର୍ଥ ଅର୍ଥନୀତି ହୋଇଥିବା ବେଳେ ଖୁବ୍‌ଶୀଘ୍ର ତୃତୀୟ ସ୍ଥାନରେ ପହଞ୍ଚିବ। କଂଗ୍ରେସ ଏବେ ରାଜ୍ୟରେ ସରକାର କରିବା ପାଇଁ ଦିବାସ୍ୱପ୍ନ ଦେଖୁଛି, ଯାହା କଦାପି ପୂରଣ ହେବନାହିଁ। ସେହିପରି ବିଜେଡି ଏବେ ଧରାଶାୟୀ ହୋଇଯାଇଛି। ଏବେ ବିଜେପି ସରକାରରେ ଥିବାରୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ଦୂର କରିବା ସକାଶେ ସମୟ ଉପନୀତ ହୋଇଛି। ରାଜ୍ୟରେ ପୂର୍ବ ସରକାର ଲୋକଙ୍କୁ କୌଣସି ହିସାବ ଦେଇନଥିବା ବେଳେ ମୋହନ ସରକାର ବର୍ଷେ ଭିତରେ ଯାହା କରିଛନ୍ତି, ତା'ର ହିସାବ ଦେଇଛନ୍ତି। ବିଜେପି ସଂକଳ୍ପପତ୍ରରେ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା ଗୋଟିଏ ପରେ ଗୋଟିଏ ପୂରଣ କରିବାରେ ଲାଗିଛି। ସରକାରଙ୍କ ସଫଳତା ନେଇ ଲୋକଙ୍କୁ ଅବଗତ କରାଇ ସେମାନଙ୍କ ସମସ୍ୟାର ସମାଧାନ କରିପାରିଲେ, ପଞ୍ଚାୟତ ନିର୍ବାଚନରେ ସମସ୍ତ ବ୍ଲକ ଅଧ୍ୟକ୍ଷ ଓ ସରପଞ୍ଚ ପଦ ଦଳ ଜିତିପାରିବ। ଏହି ଲକ୍ଷ୍ୟରଖି ଏବେଠାରୁ ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଶ୍ରୀ ସାମଲ ପରାମର୍ଶ ଦେଇଛନ୍ତି।

ସଭାରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଲୋକସଭା ସାଂସଦ ମାଳବିକା ଦେବୀ ଓ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାୟକ, ନମିତା ରାଣୀ ସାହୁ ଓ କଳାହାଣ୍ଡି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ମୋଦୀ, ପୁଟିନଙ୍କୁ ସ୍ୱାଗତ କରିବେ ସି ଜିନପିଙ୍ଗ



ବେଜିଂ,୨୬।୮ : ୟୁକ୍ରେନ ଯୁଦ୍ଧକୁ ନେଇ ଏବେ ଆମେରିକା ରୁଷର ଦୁଇ ବନ୍ଧୁରାଷ୍ଟ୍ର ଭାରତ ଓ ଚୀନ ଉପରେ ତାରିଫ ବସାଇ ଚାପ ପ୍ରୟୋଗ କରୁଛି। ବିଶେଷକରି ଭାରତ ଉପରେ ଆମେରିକା ସର୍ବାଧିକ ଚାପ ପ୍ରୟୋଗ କରୁଛି। ଆମେରିକାର ଏପରି ଦାଦାଗିରି ଭାରତ, ରୁଷ ଓ ଚୀନକୁ ଏକାଠି ଆସିବାକୁ ବାଧ କରିଛି। ଏହାର ଝଲକ ଆସନ୍ତା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ଦେଖିବାକୁ ମିଳିବ।

ଗଣମାଧ୍ୟମ ରିପୋର୍ଟ ଅନୁସାରେ ଖୋଦ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ଲାଗି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ବ୍ୟକ୍ତିଗତ ଭାବରେ ସ୍ୱାଗତ କରିବେ। ଚୀନର ଏହି ପଦକ୍ଷେପ ବିଶ୍ୱ ଦକ୍ଷିଣର ଏକତାର ଏକ ଶକ୍ତିଶାଳୀ ପ୍ରଦର୍ଶନ ହେବ, ଯାହା ଆମେରିକା ନେତୃତ୍ୱାଧୀନ ପରବର୍ତ୍ତୀ ବିଶ୍ୱ କ୍ରମକୁ ରେଖାଙ୍କିତ କରିବ। ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ତିଆନଜିନରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିଖର ସମ୍ମିଳନୀରେ ମଧ୍ୟ ଏସିଆ, ମଧ୍ୟପ୍ରାଚ୍ୟ, ଦକ୍ଷିଣ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆର ନେତାମାନଙ୍କୁ ନିମନ୍ତ୍ରଣ କରାଯାଇଛି। ୨୦୦୧ରେ ଏସସିଓ ପ୍ରତିଷ୍ଠା ହେବା ପରଠାରୁ ଏହି ଶିଖର ସମ୍ମିଳନୀ ସବୁଠାରୁ ବଡ଼ ହେବ। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ଜଣେ ଅଧିକାରୀ ଗତ ସପ୍ତାହରେ ଏହି ଦାବି କରିଥିଲେ। ସଂଗଠନକୁ ଏକ ନୂତନ ପ୍ରକାରର ଅନ୍ତର୍ଜାତୀୟ ସମ୍ପର୍କ ଗଠନ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭାବରେ ବର୍ଣ୍ଣନା କରାଯାଇଛି। ଏସସିଓ ମୂଳତଃ ଛଅଟି ଦେଶର ଏକ ଗୋଷ୍ଠୀ ଥିଲା। ଏଥିରେ ବର୍ତ୍ତମାନ ୧୦ ସ୍ଥାୟୀ ସଦସ୍ୟ ଏବଂ ୧୬ଟି ଆଲୋଚନା ଏବଂ ପର୍ଯ୍ୟବେକ୍ଷକ ଦେଶ ଅନ୍ତର୍ଭୁକ୍ତ। ଏହାର ପରିସର ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀଠାରୁ ଅର୍ଥନୈତିକ ଏବଂ ସାମରିକ ସହଯୋଗ ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି।

# ୪ ଥର ଫୋନ କରିଥିଲେ ଟ୍ରମ୍ପ ଉଠାଇନଥିଲେ ମୋଦୀ

ନୂଆଦିଲ୍ଲୀ,୨୬।୮ : ଭାରତ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଶୁଳ୍କ ବିବାଦ ବାବଦରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚାରିଥର ଫୋନ୍ କରିଥିଲେ, କିନ୍ତୁ ମୋଦୀ କଥା ହୋଇନଥିଲେ ବୋଲି ଏକ ଜର୍ମାନ ସମ୍ବାଦପତ୍ର ଦାବି କରିଛି। ଏକ ଜର୍ମାନ ଖବରକାଗଜ ଏଫଏଜେଡ୍ ଟ୍ରମ୍ପ ଏବଂ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ସବୁକିଛି ଠିକ୍ ନାହିଁ ବୋଲି ଦାବି କରିବା ପରେ, ଚର୍ଚ୍ଚା ବୃଦ୍ଧି ପାଇଛି। ଏହି ରିପୋର୍ଟ ଅନୁଯାୟୀ, ଶୁଳ୍କ ବିବାଦକୁ ନେଇ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ୪ ଥର ଫୋନ କରିଥିଲେ ବି ସେ ଉଠାଇନଥିଲେ। ତେବେ ଆମେରିକା କିମ୍ବା ଭାରତ ସରକାର ଏହି ପ୍ରସଙ୍ଗରେ ଆନୁଷ୍ଠାନିକ ଭାବରେ କିଛି କହିନାହାନ୍ତି।

ଏହା ପ୍ରଥମ ଥର ନୁହେଁ ଯେ ପ୍ରଧାନମନ୍ତ୍ରୀ ମୋଦୀ କୌଣସି ଆମେରିକୀୟ ନେତାଙ୍କ ସହ କଥା ହେବାକୁ ମନା କରିଦେଇଛନ୍ତି। ଗତ ମେ ମାସରେ ପାକିସ୍ତାନ ସହିତ ସଂଘର୍ଷ ସମୟରେ ମଧ୍ୟ ମୋଦୀ ଆମେରିକୀୟ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ କଥା ହୋଇନଥିଲେ। ଏକ ଘଟଣାର ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ ଲୋକସଭାରେ କହିଥିଲେ ଯେ, ଅସ୍ତ୍ରବିରତିର ଗୋଟିଏ ଦିନ ପୂର୍ବରୁ, ମେ ୯ ତାରିଖ ରାତିରେ, "ଆମେରିକୀୟ ଉପରାଷ୍ଟ୍ରପତି ମୋ ସହିତ ୩-୪ ଥର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ମୁଁ ସାମରିକ ବାହିନୀ ସହିତ ବୈଠକରେ ବ୍ୟସ୍ତ ଥିଲି। ତେବେ ପରେ ସେ ଭାନ୍ସଙ୍କ ସହ କଥା ହୋଇଥିଲେ ।

# ଆର୍‌ଏସ୍‌ଏସ୍ ପ୍ରାର୍ଥନା ଗାନ କରି କ୍ଷମା ମାଗିଲେ ଶିବକୁମାର



ବେଙ୍ଗାଲୁରୁ,୨୬।୮: କର୍ଣ୍ଣାଟକ ବିଧାନସଭାରେ ଆରଏସ୍‌ଏସ୍ ପ୍ରାର୍ଥନା ଗାନ ଉପରେ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କ୍ଷମା ମାଗିଛନ୍ତି। ଡିକେ ଶିବକୁମାର କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଅଛନ୍ତି। ବିରୋଧୀ ବିଚାରଧାରା ଥିବା ସଂଗଠନର ପ୍ରାର୍ଥନା ଗାନ ଯୋଗୁ ଦଳ ଭିତରେ ତାଙ୍କୁ ସମାଲୋଚନା ସାମନା କରିବାକୁ ପଡ଼ିଥିଲା। ଏହ ବ୍ୟତୀତ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଗୋଷ୍ଠୀର ନେତାମାନେ ତାଙ୍କୁ ଘେରିବା ସହ ଆକ୍ସନ ପାଇଁ ଶୀର୍ଷ ନେତୃତ୍ୱଙ୍କ ପାଖରେ ଦାବି କରୁଥିଲେ। ଏହାରି ଭିତରେ ବିବାଦ ବଢୁଥିବା ଦେଖି ଡିକେ ଶିବକୁମାର କ୍ଷମା ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ବିଧାନସଭାରେ ସଂଗଠନର ଗୀତ ଗାନ ଉପରେ ଯଦି କାହାର ଭାବନାକୁ ଆଘାତ ପହଞ୍ଚିଛି ତେବେ ଏଥିପାଇଁ କ୍ଷମା ମାଗୁଛି। ମୁଁ ଜଣେ କଂଗ୍ରେସୀ ଓ ମଲା ଯାଏ କଂଗ୍ରେସୀ ହୋଇ ରହିବି।

ଶିବକୁମାର ବିଧାନସଭା ଭିତରେ ଆରଏସ୍‌ଏସ୍‌ର ପ୍ରାର୍ଥନା ଗାନ କରି ସମସ୍ତଙ୍କୁ ଚକିତ କରାଇଥିଲେ। ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଜୁନ୍ ୪ରେ ଦଳଚକଟା ଘଟଣା ଉପରେ ଅଗଷ୍ଟ ୨୧ରେ ଚର୍ଚ୍ଚା ବେଳେ ଆରଏସ୍‌ଏସ୍ ପ୍ରାର୍ଥନା ନମସ୍ତେ ସଦା ବତ୍ସଲେ... କିଛି ପଂକ୍ତି ଗାନ କରିଥିଲେ। ଆଜି କହିଛନ୍ତି, 'ମୁଁ କାହାଠାରୁ ବଡ଼ ନୁହେଁ, ମୋର ଜୀବନ ସମସ୍ତଙ୍କୁ ଶକ୍ତି ଦେବା ପାଇଁ। ମୁଁ ସମସ୍ତଙ୍କ ସହ ଅସୁବିଧା ସମୟରେ ଠିଆ ହୋଇଛି। ଆମ ବି ସେମାନଙ୍କ ସହ ଅଛି... ମୁଁ ଜଣେ ସଚ୍ଚୋଟ କଂଗ୍ରେସୀ ହେବା କାରଣରୁ କାହାର ଭାବନାକୁ ଆଘାତ ପହଞ୍ଚାଇ ପାରିବି ନାହିଁ।' ସେ ଆହୁରି କହିଛନ୍ତି, 'ଯଦି ଆପଣ ମୁଁ କ୍ଷମା ମାଗେ ବୋଲି ଚାହାନ୍ତି ତେବେ ମୁଁ ରାଜି ଅଛି। ସବୁ କଂଗ୍ରେସୀ ଓ ବିରୋଧୀ ଦଳଗୁଡ଼ିକୁ ସମ୍ଭବତଃ ଏଥିରୁ ଆଘାତ ପହଞ୍ଚିଛି। ଯଦି ମୁଁ କିଛି ଭୁଲ କରୁଥିବା ଆପଣ ଭାବୁଛନ୍ତି, ଯାହା କି ମୁଁ କରି ନାହିଁ, ତେବେ ମୁଁ କ୍ଷମା ପ୍ରାର୍ଥନା ପ୍ରସ୍ତୁତ ଅଛି। ମୁଁ ଆଜନ୍ମ କଂଗ୍ରେସୀ ଓ ମଲା ଯାଏ କଂଗ୍ରେସୀ ହୋଇ ରହିବି।'

### ଶତ୍ରୁ ଦେଶକୁ ସିଡିଏସ୍ ଜେନେରାଲ ଅନିଲ୍ ଚୌହାନଙ୍କ ଚେତାବନୀ

# ଶାନ୍ତି ଚାହୁଁଛ ଯଦି ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ



ନୂଆଦିଲ୍ଲୀ, ୨୬।୮: ଭାରତର ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନିଲ୍ ଚୌହାନ ଚୀନ, ପାକିସ୍ତାନକୁ ସିଧାସଳଖ ବାର୍ତ୍ତା ଦେଇଛନ୍ତି। ସେ ଦେଶର ସୁରକ୍ଷା ଏବଂ ଭବିଷ୍ୟତର ପ୍ରସ୍ତୁତି ଉପରେ ମଧ୍ୟ ଅନେକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭାରତ ସର୍ବଦା ଶାନ୍ତିର ସମର୍ଥକ ରହିଆସିଛି, କିନ୍ତୁ ଶକ୍ତି ବିନା ଶାନ୍ତି କେବଳ ଏକ କଳ୍ପନା ହୋଇ ରହିଥାଏ।

ଜେନେରାଲ ଚୌହାନ ଅପରେସନ ସିନ୍ଦୂର ଏବଂ ଆଗାମୀ ସମୟରେ ଭାରତର ନୂଆ ପ୍ରତିରକ୍ଷା ପ୍ରଣାଳୀ ସୁଦର୍ଶନ ଚକ୍ର ଉପରେ ମଧ୍ୟ ଖୋଲାଖୋଲି ଭାବରେ ଆଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ଆଧୁନିକ ଚ୍ୟାଲେଞ୍ଜଗୁଡ଼ିକୁ ସାମ୍ନା କରିବାକୁ କେବଳ ଶାନ୍ତିର ଇଚ୍ଛା ପର୍ଯ୍ୟାପ୍ତ ନୁହେଁ, ବରଂ ଏହା ସହିତ ରଣନୀତିକ ଶକ୍ତି ଏବଂ ପ୍ରସ୍ତୁତି ମଧ୍ୟ ଜରୁରୀ। ସେ କହିଛନ୍ତି, ସୁଦର୍ଶନ ଚକ୍ର କେବଳ ଦେଶର ସାମରିକ ଏବଂ ବେସାମରିକ ସ୍ଥଳଗୁଡ଼ିକୁ ସୁରକ୍ଷା ଦେବନାହିଁ, ବରଂ ଏହା ଭାରତର ପ୍ରତିରକ୍ଷା ରଣନୀତିରେ ନୂଆ ଦିଗ ମଧ୍ୟ ସ୍ଥିର କରିବ। ସିଡିଏସ୍ ଚୌହାନ ସ୍ପଷ୍ଟ କରିଛନ୍ତି ଯେ, ଭାରତ ଶାନ୍ତିପ୍ରିୟ ଦେଶ, କିନ୍ତୁ ଆମକୁ କୌଣସି ବି ସ୍ଥିତିରେ ଶାନ୍ତିବାଦୀ ବୋଲି ବିବେଚନା କରାଯିବା ଉଚିତ ନୁହେଁ। ଶାନ୍ତି ବଜାୟ ରଖିବା ପାଇଁ ଶକ୍ତି ଜରୁରୀ। ଯେମିତି କି, ଗୋଟିଏ ଲାଟିନ୍ କଥା ଅଛି ଯେ, 'ଯଦି ଶାନ୍ତି ଚାହୁଁଛ, ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ'। ଅପରେସନ 'ସିନ୍ଦୂର' ବିଷୟରେ ସେ କହିଥିଲେ କି, ଏହା ଏକ ଆଧୁନିକ ସଂଘର୍ଷ ଥିଲା, ଯେଉଁଥିରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳିଛି। ଭାରତର ନୂତନ ପ୍ରତିରକ୍ଷା ପ୍ରଣାଳୀ 'ସୁଦର୍ଶନ ଚକ୍ର' ସମ୍ପର୍କରେ ଚୌହାନ କହିଛନ୍ତି, ଏହି ପ୍ରଣାଳୀ ଭାରତର ଗୁରୁତ୍ୱପୂର୍ଣ୍ଣ ସାମରିକ, ବେସାମରିକ ଏବଂ ଜାତୀୟ ସ୍ଥାନଗୁଡ଼ିକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବ ।

### ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ

# ୬ ଲକ୍ଷ ଚୀନ୍ ଛାତ୍ରଙ୍କ ପାଇଁ କଲେ ଭିସା ଘୋଷଣା

ୱାଶିଂଟନ, ୨୬।୮: ଚାଇନା ପାଇଁ ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ। ଜିନପିଙ୍ଗଙ୍କ ଆଗରେ ନରମ ପଡୁଛନ୍ତି ଟ୍ରମ୍ପ। ୬ ଲକ୍ଷ ଚୀନ୍ ଛାତ୍ରଙ୍କ ପାଇଁ ଭିସା ଘୋଷଣା କଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଅନ୍ୟପଟେ ଚାଇନାର ଛାତ୍ରମାନଙ୍କୁ ଆମେରିକୀୟ ବିଶ୍ୱବିଦ୍ୟାଳୟରେ ପାଠ ପଢିବାକୁ ଅନୁମତି ଘୋଷଣା ପରେ ଏହାକୁ ନାପସନ୍ଦ କରିଛନ୍ତି ଟ୍ରମ୍ପଙ୍କ ସମର୍ଥକ। ୱାଶିଂଟନ୍ ଏବଂ ବେଜିଂ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ଟ୍ରମ୍ପ ଆଲୋଚନା କରି ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ଟ୍ରମ୍ପ କହିଛନ୍ତି, ଆମେ ଚୀନ୍ ର ଛାତ୍ରଙ୍କୁ ଆମେରିକା ଆସିବାକୁ ଅନୁମତି ଦେବାକୁ ଯାଉଛୁ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଆମେ ଚୀନ୍ ସହିତ ମିଶିକି କାମ କରିବାକୁ ଚାହିଁଛୁ। ଏହା ସହିତ ସେ ଆହୁରି କହିଛନ୍ତି , ଯଦି ଚୀନ୍ ବିରଳ ପୃଥିବୀ ଚୁମ୍ବକ ଆମେରିକାକୁ ଯୋଗାଣ ନକରେ ତେବେ ୨୦୦ ପ୍ରତିଶତ ଶୁଳ୍କ ଚେତାବନୀ ଦେଇଛନ୍ତି।

ଏଥିସହ ଜାଣିରଖନ୍ତୁ ଯେ, ଅନ୍ତର୍ଜାତୀୟ ଛାତ୍ରଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ଚୀନ୍ ପ୍ରୀତି ଟ୍ରମ୍ପଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି। ଟ୍ରମ୍ପଙ୍କ ଏଭଳି ନିଷ୍ପତ୍ତିକୁ ଦେଶ ଭିତରେ ଖୁବ୍ ବିରୋଧ କରାଯାଇଛି । ଗୋଟେପଟେ ଭାରତ ସହିତ ଟ୍ରମ୍ପଙ୍କ ଟାରିଫ ୱାର ଚାଲିଥିବା ବେଳେ ଅନ୍ୟପଟେ ଚୀନ୍ ପ୍ରତି ଟମ୍ପର ନରମ ସ୍ୱରକୁ ନେଇ ପ୍ରଶ୍ନ ଉଠିଛି। ଟ୍ରମ୍ପଙ୍କ ଏଭଳି ନିଷ୍ପତ୍ତି ପରେ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' ସମର୍ଥକ କହିଛନ୍ତି ଟ୍ରମ୍ପ ସେମାନଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି ଏବଂ ଆମେରିକାର ପ୍ରଥମ ନୀତିକୁ ଏଡ଼ାଇ ଦେଇଛନ୍ତି।

### ହସ୍ପିଟାଲ ନିର୍ମାଣରେ ୫୫୯୦ କୋଟିର ଦୁର୍ନୀତି

# ଆପ୍ ନେତାଙ୍କ ଘରେ ଇଡି ଚଢ଼ଉ



ନୂଆଦିଲ୍ଲୀ, ୨୬।୮ : ବଢ଼ିଲା ଆମ ଆଦମୀ ପାର୍ଟି ନେତା ତଥା ପୂର୍ବତନ ମନ୍ତ୍ରୀ ସୌରଭ ଭରଦ୍ୱାଜଙ୍କ ସମସ୍ୟା। ଚଢ଼ଉ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଆଜି ସୌରଭ ଭରଦ୍ୱାଜଙ୍କ ଘରେ ଚଢଉ କରାଯାଇଥିବା ଜଣାଯାଇଛି। ତାଙ୍କ ଉପରେ ଦୁର୍ନୀତି କରିଥିବାର ଅଭିଯୋଗ ଆସିଛି। ସୂଚନା ଅନୁଯାୟୀ, ଏହି କାର୍ଯ୍ୟାନୁଷ୍ଠାନ ହସ୍ପିଟାଲ ନିର୍ମାଣ ଦୁର୍ନୀତି ସହ ଜଡିତ। ହସ୍ପିଟାଲ ନିର୍ମାଣରେ ଦୁର୍ନୀତି ହୋଇଥିବା ନେଇ ଖବର ମିଳିବା ପରେ ଆଜି ଇଡି ତାଙ୍କ ଘରେ ଚଢ଼ଉ କରିଥିବା ସାମ୍ନାକୁ ଆସିଛି। ଇଡି ଟିମ୍ ସୌରଭ ଭରଦ୍ୱାଜଙ୍କ ସହ ଜଡିତ ୧୩ଟି ସ୍ଥାନରେ ଚଢଉ କରିଥିବା ଜଣାଯାଇଛି। ହସ୍ପିଟାଲ ନିର୍ମାଣ ଦୁର୍ନୀତି ପ୍ରାୟ ୫୫୯୦ କୋଟି ଟଙ୍କାର। ୨୦୧୮-୧୯ ବର୍ଷରେ, ଦିଲ୍ଲୀ ସରକାର ୨୪ଟି ହସ୍ପିଟାଲ ନିର୍ମାଣ ପାଇଁ ୫୫୯୦ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରିଥିଲେ । ଆଇସିୟୁ ହସ୍ପିଟାଲ ୬ ମାସରେ ନିର୍ମାଣ ହେବାର ଥିଲା, କିନ୍ତୁ ୩ ବର୍ଷ ପରେ ମଧ୍ୟ କାମ ଅସମ୍ପୂର୍ଣ୍ଣ ରହିଲା। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଅନେକରେ ଗୁରୁତର ଅନିୟମିତତାର ଅଭିଯୋଗ ଆସିଛି। ୮ ୦୦ କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ, କେବଳ ୫୦% କାମ ସମାପ୍ତ ହୋଇଥିଲା। ଏଲଏନଜେପି ହସ୍ପିଟାଲର ଖର୍ଚ୍ଚ ୪୮୮ କୋଟି ଟଙ୍କାରୁ ବୃଦ୍ଧି ପାଇ ୧୧୩୫ କୋଟି ଟଙ୍କା ହୋଇଥିଲା। ଏହା ସତ୍ତ୍ୱେ କାମ ମଧ୍ୟ ମନ୍ଥର ଗତିରେ ଆଗେଇଥିଲା। ଅନେକ ସ୍ଥାନରେ ଅନୁମୋଦନ ବିନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଏଥିରେ ଠିକାଦାରଙ୍କ ଭୂମିକା ସନ୍ଦେହଜନକ ବୋଲି ଜଣାପଡିଥିଲା।

# ଗାଜାରେ ଇସ୍ରାଏଲର ଆକ୍ରମଣ: ୨୦ ମୃତ



ଜେରୁଜେଲମ, ୨୬।୮: ଇସ୍ରାଏଲ ପୁଣି ଥରେ ଗାଜାର ବିମାନ ଉପରେ କରିଛି ଆକ୍ରମଣ। ଇସ୍ରାଏଲର ବୋମା ବିସ୍ଫୋରଣରେ ୩ ଜଣ ସାମ୍ବାଦିକଙ୍କ ସମେତ ୧୫ ଜଣଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ବର୍ତ୍ତମାନ ଏକ ରିପୋର୍ଟରୁ ଜଣାପଡିଛି ଯେ, ମୃତଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି । ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ଆକ୍ରମଣ ଦକ୍ଷିଣ ଗାଜାର ଏକ ହସ୍ପିଟାଲ ଉପରେ କରାଯାଇଛି। ସୂଚନାନୁଯାୟୀ, ଯେଉଁ ସମୟରେ ଇସ୍ରାଏଲର ସୁରକ୍ଷା କ୍ୟାବିନେଟ୍ ଗାଜା ଦଖଲ କରିବାକୁ ଯୋଜନା ଅନୁମୋଦନ କରୁଥିଲା ସେହି ସମୟରେ ଗାଜାରେ ଆକ୍ରମଣ ହୋଇଛି। ସୁରକ୍ଷା କ୍ୟାବିନେଟଠାରୁ ଅନୁମୋଦନ ପାଇବା ପରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ, ଇସ୍ରାଏଲ ସମଗ୍ର ଅଞ୍ଚଳକୁ ପୁଣି ନିୟନ୍ତ୍ରଣ କରିବା ସହିତ ହମାସ ବିରୋଧୀ ବନ୍ଧୁ ଆରବୀୟମାନଙ୍କୁ ହସ୍ତାନ୍ତର କରିବାକୁ ଯୋଜନା କରୁଛି। ଆପଣଙ୍କୁ କହିରଖୁଛୁ ଯେ, ଅକ୍ଟୋବର ୭ ତାରିଖରେ ହମାସ ଆତଙ୍କୀ ଇସ୍ରାଏଲରେ ପଶି ଆକ୍ରମଣ କରିଥିଲେ । ଯେଉଁଥିରେ ଶହ ଶହ ଲୋକ ପ୍ରାଣ ହରାଇଥିଲେ । ହମାସର ଏହି ଆକ୍ରମଣ ପରେ ଇସ୍ରାଏଲ ବର୍ତ୍ତମାନ ପ୍ରତିଶୋଧ ପରାୟଣ ହୋଇ ଜବାବ୍ ଦେଉଛି। ବର୍ତ୍ତମାନ ସୁଦ୍ଧା ଇସ୍ରାଲର ଆକ୍ରମଣ ଜାରି ରହିଛି । ଯାହା ଗାଜାର ଏକ ଧ୍ୱଂସାବଶେଷ ପାଲଟିଛି।

### ନାଲି ଆଖି ଦେଖାଇଲେ ଟ୍ରମ୍ପ୍

# ମୁଁ କାର୍ଡ ଖୋଲିଲେ ଚୀନ୍ ବର୍ବାଦ ହୋଇଯିବ

ୱାଶିଂଟନ,୨୬।୮ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବର୍ତ୍ତମାନ ଶୁଳ୍କ ଲାଗୁ କରିବା ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଏହି ସମୟ ମଧ୍ୟରେ ଟ୍ରମ୍ପ୍ ଅନେକ ଦେଶର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି। ଟ୍ରମ୍ପ୍ ଅନେକ ଦେଶ ବିଷୟରେ ବଡ଼ ବଡ଼ ମନ୍ତବ୍ୟ ମଧ୍ୟ ଦେଉଛନ୍ତି। ସୋମବାର ଟ୍ରମ୍ପ୍ ଦକ୍ଷିଣ କୋରିଆର ରାଷ୍ଟ୍ରପତି ଲି ଜାଏ-ମ୍ୟୁଙ୍ଗଙ୍କ ସହ ଏକ ବୈଠକ କରିଥିଲେ। ଏହି ବୈଠକରେ ଚୀନ୍ ଉଦ୍ଦେଶ୍ୟରେ କହିଥିଲେ ଯେ 'ଆମର ଚୀନ୍ ସହିତ ଭଲ ସମ୍ପର୍କ ରହିବାକୁ ଯାଉଛି। ଚୀନ୍ ପାଖରେ କିଛି କାର୍ଡ ଅଛି। ସେହିପରି ଆମ ପାଖରେ ମଧ୍ୟ କାର୍ଡ ଅଛି। ଆମର ଏପରି କାର୍ଡ ଅଛି, ଯାହା ଖୋଲିଗଲେ ଚୀନ୍ ବର୍ବାଦ ହୋଇଯିବ। ଡୋନାଲ୍ଡ ଟ୍ରମ୍ପ୍ ସମ୍ପ୍ରତି ଏପରି ମନ୍ତବ୍ୟ ଦେଉଛନ୍ତି, ଯାହା ସିଧାସଳଖ ଚେତାବନୀ ଭଳି ଲାଗୁଛି। ଟ୍ରମ୍ପ୍ ଚୀନ୍ ବିଷୟରେ ବୈଠକରେ ସମାନ ଶୈଳୀରେ ମନ୍ତବ୍ୟ ଦେଇ ନାଲି ଆଖି ଦେଖାଇଛନ୍ତି। ଶୁଳ୍କ ଯୁଦ୍ଧ ମଧ୍ୟରେ, ଡୋନାଲ୍ଡ ଟ୍ରମ୍ପ ଚଳିତ ମାସରେ ଚୀନ୍ ସହିତ ଏକ କାର୍ଯ୍ୟନିର୍ବାହୀ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ଏହି ଆଦେଶ ଶୁଳ୍କ ହାରକୁ ଆହୁରି ସଂଶୋଧନ କରିବା ପାଇଁ କରାଯାଇଥିବା କୁହାଯାଉଛି। ଟ୍ରମ୍ପ୍ ଏହାକୁ ଜରୁରୀ ବୋଲି କହିଛନ୍ତି। ସେ କହିଛନ୍ତି, ଏହା ବାଣିଜ୍ୟ ଏବଂ ଜାତୀୟ ତଥା ଅର୍ଥନୈତିକ ସୁରକ୍ଷା ଚିନ୍ତାର ସମାଧାନ କରିବ। ଟ୍ରମ୍ପ୍ ଚୀନ୍ ଉପରେ ୩୦ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଏହାକୁ ୯୦ ଦିନ ପାଇଁ ସ୍ଥଗିତ ରଖାଯାଇଥିଲା। ଏହା ପୂର୍ବରୁ ଟ୍ରମ୍ପ୍ ମଧ୍ୟ ବ୍ରିକ୍ସ ଦେଶଗୁଡ଼ିକୁ ଧମକ ଦେଇଥିଲେ। ସେ କହିଥିଲେ ଯେ, ଯେଉଁ ଦେଶମାନେ ଆମେରିକା ବିରୋଧୀ ନୀତିକୁ ସମର୍ଥନ କରୁଛନ୍ତି ସେମାନଙ୍କ ଉପରେ ଅତିରିକ୍ତ ୧୦ପ୍ରତିଶତ ଶୁଳ୍କ ଲାଗୁ କରାଯିବ।

# 'ସମାନ କାମ କରୁଥିବା ଶିକ୍ଷକଙ୍କୁ ସମାନ ଦରମା ଦିଅ'

ନୂଆଦିଲ୍ଲୀ,୨୬।୮: ଶିକ୍ଷକମାନଙ୍କ ପ୍ରତି ହେଉଥିବା ବ୍ୟବହାର ଉପରେ ସୁପ୍ରିମକୋର୍ଟ ଦୁଃଖ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ,ଯଦି ଶିକ୍ଷକମାନେ କମ ଦରମା ପାଆନ୍ତି, ତେବେ 'ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବୋ ମହେଶ୍ୱର' ପାଠ କରିବା ନିରର୍ଥକ। ଶୀର୍ଷକୋର୍ଟ କହିଛନ୍ତି,ଯେଉଁମାନେ ଭବିଷ୍ୟତ ସୃଷ୍ଟି କରନ୍ତି ସେମାନଙ୍କୁ ଭଲ ଦରମା ମିଳିବା ଉଚିତ୍। ଗୁଜରାଟ ସରକାରଙ୍କ ଦ୍ୱାରା ସହାୟକ ପ୍ରଫେସରମାନଙ୍କୁ କମ୍ ଦରମା ଦେବା ମାମଲାରେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। କୋର୍ଟ କହିଛନ୍ତି, ଶିକ୍ଷକମାନଙ୍କୁ ଉପଯୁକ୍ତ ସମ୍ମାନ ଏବଂ ଦରମା ମିଳିବା ଉଚିତ୍ କାରଣ ସେମାନେ ଭବିଷ୍ୟତ ପିଢ଼ିକୁ ପ୍ରସ୍ତୁତ କରନ୍ତି। ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କୁ ହାଇକୋର୍ଟଙ୍କର ନିର୍ଦ୍ଦେଶ ପାଳନ କରିବାକୁ କହିଛନ୍ତି। ହାଇକୋର୍ଟ ନର୍ଦ୍ଦେଶରେ କହିଛନ୍ତି, ସହକାରୀ ପ୍ରଫେସରମାନଙ୍କୁ ସମାନ କାମ ପାଇଁ ସମାନ ଦରମା ଦିଆଯିବା ଉଚିତ୍। ଗୁଜରାଟ ସରକାର ଚୁକ୍ତିଭିତ୍ତିକ ଭାବରେ କାମ କରୁଥିବା ସହକାରୀ ପ୍ରଫେସରମାନଙ୍କୁ ପ୍ରତି ମାସରେ କେବଳ ୩୦,୦୦୦ ଟଙ୍କା ଦେଉଛନ୍ତି। ଯେତେବେଳେ ସେମାନେ ଆଡ-ହକ୍ ଏବଂ ନିୟମିତ ସହଯୋଗୀ ପ୍ରଫେସରଙ୍କ ପରି ସମାନ କାମ କରୁଛନ୍ତି। ଆଡ-ହକ୍ ପ୍ରଫେସରମାନେ ମାସିକ ପ୍ରାୟ ୧.୨ ଲକ୍ଷ ଟଙ୍କା ଏବଂ ନିୟମିତ ପ୍ରଫେସରମାନେ ୧.୪ ଲକ୍ଷ ଟଙ୍କା ଦରମା ପାଉଛନ୍ତି। ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି, ଆମେ ଆମର ଶିକ୍ଷକମାନଙ୍କ ସହିତ କିପରି ବ୍ୟବହାର କରୁ, ସେ ବିଷୟରେ ଆମେ ବହୁତ ଚିନ୍ତିତ। ଶିକ୍ଷକମାନେ ଆମର ଭବିଷ୍ୟତ ପିଢ଼ିକୁ ଶିକ୍ଷା ଦିଅନ୍ତି। ସେମାନେ ସେମାନଙ୍କୁ ଆବଶ୍ୟକୀୟ ଯୋଗ୍ୟତା ଏବଂ ଜ୍ଞାନ ଦିଅନ୍ତି। କୋର୍ଟ କହିଛନ୍ତି, ଶିକ୍ଷକମାନେ ଯେକୌଣସି ଦେଶର ବୌଦ୍ଧିକ ମେରୁଦଣ୍ଡ। ସେମାନେ ଭବିଷ୍ୟତ ପିଢ଼ିର ମନ ଏବଂ ଚରିତ୍ର ଗଠନ କରିବାରେ ନିଜର ଜୀବନ ବିତାଇଥାନ୍ତି। ସେମାନଙ୍କର ପାଠ ପଢ଼ାଇବା ସହିତ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥାନ୍ତି। ଏହା ସହିତ ଗବେଷଣାକୁ ପ୍ରୋତ୍ସାହିତ କରିବା, ଚିନ୍ତା କରିବାର କ୍ଷମତା ବିକାଶ କରିବା ଏବଂ ସମାଜର ପ୍ରଗତିରେ ଯୋଗଦାନ ଦେଉଥିବା ମୂଲ୍ୟବୋଧ ଶିକ୍ଷା ମଧ୍ୟ ପ୍ରଦାନ କରିଥାନ୍ତି। ତେଣୁ, ଆମେ ଶିକ୍ଷକମାନଙ୍କ ବିଷୟରେ ଚିନ୍ତା କରିବା ଉଚିତ୍ ଏବଂ ସେମାନଙ୍କୁ ଏକ ଉନ୍ନତ ଜୀବନ ଦେବା ପାଇଁ ଚେଷ୍ଟା କରିବା ଜରୁରୀ। ସରକାର ନିରନ୍ତର ଆଡ-ହକ୍ ଏବଂ ଚୁକ୍ତିଭିତ୍ତିକ ଭିତ୍ତିରେ ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଥିଲେ ଯେ, ଶିକ୍ଷକମାନଙ୍କୁ ଉପଯୁକ୍ତ ସମ୍ମାନ ଏବଂ ଦରମା ମିଳିବା ଉଚିତ୍, ତେବେ ହିଁ ଦେଶରେ ଶିକ୍ଷାର ଗୁଣବତ୍ତା ଉନ୍ନତ ହେବ ଏବଂ ଯୁବପିଢ଼ିଙ୍କ ଭବିଷ୍ୟତ ଉନ୍ନତ ହେବ।



### ନିର୍ବାଚନ ପୂର୍ବରୁ ନୀତିଶ କୁମାର ଲାଗୁ କଲେ ବିହାର ଇଣ୍ଡଷ୍ଟ୍ରିଆଲ୍ ପ୍ୟାକେଜ୍

# ଉଦ୍ୟୋଗୀଙ୍କୁ ମିଳିବ ଆକର୍ଷଣୀୟ ସୁବିଧା



ପାଟନା, ୨୬।୮: ନିର୍ବାଚନ ପୂର୍ବରୁ ନୀତିଶ କୁମାର ଲାଗୁ କରିଛନ୍ତି ବିହାର ଇଣ୍ଡଷ୍ଟ୍ରିଆଲ୍ ପ୍ୟାକେଜ୍। ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ରାଜ୍ୟରେ ଔଦ୍ୟୋଗିକ ବିକାଶ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହନ ଦେବା ପାଇଁ ଏକ ମହତ୍ୱାକାଂକ୍ଷୀ ପଦକ୍ଷେପ ନେଇଛନ୍ତି। ନୀତିଶ ସରକାର ବିହାର ଔଦ୍ୟୋଗିକ ନିବେଶ ପ୍ରୋତ୍ସାହନ ପ୍ୟାକେଜ ୨୦୨୫ କାର୍ଯ୍ୟକାରୀ କରିବାକୁ ଘୋଷଣା କରିଛନ୍ତି। ଏହା ଅଧୀନରେ ଉଦ୍ୟୋଗୀମାନଙ୍କୁ ଅନେକ ଆକର୍ଷଣୀୟ ସୁବିଧା ସାଙ୍ଗକୁ ପ୍ରୋତ୍ସାହନ ପ୍ରଦାନ କରାଯିବ। ଏହି ପ୍ୟାକେଜର ଉଦ୍ଦେଶ୍ୟ ହେଉଛି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧ କୋଟି ଯୁବକଯୁବତୀଙ୍କୁ ରୋଜଗାରର ଅବସର ପ୍ରଦାନ କରିବା ଏବଂ ବିହାରକୁ ଏକ ଔଦ୍ୟୋଗିକ ହବ୍ ଭାବରେ ପ୍ରତିଷ୍ଠା କରିବା। ଏ ବିଷୟରେ ନୀତିଶ କୁମାର ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ନୀତିଶ ସରକାରଙ୍କ ଏହି ଘୋଷଣାକୁ ବିହାରକୁ ଔଦ୍ୟୋଗିକ ହବ୍ କରିବା ଏବଂ ପଳାୟନ ସମସ୍ୟାକୁ କମ୍ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ସରକାର ଦାବି କରୁଛନ୍ତି ଯେ ଏହି ପ୍ୟାକେଜ କେବଳ ବିହାରରେ ନିବେଶକୁ ଆକର୍ଷିତ କରିବ ନାହିଁ, ବରଂ ସ୍ଥାନୀୟ ଯୁବକଯୁବତୀମାନଙ୍କୁ ରୋଜଗାରର ଅବସର ପ୍ରଦାନ କରି ସେମାନଙ୍କ ଭବିଷ୍ୟତକୁ ମଧ୍ୟ ସୁରକ୍ଷିତ କରିବ।

### ତାଣ୍ଡବ ରଚିଲା ବାଦଲଫଟା ବର୍ଷା

# ଡୋଡ଼ାରେ ୯ ମୃତ, ଶହ ଶହ ଘର ଭାଙ୍ଗିଲା



ନୂଆଦିଲ୍ଲୀ,୨୬।୮: ଜମ୍ମୁ କଶ୍ମୀରରେ ତାଣ୍ଡବ ରଚିଲା ପ୍ରବଳ ବର୍ଷା। କିସ୍ତୱାଡ ପରେ ଏବେ ଡୋଡାରେ ଧୋଇନେଲା ଘର। ବର୍ଷ ବର୍ଷ ଧରି ପରିଶ୍ରମ କରିବା ପରେ ତିଆରି ହୋଇଥିବା ଘର ଆଜି ନିମିଷକେ ମଧ୍ୟରେ ବନ୍ୟା ଜଳରେ ଉଭେଇ ଯାଇଛି। ମଙ୍ଗଳବାର ବାଦଲଫଟା ବର୍ଷା ପାଇଁ ବନ୍ୟା ଆସିବାରୁ ଜମ୍ମୁ-କଶ୍ମୀରର ଡୋଡାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏଥିରେ ଏପର୍ଯ୍ୟନ୍ତ ୯ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଏହା ସହିତ ଶହ ଶହ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। ବୈଷ୍ଣୋଦେବୀ ମନ୍ଦିର ନିକଟବର୍ତ୍ତୀ ଅର୍ଦ୍ଧକୱାରୀରେ ଏକ ବଡ଼ ଭୂସ୍ଖଳନ ଯୋଗୁଁ ଅନେକ ଲୋକ ପ୍ରାଣ ହରାଇଛନ୍ତି ଏବଂ ଆହତ ହୋଇଛନ୍ତି। ଡୋଡାରେ ଘର ଭୁଶୁଡ଼ି ପଡ଼ିବା ଫଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ଦୁଇଜଣଙ୍କର ଆକସ୍ମିକ ବନ୍ୟାରେ ମୃତ୍ୟୁ ହୋଇଛି। ଏପର୍ଯ୍ୟ ମୋଟ୍ ୯ଜଣଙ୍କ ମୃତ୍ୟୁକୁ ନିଶ୍ଚିତ କରାଯାଇଥିବା ବେଳେ ନିଖୋଜ ଲୋକଙ୍କ ଖବର ମିଳିପାରିନାହିଁ। ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଉଥିବାରୁ ନଦୀକୂଳରୁ ଦୂରେଇ ରହିବାକୁ ବାସିନ୍ଦାଙ୍କୁ ଅନୁରୋଧ କରିଛନ୍ତି କର୍ତ୍ତୃପକ୍ଷ। ଭୂସ୍ଖଳନ ଏବଂ ବଡ଼ ବଡ଼ ପଥର ଖସିବା ଯୋଗୁଁ ରାମବନ ଜିଲ୍ଲାରେ ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥ ବନ୍ଦ ହୋଇଯାଇଛି। କଶ୍ମୀର ଉପତ୍ୟକାକୁ କିସ୍ତୱାର ସହିତ ସଂଯୋଗ କରୁଥିବା ସିନ୍ଥନ ଟପ୍ ପାସ୍ ମଧ୍ୟ ବନ୍ଦ ହୋଇଯାଇଛି। ଏହା ସହ ଜୋଜିଲା ପାସ୍‌ରେ ପ୍ରବଳ ତୁଷାରପାତ ଯୋଗୁଁ ଶ୍ରୀନଗର-ଲେହ ରାଜପଥରେ ଯାତାୟତରେ ସମସ୍ୟା ହେଉଛି। ବନ୍ଦେ ଭାରତ ଏକ୍ସପ୍ରେସ୍, ଶ୍ରୀ ଶକ୍ତି ଏକ୍ସପ୍ରେସ୍ ଏବଂ ହେମକୁଣ୍ଟ ଏକ୍ସପ୍ରେସ୍ ସମେତ କଟରା ଯିବା ଆସିବା କରୁଥିବା ଅନେକ ଟ୍ରେନ୍ ବାତିଲ କରାଯାଇଛି।

## ପିକଅପ୍ ପଛରେ ପିଟି ହୋଇ ବାଇକ୍ ଆରୋହୀ ମୃତ

ବଲାଙ୍ଗିର, ୨୬ା୮ (ସଂଚାର ବ୍ୟୁରୋ) : ବଲାଙ୍ଗିର ଜିଲ୍ଲା ମୁରିବାହାଲ-ବଙ୍ଗୋମୁଣ୍ଡା ରାସ୍ତାର ପତ୍ରାପାଲି(କ)ଗ୍ରାମ କେନାଲ ନିକଟରେ ଚଳନ୍ତା ପିକଅପ୍ ପଛରେ ପିଟି ହୋଇ ଜଣେ ବାଇକ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ସିନ୍ଧେକେଲା ଥାନା ଠେମରା ପଞ୍ଚାୟତ ଜାମତରା ଗ୍ରାମର ଚମ୍ପେଶ୍ୱର ଭାଟି(୫୮)ବୋଲି ଜଣାପଡ଼ିଛି। ତାଙ୍କ ସହିତ ଥିବା ବାଇକ ଚାଳକ ଜଣଙ୍କ ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଦୌଡ଼ି ଫେରାର ହୋଇଯାଇଥିଲେ। ଦୁଇ ବାଇକ୍ ଆରୋହୀ କୌଣସି କାମରେ ନିଜର ସ୍ପେଲଣ୍ଡର ବାଇକ୍ (ଓଡ଼ି ୨୬ ୮୩୧୧ )ଯୋଗେ ବଙ୍ଗୋମୁଣ୍ଡା ପଟରୁ ମୁରିବାହାଲ ପଟକୁ ଆସୁଥିଲେ। ସେହି ରାସ୍ତାରେ କଦଳୀ ଦେଇ ଫେରୁଥିବା ଏକ ପିକଅପ୍( ଓଡ଼ି ଠ୩ ଏଡି ୧୦୮୫) ପୋଲ ନିକଟରେ ସାମାନ୍ୟ ଗତି ଧୀର କରିବାରୁ ପଛରୁ ଅତି ଦ୍ରୁତ ଗତିରେ ଆସୁଥିବା ଦୁଇ ବାଇକ୍ ଆରୋହୀ ପିକଅପକୁ ପଛପଟୁ ଜୋରରେ ଧକ୍କା ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ବାଇକ ପଛରେ ବସିଥିବା ଚମ୍ପେଶ୍ୱରଙ୍କ ମୁଣ୍ଡ ଓ ମୁହଁରୁ ପ୍ରଚୁର ରକ୍ତସ୍ରାବ ହୋଇ ଶୋଚନୀୟ ମୃତ୍ୟୁ ଘଟିଥିଲା। ବାଇକର ସମ୍ମୁଖ ଭାଗ ଚୁରମାର ହୋଇଯାଇଥିବା ବେଳେ ସାମାନ୍ୟ ଆହତ ଚାଳକ ଘଟଣା ସ୍ଥଳରୁ ଦୌଡ଼ି ଫେରାର ହୋଇଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ମୁରିବାହାଲ ଥାନା ପୁଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିଥିଲା। ଏ ସମ୍ପର୍କରେ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ସନାତନ ସାହୁ ପ୍ରକାଶ କରିଛନ୍ତି।

## କମାରଗୁଡ଼ା ପୋଲରେ ବିପଦସଙ୍କୁଳ ଯାତାୟାତ

ମାଲକାନଗିରି, ୨୬ା୮ (ସଂଚାର ବ୍ୟୁରୋ) : ବିପଦ ସଂକୁଳ ଅବସ୍ଥାରେ ମୁଖ୍ୟମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ନିର୍ମିତ ରାସ୍ତାର ପୋଲ। ଏହି ବିପଦସଂକୁଳ ଅବସ୍ଥାରେ ପୋଲ ଉପରେ ଯାଆ ଆସ କରୁଛନ୍ତି ଚାରିରୁ ଉର୍ଦ୍ଧ୍ୱ ଗ୍ରାମବାସୀ। ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ମାଲାବରମ ପଞ୍ଚାୟତର କମାରଗୁଡା ଗାଁକୁ ସଂଯୋଗ କରୁଛି ଏକ ପୋଲ। କମାରଗୁଡା ପୋଲ ଅପରପାର୍ଶ୍ୱରେ ଥିବା ନୀଳାକୋଟା ଓ ମାଲା ବରମ ଗ୍ରାମକୁ ସଂଯୋଗ କରୁଥିବା କମାରଗୁଡା ପୋଲ ଉପରେ ପ୍ରତିଦିନ ବହୁ ଯାନବାହାନ ଚଳାଚଳ କରୁଛି। ପୋଲଟି ବହୁ ପୁରାତନ ହୋଇଥିବା ବେଳେ ଉପରେ ଅତ୍ୟାଧିକ ଚାପ ପଡ଼ିବାରୁ ପୋଲ ଦବି ଯାଇ ଭାଙ୍ଗି ଯାଇଛି। ଅନ୍ୟ ପଟେ ଧିରେ ଧିରେ ଖସିପଡ଼ିବାର ଦୃଶ୍ୟ ମଧ ଦେଖିବାକୁ ମିଳୁଛି। ତେବେ ବର୍ତମାନ ଅଞ୍ଚଳବାସୀ ବିଭିନ୍ନ ଜରୁରୀକାଳୀନ କାର୍ଯ୍ୟ ପାଇଁ ଏହି ପୋଲ ଉପରେ ନିର୍ଭର କରୁଥିବା ବେଳେ ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବର୍ତମାନ କିଛି ଗ୍ରାମବାସୀ ମିଶି ପୋଲ ଉପରେ କେତେକ ସିମେଣ୍ଟ ପିଲର ପକାଇ ଜରୁରୀକାଳୀନ ଯାତାୟାତ କରୁଥିବା ନଜିର ରହିଛି। ତେବେ ଏହି ପୋଲ ଦେଇ ଅତିକ୍ରମ କରିବାରୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବର୍ତମାନ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଯଥା ଶିଘ୍ର ଏହି କଲଭର୍ଟ ମରାମତି କରାଯାଉ ବୋଲି ଅଞ୍ଚଳବାସୀ ଦାବୀ କରିଛନ୍ତି।

## ଚାଷୀ ପଞ୍ଜୀକରଣରେ ଓଡ଼ିଶାର ସର୍ବକାଳୀନ ରେକର୍ଡ

ଭୁବନେଶ୍ୱର, ୨୬ା୮ (ସଂଚାର ବ୍ୟୁରୋ) : ଚାଷୀ ପଞ୍ଜୀକରଣରେ ଓଡ଼ିଶା ସର୍ବକାଳୀନ ରେକର୍ଡ଼ କରିଛି। ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ବର୍ତମାନ ସୁଦ୍ଧା ୧୮ ଲକ୍ଷ ୫୦ ହଜାର ୯୮୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ଖରିଫରେ ୧୭ ଲକ୍ଷ ୫୦ ହଜାର ୪୬୨ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ମିଡିଲ ମ୍ୟାନ ଫାଇଦା ନନେବାକୁ ଇ କେୱାଇସି ଲାଗୁ କଲୁ। କିନ୍ତୁ ପରେ କିଛି ସମସ୍ୟା ଉପୁଜିବାରୁ ସେଲ୍ଫ ଡିକ୍ଲାରେସନ୍ ବ୍ୟବସ୍ଥା କଲୁ। ଯେଉଁଥି ପାଇଁ ଚାଷୀ ଅଧିକ ପଞ୍ଜୀକରଣ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଶେଷ ସ୍ପର୍ଶରେ ଜୀବନ୍ତ ପ୍ରଭୁ ଶ୍ରୀ ଗଜାନନ




ବିନିକା,୨୬ା୮(ସଂଚାର ବ୍ୟୁରୋ): ବୁଧବାର ଗଣେଶ ପୂଜା। ଧରା ପୃଷ୍ଠକୁ ଅବତରଣ କରିବେ ବିଘ୍ନ ବିନାଶକ ଗଣେଶ। ଏଥିପାଇଁ ଚଳଚଞ୍ଚଳ ଗାଁଠୁ ସହର। ଯିଏ ଏ ଦୁନିଆର ସ୍ରଷ୍ଟା ତାକୁ କେବଳ ସୃଷ୍ଟି କରିପାରେ କେବଳ ଜଣେ ଶିଳ୍ପୀ। ଶିଳ୍ପୀ ହାତର ସ୍ପର୍ଶ ପାଇ ଜୀବନ୍ତ ପ୍ରାୟ ଦିଶିବେ ଭଗବାନ। ପୁରୋହିତର ମନ୍ତ୍ରପାଠ ପରେ ଜୀବନ୍ୟାସ ପାଇବେ ଠାକୁର। ସବୁଠାରେ ଚାଲିଛି ମୂର୍ତ୍ତି ତିଆରି କାମ। ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଞ୍ଚଳରେ ଗଣେଶ ପୂଜା ପାଇଁ ମୂର୍ତ୍ତି କାରିଗରମାନେ ଜୋରସୋରରେ ଲାଗି ପଡିଛନ୍ତି। ଯେତିକି ପୂଜା ପାଖେଇ ଆସୁଛି ସେତିକି ମୂର୍ତ୍ତି କାରିଗରମାନଙ୍କ କାମ ସରି ସରି ଆସୁଥିବା ବେଳେ ପୂଜା କମିଟି ଗୁଡ଼ିକ ମଧ ପେଣ୍ଡାଲ ତିଆରିରେ ଲାଗି ପଡ଼ିଛନ୍ତି। ମାଟିରେ ଲେପ ଦେଇ ପ୍ରସ୍ତୁତ ହେଉଛି ସୁନ୍ଦର ସୁନ୍ଦର ଗଣେଶ ମୂର୍ତ୍ତି। ଗଜାନନଙ୍କର ଛୋଟ ପ୍ରତିମାଠାରୁ ଆରମ୍ଭ କରି ବଡ ପ୍ରତିମାଗୁଡ଼ିକୁ ବିଭିନ୍ନ ଭଙ୍ଗୀରେ ନିର୍ମାଣ କରୁଛନ୍ତି କାରିଗର। ଗୋଟିଏ କି ଦୁଇଟି ନୁହେଁ ବିନିକା ସହରର ବିଭିନ୍ନ ସ୍ଥାନରେ ମୂର୍ତ୍ତି କାରିଗରମାନେ ତିଆରି କରୁଛନ୍ତି ଶହ ଶହ ଗଣେଶ ମୂର୍ତ୍ତି।

ବିଭିନ୍ନ ପ୍ରକାର ଡିଜାଇନ୍ ରେ ତିଆରି ହେଉଛନ୍ତି ଗଣେଶ। କେଉଁଠି ଶିଳ୍ପୀ ତାର ସୃଜଶୀଳତାକୁ ମାଟିରେ ଆକାର ଦେବାକୁ ଚେଷ୍ଟା କରୁଛି ତ କେଉଁଠି ମୋବାଇଲରେ ଫଟୋ ଦେଖି ଗ୍ରାହକ ବରାଦ କରୁଛି ଡିଜାଇନ୍। ତେବେ ଏଥିରେ ଭଲ ଦୁଇ ପଇସା ରୋଜଗାର କରୁଛନ୍ତି କାରିଗର। ଏପରିକି ସୁଦୂର ରାଜସ୍ଥାନରୁ ଆସି ଏଠାରେ ଚକ୍ ମାଟିରେ ଓ ଛାଞ୍ଚରେ ମୂର୍ତ୍ତି ତିଆରି ଓ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି କାରିଗର। ଗଣେଶ ପୂଜାକୁ ଆଉ ଦିନେ ଥିବାରୁ ମାଟିଲେପ କାମ ପରେ ଏବେ ପ୍ରତିମା ଗୁଡ଼ିକର ରଙ୍ଗ କାମ ଚାଲିଛି। କୁମ୍ଭାର ସାହିର ଗଣେଶ ମୂର୍ତ୍ତିର ଚାହିଦା କେବଳ ବିନିକାରେ ନୁହେଁ ଆଖ ପାଖ ବିଭିନ୍ନ ଗ୍ରାମ ଗୁଡିକରେ ବି ରହିଛି। ଦୂର ଦୁରାନ୍ତରୁ ଆଖ ପାଖ ଅଞ୍ଚଳରୁ ଲୋକେ ମୂର୍ତ୍ତି ନେବାକୁ ଆସୁଥିବା ବେଳେ ଚଳିତ ବର୍ଷ ବିଶେଷ କରି ବଡ଼ ବଡ ଉଚ୍ଚର ମୂର୍ତ୍ତିକୁ ପସନ୍ଦ କରୁଥିବା ଦେଖାଦେଇଛି। ପ୍ରତିମା ଗୁଡିକରେ ଏବେ ଖଡ଼ି ରଙ୍ଗ ଦେବାପରେ ବିଭିନ୍ନ ରକମର ରଙ୍ଗ ଦେବାରେ ଲାଗିପଡ଼ିଛନ୍ତି ପୁରା ଶିଳ୍ପୀ ପରିବାର।

# ଯାଜପୁରରୋଡ-ଧାମରା ରେଳପଥ ଦାବି

କୋରେଇ, ୨୬ା୮ (ସଂଚାର ବ୍ୟୁରୋ) : ରାଜ୍ୟ ପରିବହନ ମନ୍ତ୍ରୀଙ୍କ ଦପ୍ତରରୁ ଯାଜପୁର ରୋଡ଼ - ଧାମରା ରେଳପଥ ସଂକ୍ରାନ୍ତୀୟ ସ୍ମାରକପତ୍ର ପ୍ରେରଣ ପାଇଁ ବାର୍ତା ଆସିବା ପରେ ଆଜି ସଂଗ୍ରାମ ସମିତି ପକ୍ଷରୁ ତାଙ୍କ ନିକଟକୁ ସ୍ମାରକପତ୍ର ପ୍ରେରଣ କରାଯାଇଛି। ଏହି ସ୍ମାରକ ପତ୍ରରେ ନେଟୱାର୍କ ପ୍ଲାନିଂ ଗ୍ରୁପ ସୃଷ୍ଟି କରିଥିବା ପ୍ରତିବନ୍ଧକ ସମ୍ପର୍କରେ ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ରାଜ୍ୟ ସରକାର ଏହି ପ୍ରକଳ୍ପ ମଞ୍ଜୁରୀ ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରିପାରିବେ ସେହି ଦାବି ଉପସ୍ଥାପନ କରାଯାଇଛି ବୋଲି ଯାଜପୁର ରୋଡ଼ - ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ଶ୍ରୀ ସନ୍ତୋଷ ଦାସ ଜଣାଇଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପ୍ରସ୍ତାବିତ ପ୍ରକଳ୍ପର ଡିପିଆରର ରେଳବାଇ ବୋର୍ଡ଼ର ମଞ୍ଜୁରୀ ଲାଭ କରିବା ପରେ ପରବର୍ତୀ ପଦକ୍ଷେପ ପାଇଁ ରେଳବାଇ ବୋର୍ଡ଼ ନିର୍ଦ୍ଦେଶାଳୟର ପ୍ରକଳ୍ପ ମୂଲ୍ୟାୟନ କମିଟି ଏହାକୁ ଅନ୍ତଃ-ମନ୍ତ୍ରଣାଳୟସ୍ତରୀୟ ନେଟୱାର୍କ ପ୍ଲାନିଂ ଗ୍ରୁପ୍ ପାଖକୁ ପ୍ରେରଣ କରିଥିଲା। ନେଟୱାର୍କ ପ୍ଲାନିଂ ଗ୍ରୁପ ପ୍ରକଳ୍ପ ମଞ୍ଜୁରୀ ପ୍ରକ୍ରିୟାରେ ଯେଉଁ ଅନ୍ତରାୟ ସୃଷ୍ଟି କରିଛି, ସେ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ବି କୌଣସି ପ୍ରତିକାରମୂଳକ ପଦକ୍ଷେପ ନିଆନଯିବା ଉଦ୍‌ବେଗଜନକ ବୋଲି ଯାଜପୁର ରୋଡ଼ - ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।ପ୍ରକଳ୍ପ ମଞ୍ଜୁରୀ ପାଇଁ କେନ୍ଦ୍ର ସରକାରଙ୍କ ଉପରେ ନୈତିକ ଚାପ ସୃଷ୍ଟି ନିମନ୍ତେ ଜମି ଅଧିଗ୍ରହଣର ପୂର୍ଣ୍ଣ ବ୍ୟୟଭାର ସମେତ ରେଳପଥ ନିର୍ମାଣର ଆଂଶିକ ବ୍ୟୟ ବହନ କରିବାକୁ ସଂଗ୍ରାମ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି। ଏହା ପୂର୍ବରୁ ବର୍ଷ ବର୍ଷ ଧରି ଖୋର୍ଦ୍ଧା- ବଲାଙ୍ଗିର, ଜୟପୁର – ମାଲକାନଗିରି, ଜୟପୁର - ନବରଙ୍ଗପୁର ଓ ପୁରୀ – କୋଣାର୍କ ରେଳପଥ ପାଇଁ ରାଜ୍ୟ ସରକାର ଅନୁରୂପ ପଦକ୍ଷେପ ନେଇଛନ୍ତି। ୨୦୨୪–୨୫ର ରାଜ୍ୟ ବଜେଟ୍‌ରେ ଓଡ଼ିଶାରେ ରେଳପଥ ସଂଯୋଗୀକରଣ ପାଇଁ ୬୦୦ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଥିଲା ବେଳେ ୨୦୨୫-୨୬ରେ ତାହାକୁ ୩୦୦ କୋଟି ଟଙ୍କାରୁ ହ୍ରାସ କରାଯାଇଛି। ଓଡ଼ିଶାର ସପ୍ଲିମେଣ୍ଟାରୀ ବଜେଟରେ ଅଧିକ ୩୦୦ କୋଟି ଟଙ୍କାର ବ୍ୟୟବରାଦ କରି ତାହା ଯାଜପୁର ରୋଡ଼ - ଧାମରା ରେଳପଥ ପାଇଁ ଉତ୍ସର୍ଗ କରିବାକୁ ସଂଗ୍ରାମ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି। ଗତ ଅଗଷ୍ଟ ୧୬ ତାରିଖରେ ଶାନ୍ତି ମଣ୍ଡପ, ଯାଜପୁରରେ ଅନୁଷ୍ଠିତ ସଂଗ୍ରାମ ସମିତିର ବୈଠକରେ ଯେଉଁ କାର୍ଯ୍ୟକ୍ରମ ନିଆଯାଇଥିଲା।

## ଧରାପଡ଼ିଲା ଦୁର୍ଦ୍ଧାନ୍ତ ମାଓବାଦୀ ବିଶୁ

ରାଉରକେଲା,୨୬ା୮(ସଂଚାର ବ୍ୟୁରୋ): ଗତ ଜୁନ ୧୪ ତାରିଖରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ସିଲକୁଟା ଫରେଷ୍ଟ ରେଞ୍ଜରେ ମାଓବାଦୀମାନେ ଏକ ବଡ଼ ଧରଣର ବିସ୍ଫୋରଣ ଘଟାଇଥିଲେ। କୁମ୍ବିଂ ଅପରେସନ କରୁଥିବା ସମୟରେ ଜଣେ ସିଆର୍‌ପିଏଫ୍ ଯବାନ ଏହି ବିସ୍ଫୋରଣରେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ରାଉରକେଲା ଆପୋଲୋ ହସ୍ପିଟାଲ ଅଣାଯାଇଥିଲେ ହେଁ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ପୁଲିସ ଦୁର୍ଦ୍ଧାନ୍ତ ମାଓବାଦୀ ବିଶୁ ସିଂକୁ ଆଜି ଗିରଫ କରିବାରେ ସ୍ଥାନୀୟ ପୁଲିସ୍ ସକ୍ଷମ ହୋଇଛି। ଆଜି ସନ୍ଧ୍ୟାରେ ରାଉରକେଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ରାଉରକେଲା ଏସ୍‌ପି ନୀତେଶ ୱାଧୱାନି ଏହି ସୂଚନା ଦେଇଛନ୍ତି।

ଧରାପଡ଼ିଲା ଦୁର୍ଦ୍ଧାନ୍ତ ମାଓବାଦୀ ବିଶୁ

ରାଉରକେଲା,୨୬ା୮(ସଂଚାର ବ୍ୟୁରୋ): ଗତ ଜୁନ ୧୪ ତାରିଖରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ସିଲକୁଟା ଫରେଷ୍ଟ ରେଞ୍ଜରେ ମାଓବାଦୀମାନେ ଏକ ବଡ଼ ଧରଣର ବିସ୍ଫୋରଣ ଘଟାଇଥିଲେ। କୁମ୍ବିଂ ଅପରେସନ କରୁଥିବା ସମୟରେ ଜଣେ ସିଆର୍‌ପିଏଫ୍ ଯବାନ ଏହି ବିସ୍ଫୋରଣରେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ରାଉରକେଲା ଆପୋଲୋ ହସ୍ପିଟାଲ ଅଣାଯାଇଥିଲେ ହେଁ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ପୁଲିସ ଦୁର୍ଦ୍ଧାନ୍ତ ମାଓବାଦୀ ବିଶୁ ସିଂକୁ ଆଜି ଗିରଫ କରିବାରେ ସ୍ଥାନୀୟ ପୁଲିସ୍ ସକ୍ଷମ ହୋଇଛି। ଆଜି ସନ୍ଧ୍ୟାରେ ରାଉରକେଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ରାଉରକେଲା ଏସ୍‌ପି ନୀତେଶ ୱାଧୱାନି ଏହି ସୂଚନା ଦେଇଛନ୍ତି।

# ଆଇଟିବିପି ଛାତ୍ରଛାତ୍ରୀଙ୍କ ଅଧ୍ୟୟନକୁ ନେଇ ଆନ୍ଦୋଳନ ତେଜିଲା

ଖୋର୍ଦ୍ଧା, ୨୬ା୮ (ସଂଚାର ବ୍ୟୁରୋ) : ଆଇ ଟି ବି ପି ଛାତ୍ରଛାତ୍ରୀମାନଙ୍କ ଅଧ୍ୟୟନକୁ ନେଇ ଆଇଟିବିପି ସ୍କୁଲ ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟାଳୟର ୧ ରୁ ୫ କ୍ଲାସ ଛାତ୍ରଛାତ୍ରୀ ଓ ଅବିଭାବକ ମାନେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଗତ ୫ ମାସ ତଳେ ଆଇ ଟି ବି ପି ସ୍କୁଲ ରେ କେନ୍ଦ୍ରୀୟ ବିଦ୍ୟାଳୟ ଘୋଷଣା ପରେ ତତ୍କାଳୀନ ଜିଲ୍ଲାପାଳ ବିଦ୍ୟାଳୟ ପରିଦର୍ଶନ ପରେ ବିଦ୍ୟାଳୟର ୧ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଆଡ଼ମିସନ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ନିଜର ଡକୁମେଣ୍ଟ ପ୍ରସ୍ତୁତ ପାଇଁ କର୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ନୋଟିସ ଦିଆଗଲା। ଅବିଭାବକ ମାନଙ୍କୁ ସୂଚନା ଦିଆଗଲା କି ପଢୁଥିବା ସବୁପିଲା କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ଥାନିତ ହେବେ। ଯାହାର ବୟସ କମ ହେଉଥିଲା ସେମାନଙ୍କ ପାଇଁ ପୁଣି ସେହି ଶ୍ରେଣୀରେ ରିପିଟ ହେବା ପାଇଁ ମଧ ଅପାର ଆଇ ଡି ପ୍ରସ୍ତୁତ ହୋଇଥିଲା। ଏବଂ ସ୍କୁଲ ଗ୍ରୁପ ରେ ସମସ୍ତେ ସ୍କୁଲ ଜରିଆରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଆବେଦନ କରିବାକୁ ନୋଟିସ ଦିଆଗଲା। ସେହି କ୍ରମରେ ସମସ୍ତେ ଆବେଦନ କଲେ ଓ ବାହାର ଛାତ୍ର ଛାତ୍ରୀ ମାନେ ମଧ୍ୟ ଆବେଦନ କଲେ। କେନ୍ଦ୍ରୀୟ ବିଦ୍ୟାଳୟ ତରଫରୁ ଲଟେରୀ କରାଯାଇ ଲିଷ୍ଟ ବାହାରିଲା ଫଳରେ ଆଇ ଟି ବି ପି ସ୍କୁଲ ର ବହୁ ଛାତ୍ର ଛାତ୍ରୀ ପଢ଼ିବାରୁ ବାଦ ପଡ଼ିଛନ୍ତି। ଚିନ୍ତାର ବିଷୟ ଯେ, ବିଦ୍ୟାଳୟର ଭୁଲ ପାଇଁ ଶତାଧିକ ଛାତ୍ରଛାତ୍ରୀ ଗତ ୫ ମାସ ଧରି ଅଧ୍ୟୟନରୁ ବଞ୍ଚିତ ହୋଇ ମାନସିକ ଚାପରେ ରହିଛନ୍ତି। ଏନେଇ ବିଦ୍ୟାଳୟ କର୍ତୃପକ୍ଷ ନିଜ ଦୋଷକୁ ଘୋଡାଇବା ପାଇଁ ଅବିଭାବକ ଏବଂ ପିଲାଙ୍କୁ ଗେଟ ବାହାରୁ ବିଦାୟ କରିଦେଇଥିଲେ। ପରେ ସମସ୍ତେ ଜିଲ୍ଲାପାଳ କାର୍ଯ୍ୟାଳୟ ଯାଇଥିଲେ କିନ୍ତୁ ନୂଆ ଜିଲ୍ଲାପାଳ ନଥିବାରୁ ଏଡ଼ିଏମ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ନିଜର ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ଓ କ'ଣ ହୋଇପାରିବ ମୁଁ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ପଦକ୍ଷେପ ନେବାକୁ ଅବିଭାବକ ମାନଂକୁ ପ୍ରତିଶୃତି ଦେଇଥିଲେ। ଆଇ ଟି ବି ପି ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟର ଏପରି ମନମୁଖୀ କାର୍ଯ୍ୟ ପାଇଁ ଶତାଧିକ ପିଲାଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଚାଲିଯାଉଥିବାରୁ ରାଜ୍ୟ ସରକାର ଶିକ୍ଷା ବିଭାଗ ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିରେ ହସ୍ତକ୍ଷେପ କରିବାକୁ ଅବିଭାବକ ତଥା ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି। ପୂର୍ବ ମାସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଉଦଘାଟନକୁ ଆସି ପ୍ରଥମେ ଆଇ ଟି ବି ପି ଛାତ୍ର ଛାତ୍ରୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଘୋଷଣା କରିଥିଲେ ମଧ ଏହାକୁ କର୍ତୃପକ୍ଷ ଫୁ କରି ବିଦ୍ୟାର୍ଥୀ ମାନଙ୍କୁ ହତାଶ କରିଛନ୍ତି। ଏହାର ସମାଧାନ ପାଇଁ ଜିଲ୍ଲାପାଳ, ରାଜ୍ୟ ଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଅବିଭାବକ ଓ ଛାତ୍ରଛାତ୍ରୀ ମାନେ ନିବେଦନ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆମ...

ଆଣିବା ଆମ ସରକାର ଓ ଜନସାଧାରଣଙ୍କ ମଧରେ ଥିବା ଦୂରତାକୁ କମ୍ କରିବାରେ ଏହା ସହାୟକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେକ୍ନୋଲୋଜିର ବ୍ୟବହାର କରି ଦେଶରେ ଦୁର୍ନୀତିର ପ୍ରଭାବ କମ୍ କରିପାରିଛନ୍ତି। ଜନଧନ, ଆଧାର ଓ ମୋବାଇଲ (ଜେଏଏମ୍)ର ଉପଯୋଗ ପରେ ସରକାରଙ୍କ ପକ୍ଷରୁ ଲୋକଙ୍କ ପାଖକୁ ଟଙ୍କାଟିଏ ଗଲେ ଲୋକ ପୂରା ଟଙ୍କାଟିଏ ହିଁ ପାଉଛନ୍ତି, ତେଣୁ ବାଟମାରଣା ବନ୍ଦ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ନିଜକୁ 'ବସ୍' ବୋଲି ନ ଭାବି ଲୋକଙ୍କ ସେବକ ଭାବେ କାମ କରୁଛୁ। ଶାସନ ପ୍ରକ୍ରିୟାରେ ଜନସାଧାରଣଙ୍କ ସକ୍ରିୟ ଭାଗିଦାରୀ ହିଁ ଆମ ପାଇଁ ସମ୍ପତ୍ତି। ଆମ ଶାସନ ବ୍ୟବସ୍ଥା ବର୍ତ୍ତମାନ ସମୟ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମ୍ପ୍ରତି ସରକାର ଅନଲାଇନ ଜରିଆରେ ୩୨ଟି ବିଭାଗର ୪୨୮ଟି ସେବା ଯୋଗାଉଥିବା ବେଳେ 'ଆମ ଶାସନ'ରେ ପ୍ରଥମ ପର୍ଯ୍ୟାୟରେ ୮ଟି ବିଭାଗର ୧୩ଟି ସେବା ପାଇଁ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଅନ୍‌ଲାଇନ୍ ଜରିଆରେ ବିଭିନ୍ନ ଜିଲ୍ଲାର ଅଧିକାରୀ ଓ ହିତାଧିକାରୀମାନେ ଯୋଡ଼ିହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେତେ ଜଣ ହିତାଧିକାରୀଙ୍କ ସହ ଆଲୋଚନା ମଧ କରିଥିଲେ। ସେମାନେ ସରକାରଙ୍କ ଯୋଜନାର ସୁଫଳ ସେମାନେ ସୁବିଧାରେ ପାଉଥିବା କହିଛନ୍ତି।

କାର୍ଯ୍ୟକ୍ରମର ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଲୋକଙ୍କୁ ସୁଶାସନ ଦେବାକୁ ସୂଚନା ପ୍ରଯୁକ୍ତି ସମନ୍ୱିତ ଏହି ଫିଡ୍‌ବ୍ୟାକ୍ ମେକାନିଜମ୍ ଆରମ୍ଭ କରାଯାଇଛି। ସୁଶାସନ ଦିଗରେ ଲୋକଙ୍କ ସରକାରଙ୍କ ଏହା ଏକ ନୂଆ ପଦକ୍ଷେପ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତି ଏସ୍. ଉପସ୍ଥିତ ଥିଲେ। ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ପ୍ରଦୀପ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ଓଡ଼ିଶାକୁ...

ପିଆରଆଇଗୁଡ଼ିକ ଏହି ଅନୁଦାନ ବ୍ୟବହାର କରିବେ। ତେବେ ଏହାକୁ ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚରେ ଉପଯୋଗ କରାଯିବନାହିଁ। ମୌଳିକ ସେବା ପାଇଁ ଅନୁବନ୍ଧିତ ଅନୁଦାନଗୁଡ଼ିକ ଉପଯୋଗ କରାଯାଇପାରିବ। ଏହି ସେବାଗୁଡ଼ିକରେ ସ୍ୱଚ୍ଛତା ଏବଂ ଖୋଲା ମଳମୁକ୍ତ ସ୍ଥିତିକୁ ବଜାୟ ରଖିବା, ଘରୋଇ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ଉପଚାର, ବିଶେଷ କରି ମାନବ ମଳ ଏବଂ ପଙ୍କ ପରିଚାଳନା ସାମିଲ ରହିଛି। ଏହାଛଡ଼ା ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଓ ଜଳ ପୁନଃଚକ୍ରଣ ମଧ୍ୟ ଏଥିରେ ସାମିଲ୍ ହେବା ଆବଶ୍ୟକ।

## ପୃଥକ୍...

ରାସୋଳ ଥାନା ବମ୍ପା ପଞ୍ଚାୟତ ଅଧୀନ ବ୍ରଜନାଥପୁର ଖଇରାସାହି ଗାଁ ନିକଟସ୍ଥ ଜଙ୍ଗଲ ରାସ୍ତାରେ ଗତକାଲି ରାତି ପ୍ରାୟ ୮ଟାରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତ ଯୁବକ ହେଲେ ୪୫ ବର୍ଷୀୟ ହାଡ଼ିବନ୍ଧୁ ଭୋଇ। ହାଡିବନ୍ଧୁ ଓ ୫୫ ବର୍ଷୀୟ ଫକୀର ପ୍ରଧାନ ନିକଟସ୍ଥ ବନ୍ଧକୁ ଶୌଚ ପାଇଁ ଯାଇଥିବା ସମୟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଉଭୟଙ୍କୁ ହାତୀ ଆକ୍ରମଣ କରିବାରୁ ସେମାନେ ଘଟଣାସ୍ଥଳରେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ହେଁ ହାଡିବନ୍ଧୁଙ୍କୁ ହାତୀ ଚାପିଦେଇଥିଲା। ସେହିପରି ହାତୀ ଆକ୍ରମଣରେ ଫକୀର ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କୁ ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରି ଢେଙ୍କାନାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ଜଣାପଡ଼ିଛି।

ଏହାଛଡ଼ା ବଜ୍ରପାତରେ ମୃତ୍ୟୁବରଣ କରିଥିବା ୩ ଜଣଙ୍କ ମଧ୍ୟରୁ ଛତ୍ରପୁର ବ୍ଲକର ୨ ଜଣ ରହିଥିବା ବେଳେ ଅନ୍ୟ ଜଣେ ଗଞ୍ଜାମ ବ୍ଲକ୍‌ର ବାସିନ୍ଦା। ଛତ୍ରପୁର ବ୍ଲକ୍‌ର ପୋଟଳମପୁର ପଞ୍ଚାୟତ ଅନ୍ତର୍ଗତ ସରଭାପୁର ଗ୍ରାମର କୁନି ଗୌଡ଼ (୩୫) ଓ ନିରୁପମା ଗୌଡ଼ ଧାନ ବିଲରେ କାମ କରୁଥିବା ସମୟରେ ହଠାତ୍ ବଜ୍ରପାତ ହେବାରୁ ସେମାନଙ୍କର ଘଟଣାସ୍ଥଳରେ ଜୀବନ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବିପିଲିଙ୍ଗି ଡାକ୍ତରଖାନାକୁ ନେଇଥିଲେ ହେଁ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଗଞ୍ଜାମ ବ୍ଲକ ରାଉଳିବନ୍ଧ ଗ୍ରାମର ମିନି ଗୌଡ଼ (୪୭) ମଧ ଅନୁରୂପ ଭାବେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ଗଞ୍ଜାମ ପୁଲିସ ଓ ଛତ୍ରପୁର ପୁଲିସ ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

ଅନ୍ୟପକ୍ଷରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଡୁକୁଲା ଗାଁରେ ଅଗ୍ନିକାଣ୍ଡରେ ସ୍ୱାମୀ-ସ୍ତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତ ଦମ୍ପତି ହେଲେ ରାଜେଶ ପଟେଲ ଓ ତାଙ୍କ ସ୍ତ୍ରୀ ରୀମା ପଟେଲ। ଗତକାଲି ରାତିରେ ଉକ୍ତ ପରିବାରର ୫ ଜଣ ସଦସ୍ୟ ବସି କଥାବାର୍ତ୍ତା ହେଉଥିଲେ। ତେବେ ଏହି ସମୟରେ ବିଦ୍ୟୁତ୍ ଶର୍ଟସର୍କିଟ ଘଟିବା ଫଳରେ ଘରେ ନିଆଁ ଲାଗିଯାଇଥିଲା। ଫଳତଃ ରାଜେଶ ଓ ରୀମା ଜଳିଯାଇଥିଲେ। ରାଜେଶଙ୍କ ବାପା ମକାରୁ ପଟେଲ ଓ ମା' ଗୀତା ପଟେଲ ୯ ମାସର ଶିଶୁପୁତ୍ରକୁ ନେଇ ଛାତ ଉପକୁ ଚାଲିଯିବା ଫଳରେ ସେମାନେ ବର୍ତ୍ତିଯାଇଛନ୍ତି। ସେହିପରି ଅଗ୍ନିକାଣ୍ଡରେ ଆସବାବପତ୍ର ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଖଡିଆଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦମ୍ପତିଙ୍କୁ ଉଦ୍ଧାର କରି ଖଡ଼ିଆଳ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ଦମ୍ପତିଙ୍କୁ ମୃତ ଘୋଷଣା କରିଥିଲେ।

## ଗଠନ...

ପରିଚାଳନା କମିଟି ଗଠନ ହୋଇଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରୁନଥିବା ନେଇ ଖବର ପ୍ରକାଶ ପାଇଥିଲା। ତେବେ ଆସନ୍ତା ଗୋଟିଏ ସପ୍ତାହ ଭିତରେ ନୂଆ କମିଟି ଗଠନ ହେବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। କମିଟି ନଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ପାରୁନଥିଲା। ଅନେକ କାମ ମଧ କମିଟି ଅଭାବରୁ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଶ୍ରୀଜୀଉଙ୍କ ନୀତିକାନ୍ତିରେ ଶୃଙ୍ଖଳା ଆଣିବାକୁ ରହିଥିବା ପ୍ରସ୍ତାବ ଉପରେ ମୋହର ବାଜି ପାରୁନଥିଲା। ଏବେ କମିଟି ଗଠନ ହେବା ପରେ ଏହିସବୁ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଜଣାପଡ଼ିଛି।

## ଖୁବ୍‌ଶୀଘ୍ର...

ଅନେକ ଐତିହ୍ୟସ୍ଥଳ ଲୁମ୍ପିୟିତ ହୋଇ ପଡ଼ିରହିଛି। ଏସବୁକୁ ହିସାବ କଲେ ଓଡ଼ିଶାରେ ଏହାର ସଂଖ୍ୟା ୩ ହଜାରରୁ ଅଧିକ ହେବ। ଏଥିରୁ ୮୨ଟି କୀର୍ତ୍ତିରାଜିକୁ ଭାରତୀୟ ପ୍ରନିତତ୍ତ୍ୱିକ ସଂସ୍ଥା ରକ୍ଷଣାବେକ୍ଷଣ କରୁଥିବାବେଳେ ୨୧୨ଟି ରାଜ୍ୟ ପ୍ରନିତାତ୍ତ୍ୱିକ ସଂସ୍ଥା ହାତରେ ରହିଛି। ତେବେ ବାକି ଥିବା ଐତିହ୍ୟ ସ୍ଥଳର ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହାର ସୌନ୍ଦର୍ଯ୍ୟକରଣର ଆବଶ୍ୟକତା ରହିଛି। ତେଣୁ ଏହି କାର୍ଯ୍ୟକୁ ଆଗେଇ ନେବା ପାଇଁ ପର୍ଯ୍ୟଟନ, ସଂସ୍କୃତି ଓ ପୂର୍ତ୍ତ ବିଭାଗ ସମନ୍ୱୟରେ ଏକ ଟାସ୍କଫୋର୍ସ ଗଠନର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ସେହିଭଳି ବୈଠକରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ଶ୍ରୀଜଗନ୍ନାଥଙ୍କ ଦେଶ ଭାବେ ପରିଚିତ ଓଡ଼ିଶା ଐତିହ୍ୟ ଓ ସଂସ୍କୃତିର ଗନ୍ତାଘର। ଏହାର ପ୍ରତ୍ୟେକ କୋଣ ଅନୁକୋଣରେ ଐତିହ୍ୟ ଓ ପୁରାତନ କୀର୍ତ୍ତିରାଜି ଭରି ରହିଛି। ଏହିସବୁ କୀର୍ତ୍ତିରାଜିର ସୁରକ୍ଷା ସହିତ ପାରିପାର୍ଶ୍ୱିକ ବିକାଶ ଓ ଭଲ ସଡ଼କ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଜରୁରୀ। ଫଳରେ ଲୋକଲୋଚନ ଆଢୁଆଳରେ ଥିବା ଓଡ଼ିଶାର ଐତିହ୍ୟସ୍ଥଳୀକୁ ବିଶ୍ୱର ସବୁ ସ୍ଥାନରୁ ପର୍ଯ୍ୟଟକ ଆସିବାର ସମ୍ଭାବନା ସୃଷ୍ଟି ହୋଇପାରିବ। ସବୁ ପୁରାତନ ମନ୍ଦିରର ଜିଓ ଟ୍ୟାଗିଂ କରାଯିବା ସହ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବିଭିନ୍ନ କ୍ଷେତ୍ରର ଉନ୍ନତିକରଣ ହେବ। ଏଥି ସହିତ ରାଜ୍ୟରେ ଥିବା ତାରା-ତାରେଣୀ ମନ୍ଦିରଠାରୁ ଆରମ୍ଭ କରି ବିରଜା କ୍ଷେତ୍ର ପର୍ଯ୍ୟନ୍ତ ସବୁ ଶକ୍ତିପୀଠକୁ ଯୋଡ଼ି ଏକ କରିଡ଼ର ନିର୍ମାଣ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥି ଲାଗି ସବୁ ପୁରାତନ ଐତିହ୍ୟ ସ୍ଥଳୀର ପ୍ରୋଫାଇଲ୍ ପ୍ରସ୍ତୁତି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ।

ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ ଯେ ପୁରାତନ ଐତିହ୍ୟ ସ୍ଥଳୀର ଗଣନାରେ ଓଡ଼ିଶା ଆଗରେ ଥିବାବେଳେ ସେହି ଅନୁସାରେ ଆମ କୀର୍ତ୍ତିରାଜି ଲୁଟ୍‌ରେ ମଧ୍ୟ ଆମେ ସର୍ବଭାରତୀୟ ସ୍ତରରେ କିଛି ପଛରେ ନାହୁଁ। ଆମର ବହୁ କୀର୍ତ୍ତିରାଜି ବିଦେଶରେ କୋଟି କୋଟି ଟଙ୍କାର ବିକ୍ରି ହୋଇଥିବାର ନଜିର ଅଛି। ତେବେ ଏହାର ସୁରକ୍ଷା ଭାର ଆମ ଉପରେ ରହିଛି। ତେଣୁ ପର୍ଯ୍ୟଟନ ସମ୍ଭାବନାକୁ ବୃଦ୍ଧି କରିବାକୁ ହେଲେ ସବୁ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସକୁ ଦୃଷ୍ଟିରେ ରଖି ପ୍ରାଥମିକ ପର୍ଯ୍ୟାୟରେ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ରାଜ୍ୟର ୭୫ଟି ଐତିହ୍ୟ ସ୍ମାରକର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ବଲବନ୍ତ ସିଂ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦେବ ପ୍ରସାଦ ଦାସ, ଇଆଇସି (ସିଭିଲ୍) ସତ୍ୟବ୍ରତ ବେହେରା, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସମୀର ହୋତା, ମୁଖ୍ୟଯନ୍ତ୍ରୀ (ବିଲ୍‌ଡିଂ-୧) ପ୍ରିୟବ୍ରତ ସାମନ୍ତରାୟ, ପୂର୍ତ୍ତ ବିଭାଗ ଉପଦେଷ୍ଟା ଜେ.କେ. ଦାସ, ଏଏସ୍‌ଆଇ ସୁପରିଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଶା...

ବର୍ତ୍ତମାନ ସୁଦ୍ଧା ତାହା ହୋଇପାରୁନାହିଁ। ଦୀର୍ଘଦିନ ଧରି ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହୋଇନଥିବାରୁ ବର୍ତ୍ତମାନ ଯୁକ୍ତ ୨ର ଦ୍ୱିତୀୟ ବର୍ଷ ସମେତ ଯୁକ୍ତ ୩ରେ ଦ୍ୱିତୀୟ ଓ ତୃତୀୟ ବର୍ଷରେ ପଢୁଥିବା ଛାତ୍ରଛାତ୍ରୀମାନେ ନିର୍ବାଚନ ସଂକ୍ରାନ୍ତରେ କିଛି ଜାଣିନାହାନ୍ତି। ତେଣୁ ଅଳ୍ପ ଦିନ ମଧରେ ସେମାନଙ୍କୁ ନେଇ କିଭଳି ନିର୍ବାଚନ ଲଢ଼ିହେବ, ତାହା ଏବେ ସବୁ ଛାତ୍ର ସଂଗଠନ ପାଇଁ ବଡ଼ ଆହ୍ୱାନ ହୋଇଛି।

ଇତି ମଧରେ ରାଜ୍ୟର ତିନି ପ୍ରମୁଖ ଛାତ୍ର ସଂଗଠନରେ ନୈରାଶ୍ୟ ଭାବ ପରିଲକ୍ଷିତ ହୋଇଛି। ଛାତ୍ର କଂଗ୍ରେସ ସଭାପତି ନାରୀ ନିର୍ଯାତନା ମାମଲାରେ ଜେଲ୍ ଯାଇଛନ୍ତି। ବାଲେଶ୍ୱର ଛାତ୍ରୀ ପୋଡି ଘଟଣାରେ ଏବିଭିପିର ଆଗଧାଡିର ଛାତ୍ରନେତା ଗିରଫ ହୋଇଛନ୍ତି। ଯଦିଓ ବହୁ ବିଳମ୍ବରେ ବିଜେଡି ତାହାର ଛାତ୍ର ସଭାପତି ଓ ଯୁବ ସଭାପତି ନିଯୁକ୍ତ କରିଛି, କିନ୍ତୁ ହାତାରେ ଅଳ୍ପଦିନ ଥିବାରୁ ସେମାନେ ସାରା ରାଜ୍ୟରେ କିଭଳି ଛାତ୍ର ସଂଗଠନକୁ ବଳ ଯୋଗାଇବେ ତାହା ବଡ ଚ୍ୟାଲେଞ୍ଜ ହୋଇଛି। ତେଣୁ ତିନି ପ୍ରମୁଖ ଦଳର ଛାତ୍ର ସଂଗଠନ କିଭଳି ନିର୍ବାଚନ ଲଢ଼ିବେ ତାହାକୁ ନେଇ ବି ଚିନ୍ତାରେ ଅଛନ୍ତି।

ଛାତ୍ର ସଂସଦ ନିର୍ବାଚନ ଆଲୋଚନା ମଧରେ ବାଣିବିହାରରେ ଛାତ-ଅଣଛାତ୍ର ଗଣ୍ଡଗୋଳ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଅବଶ୍ୟ ଏଠାରେ ଗୋଟିଏ ଛାତ୍ର ସଂଗଠନ ଦୁଇ ଦଳ ହୋଇ ଲଢ଼ିବା ସହିତ ଥାନାରେ ପହଞ୍ଚିଥିଲେ। ଏହାକୁ ନେଇ ଛାତ୍ର ବିଜେଡି ଓ ବିଜେପି ଯୁବମୋର୍ଚ୍ଚା ମଧରେ ବାକ୍ ଯୁଦ୍ଧ ଜାରି ରହିଛି। ଛାତ୍ର କଂଗ୍ରେସ ମଧ ମଉକା ଦେଖି ବିବୃତ୍ତି ଛାଡିବାରେ ଲାଗିଛି। ଅନ୍ୟ ପକ୍ଷରେ ଦୀର୍ଘଦିନ ଧରି ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହୋଇନଥିବାରୁ ଉଭୟ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧରେ ଆଉ ଶିକ୍ଷାନୁଷ୍ଠାନ ରାଜନୀତି ପ୍ରତି ସେଭଳି ଆଗ୍ରହ ପରିଲକ୍ଷିତ ହେଉନାହିଁ।

ରାଜନୈତିକ ଦଳଗୁଡିକ ମଧ ପୂର୍ବରୁ ଯେତେ ମାତ୍ରାରେ ଆଗ୍ରହ ପ୍ରକାଶ କରୁଥିଲେ ତାହା ବି ନାହିଁ। ତେଣୁ ଏଭଳି ଆଶା ଆଶଙ୍କା ଭିତରେ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ତାହା କେହି ସଠିକ୍ ଭାବେ କହିପାରୁ ନାହାନ୍ତି। ତେବେ ରାଜ୍ୟର ନୂଆ ସରକାର ଗତବର୍ଷ ସମୟ ଅଭାବକ କହି ଛାତ୍ରସଂସଦ ନିର୍ବାଚନ ଟାଳି ଦେଇଥିବାବେଳେ ଏଥର କ'ଣ ପଦକ୍ଷେପ ନେଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଇପସିତା...

ରାଜେନ୍ଦ୍ର କୁମାର ସାହୁ, ଅମରେଶ ପତ୍ରି ଓ ସଞ୍ଜିତ ମହାନ୍ତିଙ୍କୁ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ଦାୟିତ୍ୱ ଦିଆଯାଇଛି। ସେହିପରି ବିଜୁ ଛାତ୍ର ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ (ଛାତ୍ର ବ୍ୟାପାର) ଭାବେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ନିଯୁକ୍ତ କରାଯାଇଛି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କୁ ସାଧାରଣ ସମ୍ପାଦକ (ଛାତ୍ର ବ୍ୟାପାର) ଭାବେ ନିଯୁକ୍ତ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ।

ବିଜେଡିର କୋର ଟିମ୍ ସହ ସାମାନ୍ୟତମ ବିଚାରବିମର୍ଶ ନ କରି ଦଳର ଯୁବ ଓ ଛାତ୍ର ସଂଗଠନର ସଭାପତିଙ୍କ ନାଁ ଆଜି ଘୋଷଣା ହୋଇଥିବା ଚର୍ଚ୍ଚା ହେଉଛି। ଦଳର ଦୁଇ ଛାମୁଆ ସଂଗଠନର ସଭାପତିଙ୍କ ନାମ ଘୋଷଣା ସହ ଉଭୟ ସଂଗଠନ ପାଇଁ ୪ ଜଣ ଲେଖାଏଁ ବରିଷ୍ଠ ନେତାଙ୍କୁ ମଧ ଦାୟିତ୍ୱ ଦିଆଯାଇଛି। ତେବେ ବିଜେଡିର କୌଣସି ବରିଷ୍ଠ ନେତା ବିଶେଷକରି କୋର୍ ଟିମ୍ ସଦସ୍ୟମାନଙ୍କ ସହ ମଧ ଏନେଇ କୌଣସି ଆଲୋଚନା ହୋଇନଥିବା ଜଣାପଡ଼ିଛି। ନିର୍ଭରଯୋଗ୍ୟ ସୂତ୍ର ଅନୁସାରେ, ଦଳର କୋର ଟିମ୍ ଭାବେ ଏବେ କାର୍ଯ୍ୟ କରୁଥିବା ସମନ୍ୱୟ କମିଟି ଅଧକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱାଧୀନ ଟିମକୁ ଏହି ସମଗ୍ର ପ୍ରକ୍ରିୟାଠାରୁ ଦୂରେଇ ରଖାଯାଇଛି। ଦଳର କୋର ଟିମ୍ ଭାବେ ପ୍ରଣବ ପ୍ରକାଶ ଦାସ ଓରଫ ବବି, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ଅରୁଣ ସାହୁ ଓ ପ୍ରତାପ ଦେବ ପ୍ରମୁଖ କାର୍ଯ୍ୟ କରୁଛନ୍ତି। ଏହି ନେତାମାନେ ଦଳର ବିଭିନ୍ନ ସାଂଗଠନିକ ପ୍ରସଙ୍ଗରେ ଦୀର୍ଘ ପ୍ରାୟ ୧୪ ମାସ ଧରି କାର୍ଯ୍ୟ କରୁଥିଲେ ମଧ ଦଳର ଯୁବ ଓ ଛାତ୍ର ଶାଖା ସଭାପତିଙ୍କ ନାଁ ଘୋଷଣା ପୂର୍ବରୁ କାହିଁକି ସେମାନଙ୍କ ସହ ବିଚାରବିମର୍ଶ କରାଯାଇନାହିଁ, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଦଳର ବରିଷ୍ଠ ବିଧାୟକ ଅରୁଣ ସାହୁଙ୍କ ଖାସ୍ ଭାବେ ଯୁବ ଓ ଛାତ୍ର ସଂଗଠନ ଦାୟିତ୍ୱ ପାଇଥିବା ଉଭୟ ଚିନ୍ମୟ ସାହୁ ଓ ଇପସିତା ସାହୁ ଦଳୀୟ ମହଲରେ ପରିଚିତ। ଏହି ଦୁଇ ଜଣଙ୍କୁ ଦାୟିତ୍ୱ ଦେଇ ଅରୁଣଙ୍କ ତୁଣ୍ଡରେ ତୁଣ୍ଡି ବାନ୍ଧିବାକୁ ମଧ ପ୍ରୟାସ ହୋଇଥିବା ଚର୍ଚ୍ଚା ହେଉଛି। ଗତ କିଛିମାସ ଧରି ଅରୁଣ ଗଣମାଧ୍ୟମରେ ବିଭିନ୍ନ ପ୍ରସଙ୍ଗରେ ବେଧଡ଼କ ମନ୍ତବ୍ୟ ରଖି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ।

## ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଆବେଦନ ତାରିଖ ବୃଦ୍ଧି


ଭଦ୍ରକ, ୨୬ା୮ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ଆବେଦନ ତାରିଖକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଆବେଦନର ଶେଷ ତାରିଖ ଅଗଷ୍ଟ ୨୫ ତାରିଖ ରହିଥିଲା। ସାମ୍ବାଦିକମାନଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଏହି ଆବେଦନର ଶେଷ ତାରିଖକୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। କର୍ମଜୀବୀ ସାମ୍ବାଦିକମାନଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟବୀମା ଯୋଗାଇ ଦେଉଛନ୍ତି। ଏହା ଦ୍ୱାରା ବହୁ ସାମ୍ବାଦିକଙ୍କ ପରିବାର ଦେୟମୁକ୍ତ ଭାବେ ବିଭିନ୍ନ ଅନୁବନ୍ଧିତ ଡାକ୍ତରଖାନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଚଳିତ ବର୍ଷ ମଧ୍ୟ ଉଭୟ ନୂତନ ଏବଂ ନବୀକରଣ ନିମନ୍ତେ ସାମ୍ବାଦିକମାନଙ୍କଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି। ସୂଚନାଯୋଗ୍ୟ ଯେ, ଇଚ୍ଛୁକ ସାମ୍ବାଦିକମାନେ ଏନେଇ ଆବେଦନ କରିପାରିବେ।

## ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ କଟିବ ୨ ହଜାରରୁ ଉର୍ଦ୍ଧ୍ୱ ଗଛ

ବାରିପଦା, ୨୬ା୮ (ସଂଚାର ବ୍ୟୁରୋ): ବାରିପଦା ସହରରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ୨ ହଜାରରୁ ଉର୍ଦ୍ଧ୍ୱ ଗଛ କଟାଯିବାକୁ ନିଷ୍ପତ୍ତି ହୋଇଛି। ଯାହାକୁ ଭଞ୍ଜସେନା ପକ୍ଷରୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବାରିପଦା ସହର ବିଶ୍ୱର ସବୁଠାରୁ ଉତପ୍ତ ସହର ଭାବେ ପରିଗଣିତ ହୋଇଥିବା ବେଳେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଛି। କିନ୍ତୁ ସରକାରୀ ସ୍ତରରେ ଅନେକ ଗଛ କାଟିବାକୁ ନିଷ୍ପତ୍ତି ନିଆଯାଇଛି। ବାରିପଦାରେ ଅନେକ ସରକାରୀ ଜମି ଥିବା ସତ୍ତ୍ୱେ ପାଲବଣିରେ ବସଷ୍ଟାଣ୍ଡ ନିର୍ମାଣ ନିଷ୍ପତ୍ତି ହୋଇଛି। ଯାହା ଫଳରେ ୨ହଜାରରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ କଟାଯିବ। ପ୍ରସ୍ତାବିତ ଜାଗାର ୩୦୦ ମିଟର ଦୂରରେ ୧୨ ଏକର ସରକାରୀ ଜମି, ଲେଡି ହେମିଲଟନ ବାଳିକା ମହାବିଦ୍ୟାଳୟ ପଛପଟେ ୭ଏକର ଜମି ରହିଛି।

# ଚମ୍ପା ରାସ୍‌ପେଡାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

- ମେଡିକାଲ ପ୍ରବେଶିକାରେ ଉତ୍ତୀର୍ଣ୍ଣ ହୋଇ ଚର୍ଚ୍ଚାକୁ ଆସିଛନ୍ତି
- ଲାପ୍‌ଟପ୍ ଦେବା ସହ ସେବା ମନୋବୃତ୍ତିରେ କାମ କରିବାକୁ ପରାମର୍ଶ



ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚର୍ଚ୍ଚାର ପରିସରକୁ ଆସିଥିବା ମାଲକାନଗିରି ଦିଦାୟୀ ସମ୍ପ୍ରଦାୟର କୁମାରୀ ଚମ୍ପା ରାସ୍‌ପେଡାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଏକ ଲାପ୍‌ଟପ୍ ଉପହାର ଦେଇଛନ୍ତି। ସେ ଚମ୍ପାଙ୍କୁ ଆଶୀର୍ବାଦ କରି ଆଗକୁ ଆହୁରି ଭଲ ପାଠ ପଢ଼ିବାକୁ ପରାମର୍ଶ ଦେବା ସହ ଭଲ ପାଠପଢ଼ି ଭଲ ଡାକ୍ତର ହୋଇ ଲୋକଙ୍କ ସେବା କରିପାରିଲେ, ତାହା ତାଙ୍କ ଜୀବନର ସାର୍ଥକତା ପ୍ରତିପାଦିତ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ତାଙ୍କୁ ଜୀବନରେ ଆଗକୁ ବଢ଼ିବା ପ୍ରେରଣା ଦେବ ବୋଲି ଚମ୍ପା କହିବା ସହ ଏଥିସକାଶେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ।

ସୂଚନାଯୋଗ୍ୟ ଯେ କୁମାରୀ ଚମ୍ପା ପିଭିଟିଜି ଦିଦାୟୀ ବର୍ଗର ତଥା ମାଲକାନଗିରି ଜିଲ୍ଲା ଅନୁସୂଚିତ ଜନଜାତି ସମ୍ପ୍ରଦାୟର ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତା ହୋଇଥିବା ପ୍ରଥମ ଛାତ୍ରୀ। ୨୦୨୫-ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କୁମାରୀ ଚମ୍ପା ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ସ୍କୁଲରୁ ଦଶମ ଓ ଗୋବିନ୍ଦପାଲି ହାୟର ସେକେଣ୍ଡାରୀ ଏସ୍‌ଏସ୍‌ଡି ସ୍କୁଲରୁ ଯୁକ୍ତ ଦୁଇରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚମ୍ପା ଏବେ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜରେ ଅଧ୍ୟୟନ କରିବେ।

## ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ରାଜ୍ୟପାଳ

# ସତର୍କତା ଉପରେ ଗୁରୁତ୍ୱ, ମୁକାବିଲା ପ୍ରସ୍ତୁତିକୁ ପ୍ରଶଂସା



ଭୁବନେଶ୍ୱର,୨୬।୮(ସଂଚାର ବ୍ୟୁରୋ): ସମ୍ପ୍ରତି ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ସମୀକ୍ଷା କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ସତର୍କ ରହିବା ଓ ଶୂନ୍ୟ ଜୀବନହାନୀକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଗୁରୁତ୍ୱାରୋପ କରିଛନ୍ତି। ଆଜି ସ୍ଥାନୀୟ ରାଜଭବନର ସମ୍ମିଳନୀ କକ୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଉପୁଜିଥିବା ବନ୍ୟା ପରିସ୍ଥିତି ଓ ପ୍ରଭାବିତ ଜିଲ୍ଲାମାନଙ୍କର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ବନ୍ୟା ମୁକାବିଲା ଓ ଜୀବନ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଜନସାଧାରଣଙ୍କୁ ସୁରକ୍ଷା ଦେବା ଆମର ସର୍ବୋତ୍ତମ କାର୍ଯ୍ୟ ବୋଲି ରାଜ୍ୟପାଳ କହିବା ସହ ବନ୍ୟା ସମୟରେ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଆଗୁଆ ସକ୍ରିୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓ ରଞ୍ଜନ କୁମାର ସିଂହ, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ମନୀଷ ଅଗ୍ରୱାଲଙ୍କ ସମେତ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର ଇନ ଚିଫ୍ ଓ ମୁଖ୍ୟ ଯନ୍ତ୍ରୀମାନେ ବୈଠକରେ ଯୋଗଦେଇଥିଲେ। ବିଭାଗୀୟ ଅଧିକାରୀମାନେ ବନ୍ୟା ପ୍ରଭାବିତ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାର ସ୍ଥିତି ଓ ସମ୍ପୃକ୍ତ ଜିଲ୍ଲା ପ୍ରଶାସନକୁ ଜାରି କରାଯାଇଥିବା ତଦାରଖ ବ୍ୟବସ୍ଥା ଓ ପରାମର୍ଶ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ନଦୀ ଅବବାହିକାର ସ୍ଥିତି, ବନ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ପାଇଁ ପ୍ରସ୍ତୁତି, ଆଶ୍ରୟ ସ୍ଥଳର ବ୍ୟବସ୍ଥା ଓ ରିଲିଫ୍ ସହାୟତା ନେଇ ମଧ୍ୟ ରାଜ୍ୟପାଳ ସମୀକ୍ଷା କରିଥିଲେ। ବନ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ଉତ୍ସର୍ଗୀକୃତ ପ୍ରୟାସ ଓ ସଂକଟ ସମୟରେ ପ୍ରଭାବିତ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସେବା ଯୋଗାଇଦେବା ବ୍ୟବସ୍ଥାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ବ୍ୟାରେଜ ନିର୍ମାଣ କରି ଉଦ୍‌ବୃତ୍ତ ଜଳର ସୁପରିଚାଳନା ନିମନ୍ତେ ରାଜ୍ୟପାଳ ପରାମର୍ଶ ଦେଇଥିଲେ।



ହରେକୃଷ୍ଣ ମହତାବ ଲାଇବ୍ରେରୀଠାରେ ନୂତନ ଆହାର କେନ୍ଦ୍ର ଖୋଲିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ମନ୍ତ୍ରୀ, ମେୟର୍ ଓ ବିଧାୟକ।

## ଲଘୁଚାପ ବର୍ଷା ପରେ ଅଗ୍ନିକାଣ୍ଡ

# ସର୍ବସ୍ୱାନ୍ତ ହୋଇଗଲେ ୫ ପରିବାର



ଟାଙ୍ଗି,୨୬।୮(ସଂଚାର ବ୍ୟୁରୋ): ନା ଚୁଲିରେ ନିଆଁ ଜଳୁଛି ନା ଆଖିରୁ ଲୁହ ଶୁଖୁଛି। ପୋଡା ପାଉଁଶ ତଳୁ ଅତୀତକୁ ଖୋଜୁଛନ୍ତି ପରିବାରବର୍ଗ। ଏଇ ଘରେ କେତେ ହସଖୁସିରେ ପରିବାର ଚଳୁଥିଲା। କିନ୍ତୁ ସର୍ବଗିଳା ନିଆଁ ଏମାନଙ୍କ ଖୁସିକୁ ଯେମିତି ଛଡ଼ାଇ ନେଇଛି। ରବିବାର ଠାରୁ ଘରେ ନା ଲାଗିଛି ଚୁଲି ନା ପାଟିକୁ ଯାଉଛି ଦାନା। ସମସ୍ତଙ୍କ ଆଖିରୁ ବୋହୁଛି ଧାର ଧାର ଲୁହ। ଏହାରି ଭିତରେ ଲଗୁଚାପ ବର୍ଷା ସାଧୁଛି ଦାଉ। ଚାଳ ନଥିବା ମୁକୁଳା ଘର ପାଣି କାଦୁଅରେ ସରସର। ଜଳି ପୋଡି ପାଉଁଶ ହୋଇ ମାଟିରେ ମିଶି ଯାଇଛି ଘରର ସବୁ ଜିନିଷ। ପିଲାଙ୍କ ସ୍କୁଲ ବ୍ୟାଗ ଠାରୁ ଆରମ୍ଭ କରି ଘରେ ରଖିଥିବା ସୁନା, ରୁପା ଟଙ୍କାରେ ନିଆଁ ଲାଗିଯାଇଛି। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଉଜ୍ଜଳାଗୋପୀନାଥ ପୁର ପଞ୍ଚାୟତ ବଡ଼ ସାହିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଉଜ୍ଜଳାଗୋପୀନାଥପୁର ଶଙ୍କର ପରିଡାଙ୍କ ଘରର ଏ ହେଉଛି ଚିତ୍ର। ଗତ ରବିବାର ରାତି ୮ଟା ସମୟ ହୋଇଥାଏ। ସବୁଦିନ ପରି ଶଙ୍କର ପରିଡାଙ୍କ ଝିଅ ରାତିରେ ଗ୍ୟାସ ଚୁଲାରେ ରୋଷେଇ କରୁଥିଲେ। ଏହି ସମୟରେ ହଠାତ ଗ୍ୟାସ ଲିକ ହୋଇଯିବାରୁ ନିଆଁ ଉପରକୁ ଉଠି ଚାଳରେ ଲାଗିଯାଇଥିଲା। ଧୀରେ ଧୀରେ ନିଆଁର ପ୍ରଭାବରେ ଜଳିବାକୁ ଲାଗିଲା ଗୋଟିଏ ପରେ ଗୋଟିଏ ଘର। ଚାହୁଁ ଚାହୁଁ ଶଙ୍କର ପରିଡା ଓ ରାମଚନ୍ଦ୍ର ପରିଡାଙ୍କ ୩ ବଖରା ଜଳିଯାଇଥିଲା। ଏହା ସହିତ ବର୍ଷ ବର୍ଷ ଧରି ଦିନ ମଜୁରୀ କରି ଉପାର୍ଜିତ ଧନ ସମ୍ପତି ଜଳି ପୋଡି ପାଉଁଶ ହୋଇଯାଇଥିଲା। ଗ୍ୟାସଚୁଲାରୁ ଗ୍ୟାସ ନିର୍ଗତ ହୋଇ ତାଙ୍କ ଘର ସହିତ ପାଖ ପଡିଶାଙ୍କ ଘରେ ମଧ୍ୟ ନିଆଁ ଲାଗି ଯାଇଥିଲା। ସୁରେନ୍ଦ୍ର ପରିଡା, ପାଲୁ ପରିଡା, ତ୍ରିନାଥ ପରିଡା, କେଶବ ସାହୁ, ଚେମା ସାହୁ, ବାଉରୀବନ୍ଧୁ ସାହୁଙ୍କ ଘରେ ମଧ୍ୟ ନିଆଁ ଲାଗି ଆଂଶିକ କ୍ଷତି ହୋଇଛି। ୫ ପରିବାରର ୬ ବଖରା ଘର ପୋଡି ପାଉଁଶ ହେବା ସହିତ ସମସ୍ତଙ୍କ ଆସବାବପତ୍ର ଜଳି ପୋଡି ପାଉଁଶ ହୋଇଯାଇଛି।

# ମହୋଦଧି ପାଲଟୁଛି ମରଣଯନ୍ତା ମୁଣ୍ଡ ନେଉଛି ରିପ୍ କରେଣ୍ଟ

ପୁରୀ,୨୬।୮(ସଂଚାର ବ୍ୟୁରୋ): ପୁରୀ ସମୁଦ୍ର ପାଲଟୁଛି ମରଣଯନ୍ତା। ରିପ୍ କରେଣ୍ଟ ନେଉଛି ଜୀବନ। ରବିବାର ହାଇଦ୍ରାବାଦର ଜଣେ ପର୍ଯ୍ୟଟକଙ୍କୁ ରିପ୍ କରେଣ୍ଟ ଗଭୀର ସମୁଦ୍ରକୁ ଟାଣି ନେଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ବେଳାଭୂମିରେ ଥିବା ଲାଇଫ୍ ଗାର୍ଡମାନେ ଏହି କରେଣ୍ଟର ଆଭାସ ପାଇବା ମାତ୍ରେ ପର୍ଯ୍ୟଟକଙ୍କୁ ଭିତରକୁ ଯିବାକୁ ବାରଣ କରୁଛନ୍ତି। କିନ୍ତୁ ଅଧିକାଂଶ ପର୍ଯ୍ୟଟକ କଥା ନମାନି ସମୁଦ୍ର ଭିତରକୁ ଯାଉଥିବାରୁ ଏଭଳି ଅଘଟଣ ଘଟୁଛି। ସେପଟେ ଅଧିକ ସଂଖ୍ୟକ ଲାଇଫ୍ ଗାର୍ଡ ଓ ଲାଇଫ୍ ସେଭିଂ ଉପକରଣର ଆବଶ୍ୟକତା ରହିଛି । ଚଳିତ ବର୍ଷ ପୁରୀ ସମୁଦ୍ରରେ ସ୍ନାନ ବେଳେ ଅସାବଧାନତା ଯୋଗୁଁ ୬ ଜଣଙ୍କ ଜୀବନ ଗଲାଣି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମୁଦ୍ରରୁ ଉଦ୍ଧାର ହେଉଥିବା ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବଢ଼ିଛି । ୨୦୨୨ରେ ୨ଶହ, ୨୦୨୩ରେ ୩୦୧ ଜଣଙ୍କୁ ଓ ୨୦୨୪ରେ ସର୍ବାଧିକ ୪୧୬ଜଣ ପର୍ଯ୍ୟଟକ ସମୁଦ୍ରରୁ ଉଦ୍ଧାର ହୋଇଛନ୍ତି। ପୁରୀ ବେଳାଭୂମି ପାଇଁ ଦକ୍ଷ ଲାଇଫ୍ ଗାର୍ଡ ସହ ଅତ୍ୟାଧୁନିକ ସରଞ୍ଜାମ ଆବଶ୍ୟକ। ଗୋଆରେ ପର୍ଯ୍ୟଟକଙ୍କୁ ଉଦ୍ଧାର ପାଇଁ ୫୧ ପ୍ରକାରର ସରଞ୍ଜାମ ବ୍ୟବହାର ହେଉଥିବା ବେଳେ ପୁରୀରେ ଷ୍ଟ୍ରେଚର୍, ଅକ୍ସିଜେନ୍ ସିଲିଣ୍ଡର୍, ମେଗା ଫୋନ୍ ଏବଂ ୱେ୍ୟାର୍ ଲେସ୍ ପ୍ରଶାସନ ଭରଣା କରିପାରୁନାହିଁ।

# ବନ୍ୟା ପାଣିରେ ଭାସିଗଲା ଟ୍ରଲର, ଡ୍ରାଇଭର ନିଖୋଜ



ସୁନ୍ଦରଗଡ଼,୨୬।୮(ସଂଚାର ବ୍ୟୁରୋ): ବନ୍ୟା ପାଣିରେ ଭାସିଗଲା ଟ୍ରଲର। ଡ୍ରାଇଭର ନିଖୋଜ ହୋଇଛନ୍ତି। ସୁନ୍ଦରଗଡ଼ ବଡ଼ଗାଁ ଥାନା ଝଣ୍ଟେଲବୁଡ ସଫେଇ ନଦୀ ପୋଲ ଉପରୁ ଭାସିଗଲା ଟ୍ରଲର। ଗାଡିରେ ଥିବା ଡ୍ରାଇଭର ନିଖୋଜ ଅଛନ୍ତି। ଅନ୍ୟଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଟ୍ରଲରଟି ଖଣିରୁ କୋଇଲା ନେଇ ରାଉରକେଲା କଲୁଙ୍ଗା ଯାଉଥିଲା। ଡ୍ରାଇଭର ଘର ଝଣ୍ଟେଲବୁଡ ହୋଇଥିବାରୁ ଡ୍ରାଇଭର କୋଇଲା ବୋଝେଇ ଟ୍ରଲରଟି ଘର ବାଟ ଦେଇ ଯାଉଥିଲା। ଗାଁ ରାସ୍ତା ଦେଇ ଯାଇଥିବା ବେଳେ ସଫେଇ ନଦୀ ପୋଲ ଉପରୁ ଭାରସାମ୍ୟ ହରାଇ ନଦୀ ଭିତରକୁ ଟ୍ରଲର ଚାଲି ଯାଇଥିଲା। ଫଳରେ ଡ୍ରାଇଭର ଭାସି ଯାଇଥିବାବେଳେ ଅନ୍ୟ ଜଣେ ଉଦ୍ଧାର ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ତଦନ୍ତ କରୁଛି।

# ପୁରୀ ଏସ୍‌ପି ଭାବେ ଦାୟିତ୍ୱ ନେଲେ ପ୍ରତୀକ ସିଂହ



ପୁରୀ,୨୬।୮(ସଂଚାର ବ୍ୟୁରୋ): ପୁରୀର ନୂତନ ଏସପି ଭାବେ ପ୍ରତୀକ ସିଂହ ଆଜି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ଏସପି ତଥା ଉତ୍ତରାଞ୍ଚଳ ଡିଆଇଜି ହୋଇଥିବା ପିନାକ ମିଶ୍ରଙ୍କଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ ପୂର୍ବରୁ ସେ ଗତକାଲି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। ପୁରୀ ଭଳି ଧାର୍ମିକ ଓ ପର୍ଯ୍ୟଟନ ସହରକୁ ପ୍ରତ୍ୟହ ଦେଶ ଭିତରୁ ଓ ଦେଶ ବାହାରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ କିଭଳି ପୁରୀ ଆସି ସୁଖଦ ଅନୁଭୂତି ନେଇ ଫେରିବେ ,ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ତାହା ତାଙ୍କର ପ୍ରାଥମିକତା ରହିବ। ଏଥିପାଇଁ ସମସ୍ତ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନର ସହଯୋଗରେ ପର୍ଯ୍ୟଟକଙ୍କ ଦର୍ଶନ ,ସୁରକ୍ଷା ମୁଖ୍ୟ ଫୋକସରେ ରହିବ। ସେହିପରି ଅପରାଧ ଓ ଅପରାଧିକ କାର୍ଯ୍ୟକଳାପକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଏଥିସହ ସହରରେ ବୃଦ୍ଧି ପାଇ ଚାଲିଥିବା ଅବାଧ ନିଶା କାରବାର ଉପରେ ଅଙ୍କୁଶ ଲଗାଯିବ। ପୁରୀ ଜିଲ୍ଲା ପୋଲିସ ପ୍ରଶାସନ ପାଖରେ ଅନେକ ଦକ୍ଷ ଓ ଅଭିଜ୍ଞ ଅଧିକାରୀ ଅଛନ୍ତି। ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା,ଅପରାଧ ଓ ଅପରାଧିକ କାର୍ଯ୍ୟକଳାପକୁ ପ୍ରତିହତ କରିବା ସହ ପୋଲିସ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ସବୁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମହାପ୍ରଭୁଙ୍କ ଆଶୀର୍ବାଦ, ସମସ୍ତଙ୍କ ସହଯୋଗରେ ପୋଲିସ ଲୋକଙ୍କ ବିଶ୍ୱାସଭାଜନ ହୋଇ ଦକ୍ଷତାର ସହ କାର୍ଯ୍ୟ କରିବ ବୋଲି ନୂତନ ଏସପି କହିଛନ୍ତି।

## ସର୍ପାଘାତରେ ଭାଇଭଉଣୀ ମୃତ

ରାଉରକେଲା, ୨୬।୮(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ଚାନ୍ଦିପୋଷ ଥାନା ତାମଡ଼ା ପଞ୍ଚାୟତ ଝିରପାଣି ଗାଁରେ ସାପ କାମୁଡ଼ାରେ ଦୁଇ ଭାଇଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି ଏଭଲିନା ଲାକ୍ରା (୭) ଓ ତାଙ୍କ ଭାଇ ଏଭମ ଲାକ୍ରା (୬)।

ଗତକାଲି ରାତିରେ ଶୋଇଥିବା ସମୟରେ ସେମାନଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା।

ଘର ଲୋକେ ଏହା ଜାଣିପାରି ସେମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଭାଇଭଉଣୀଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ଖବର ପାଇ ଚାନ୍ଦିପୋଷ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିଲା। ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଯୁବତୀଙ୍କୁ ଗଣଦୁଷ୍କର୍ମ, ଥାନାରେ ଏତଲା



ଜଳେଶ୍ୱର,୨୬।୮(ସଂଚାର ବ୍ୟୁରୋ) : ଯୁବତୀଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପ୍ରେମ ଜାଲରେ ଫସାଇ ଯୁବକ ଜଣଙ୍କ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବାହାଘର ପାଇଁ ମନା କରିଥିଲେ। ଯୁବତୀଙ୍କର ଅନ୍ୟ ଏକ ସ୍ଥାନରେ ବାହାଘର ଠିକ୍ ହୋଇଥିଲା। ହେଲେ ବାହାଘର ଦିନ ଯୁବକ ଜଣକ ଅଶ୍ଳୀଳ ଭିଡିଓ ଭାଇରାଲ କରିବାକୁ ଧମକ ଦେଇ ଯୁବତୀଙ୍କୁ ଡାକିଥିଲେ। ପରେ ନିଶା ଦେଇ ଅପହରଣ କରିବା ସହ ବାରିପଦା ନେଇଥିଲେ। ସେଠାରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଯୁବତୀଙ୍କୁ ୫ ମାସ ଅଟକ ରଖିଥିଲେ। କୌଶଳକ୍ରମେ ଖସି ଆସି ଭୋଗରାଇ ଥାନାରେ ଏତଲା ଦେଇଛନ୍ତି ଯୁବତୀ। ଅଭିଯୋଗକୁ ନେଇ ଘଟଣାର ତଦନ୍ତ କରୁଛି ପୋଲିସ।

# ଅସ୍ତ୍ର ଛାଡ଼ିଲେ ୮ ନକ୍ସଲ



ମାଲକାନଗିରି,୨୬।୮(ସଂଚାର ବ୍ୟୁରୋ): ସୀମାନ୍ତ ତେଲଙ୍ଗାନା ରାଜ୍ୟର ଭଦ୍ରାଦୀ କଥାଗୁଡ୍ଡୁମ ଜିଲ୍ଲା ପୁଲିସ ନିକଟରେ ଆଜି ସକାଳେ ୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛତିଶଗଡର ବିଜାପୁରର ୮ ଜଣ ମାଓବାଦୀ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ସେମାନେ ହେଲେ ଏସିଏମ ଭେଛି ସୋମଡା(୩୦), ପାର୍ଟି ସଦସ୍ୟ ମୁଚାକି ରାକମେ(୨୭), ମିଲିସିଆ କମାଣ୍ଡର ଓୟାମ ଲକ୍ଷ୍ମଣ(୨୩), ମିଲିସିଆ ସଦସ୍ୟ ପଡିଆମ କୋସା(୨୫), ମିଲିସିଆ ସଦସ୍ୟ ମୁଡାମ କୋସା(୩୦), ମିଲିସିଆ ସଦସ୍ୟ ମାଡବୀ ନନ୍ଦୁ(୨୫), ମିଲିସିଆ କରାମ ସୋମଡୁ(୪୦) ଏବଂ ମିଲିସିଆ ମାଡ଼ବୀ ଉରା(୨୫)। ସଂଗଠନରେ ଚାଲିଥିବା ଭେଦଭାବ ଏବଂ ପୁଲିସର ଘନଘନ ଚଢ଼ଉରେ ଏମାନେ ଭୟଭୀତ ହୋଇ ସଂଗଠନ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୋଇଥିବା କହିଥିଲେ। ପ୍ରଶାସନ ତରଫରୁ ସମସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବ। ଚଳିତ ଜାନୁଆରି ଠାରୁ ଅଗଷ୍ଟ ପର୍ଯ୍ୟନ୍ତ ଭଦ୍ରାଦୀ କଥାଗୁଡ୍ଡୁମ ଜିଲ୍ଲାରେ ୩୧୪ ଜଣ ନକ୍ସଲ ଆତ୍ମସମର୍ପଣ କରିସାରିଲେଣି। ପୁଲିସ ତରଫରୁ ଅନ୍ୟ ନକ୍ସଲମାନଙ୍କୁ ମଧ୍ୟ ଆତ୍ମସମର୍ପଣ କରି ବାକି ଜୀବନ ସୁଖରେ କଟାଇବାକୁ ଅନୁରୋଧ କରାଯାଇଛି। ସମସ୍ତ ଆତ୍ମସମର୍ପଣ ନକ୍ସଲଙ୍କୁ ତୁରନ୍ତ ୨ ଲକ୍ଷ ଟଂକାର ସହାୟତା କରାଯିବ ବୋଲି କୁହାଯାଇଛି।

# ସମୀକ୍ଷା ବୈଠକ ନେଇ ସୋଫିଆ-ସୁବାସ ମୁହାଁମୁହିଁ



କଟକ,୨୬।୮(ସଂଚାର ବ୍ୟୁରୋ): ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍‌ଦୋସ ଓ କଟକ ମହାନଗର ନିଗମ (ସିଏମ୍‌ସି) ମେୟର୍ ସୁବାସ ସିଂହ ଆଜି ସମୀକ୍ଷା ବୈଠକକୁ ନେଇ ମୁହାଁମୁହିଁ ହୋଇଛନ୍ତି। ଉକ୍ତ ବୈଠକକୁ ଶ୍ରୀ ସିଂହଙ୍କୁ ନ ଡାକି ସୋଫିଆ ସମୀକ୍ଷା କରିଥିବାରୁ ଏହାକୁ ନେଇ ସିଏମ୍‌ସି ମେୟର୍ ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କ ଉପରେ ବର୍ଷିଛନ୍ତି। ସିଏମ୍‌ସି କମିଶନର ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ସୋଫିଆ ଉକ୍ତ ବୈଠକ କରିଥିଲେ। ଏନେଇ ଶ୍ରୀ ସିଂହ ସୋଫିଆଙ୍କୁ ଆକ୍ସିଡେଣ୍ଟାଲ ବିଧାୟକ କହି ତାଚ୍ଛଲ୍ୟ କରିଛନ୍ତି। ଏଥିସହ ସୋଫିଆଙ୍କୁ ସମୀକ୍ଷା କରିବା ସକାଶେ କିଏ ଅଧିକାର ଦେଲା ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ବିଧାୟିକା ଭାବେ ସୋଫିଆ କେବଳ ପ୍ରସ୍ତାବ ଦେଇପାରିବେ। କଟକକୁ ତାଙ୍କ ପରିବାର ବିପର୍ଯ୍ୟସ୍ତ କରିଦେଇଛି ଓ ପୋଖରୀ ପୋତି ବ୍ୟବସାୟ କରି ପରିବାର ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିଛି। ଏଭଳି ବିଧାୟିକାଙ୍କୁ ଦେଖିବା କଟକବାସୀଙ୍କ ପାଇଁ ଦୁର୍ଭାଗ୍ୟର ବିଷୟ ବୋଲି ସେ ସମାଲୋଚନା କରି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସୋଫିଆ କଟକରେ ଇଟା ଖଣ୍ଡେ ବି ଯୋଖିନାହାଁନ୍ତି। ବିଧାୟକ ପାଣ୍ଠି ସିଏମସି ଅଞ୍ଚଳରେ ଖର୍ଚ୍ଚ ନ କରି ସେ ଅନ୍ୟ ସ୍ଥାନରେ ଦେଉଛନ୍ତି। ତେଣୁ ସେ ସିଏମସି ବାବଦରେ କ’ଣ କହିବେ ବୋଲି ଶ୍ରୀ ସିଂହ ପ୍ରଶ୍ନ କରିଛନ୍ତି। ଏଥିସହ ସୋଫିଆଙ୍କ ବାପାଙ୍କୁ ହାଇକୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେଣୁ ସୋଫିଆଙ୍କୁ କଟକବାସୀ ବିଧାୟିକା ଭାବେ ଦେଖିବା ଦୁର୍ଭାଗ୍ୟର ବିଷୟ ବୋଲି ମେୟର୍ କହିଛନ୍ତି।

ଅନ୍ୟପକ୍ଷରେ ସୋଫିଆ କହିଛନ୍ତି ଯେ ମେୟର କଟକ ସହରକୁ ବୁଡ଼ାଇ ଦେଇଛନ୍ତି। ନିୟମିତ ଭାବେ ସମୀକ୍ଷା କରିବାକୁ ତାଙ୍କ ପାଖରେ ସମୟ ନାହିଁ। ଫଳତଃ ଅନେକ କାମ ହୋଇପାରୁନାହିଁ। ବିଧାୟିକା ଭାବେ ସେ ଲୋକଙ୍କ ବିଭିନ୍ନ ସମସ୍ୟା ବୁଝାବୁଝି କରିବା ସହ ତା’ର ସମାଧାନ କରୁଛନ୍ତି। ଏଥିସହ ଜଣେ ବିଧାୟିକା ଭାବେ ସେ ସମୀକ୍ଷା କରିପାରିବାର କ୍ଷମତା ରଖନ୍ତି, ତେଣୁ ସେ ଆଜି ସମୀକ୍ଷା ବୈଠକ କରିଛନ୍ତି ବୋଲି ସୋଫିଆ କହିଛନ୍ତି।

## ● ପରିବହନ ବିଭାଗର ଯାଞ୍ଚ

# ୩୯ଟି ଗାଡ଼ିକୁ ଏକ ଲକ୍ଷ ୬୯ ହଜାର ଟଙ୍କା ଜରିମାନା




ଭଦ୍ରକ,୨୬।୮(ସଂଚାର ବ୍ୟୁରୋ): ଦୁର୍ଘଟଣା ରୋକିବାକୁ ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗ ତରଫରୁ ଯେତେ ସଚେତନତା କରାଗଲେବି ସେ ସବୁ ଅମାନିଆ ଗାଡ଼ି ଚାଳକମାନେ ଫୁ କରିଦେଉଛନ୍ତି। ଫଳରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଦିନକୁ ଦିନ ଦୁର୍ଘଟଣା ଘଟିବାରେ ଲାଗୁଛି। ତେଣୁ ଏହାକୁ ରୋକିବାକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାୟଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଏହି ରାଜ୍ୟ ରାଜପଥର ଇଚ୍ଛାପୁର ବାଲିବିଲି ଠାରେ ଗାଡ଼ି ଯାଞ୍ଚ କରାଯାଇଛି।

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଦିନକୁ ଦିନ ଦୁର୍ଘଟଣା ଘଟିବାରେ ଲାଗୁଛି। ତେଣୁ ଏହାକୁ ରୋକିବାକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାୟଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଏହି ରାଜ୍ୟ ରାଜପଥର ଇଚ୍ଛାପୁର ବାଲିବିଲି ଠାରେ ଗାଡ଼ି ଯାଞ୍ଚ କରାଯାଇଛି।


ଏହି ଯାଞ୍ଚ ବେଳେ ୩୯ ଗୋଟି ଗାଡ଼ିକୁ ଏକ ଲକ୍ଷ ୬୯ ହଜାର ଟଙ୍କାର ଚାଲାଣ କଟା ଯାଇଥିବା ଜଣାପଡ଼ିଛି। ଏହି ଯାଞ୍ଚ ସମୟରେ ଜିଲ୍ଲା ସଡ଼କ ସୁରକ୍ଷା ଅଧିକାରୀ ଅବଦୁଲ ରହିମ, ଟ୍ରାଫିକ ସବ ଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର, ଜୁନିଅର ଏମ୍‌ଭି ଆଇ ପ୍ରିୟଙ୍କା ପ୍ରଧାନ, ଅତିରିକ୍ତ ଟ୍ରାଫିକ ଇନ୍ସପେକ୍ଟର ଶ୍ୟାମ ସୁନ୍ଦର ନାୟକଙ୍କ ସମେତ ପରିବହନ ବିଭାଗ ର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।ଆଗାମୀ ଦିନରେ ଏହି ଯାଞ୍ଚ ପ୍ରକ୍ରିୟା ଜୋରଦାର ହେବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ।

# ପୋଖରୀରୁ ୮ ଫୁଟର କୁମ୍ଭୀର ଉଦ୍ଧାର

ରାଜନଗର,୨୬।୮(ସଂଚାର ବ୍ୟୁରୋ): ଗାଁ ପୋଖରୀରେ କୁମ୍ଭୀର। ପୋଖରୀରୁ ଉଦ୍ଧାର ହେଲା ୮ ଫୁଟ ଲମ୍ବର ବଉଳା କୁମ୍ଭୀର। ରାଜନଗର ବ୍ଲକ ପେଣ୍ଠ ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ପୋଖରୀରୁ ଉଦ୍ଧାର ହୋଇଛି କୁମ୍ଭୀର। ଉଦ୍ଧାର ହେବା ପରେ ଭିତରକନିକା ଜାତୀୟ ଉଦ୍ୟାନର ଗୁପ୍ତି ନିକଟସ୍ଥ ହବାଳି କ୍ରିକରେ ଛଡାଯାଇଛି। କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀ ଭିତରକୁ ଚାଲି ଆସିଥିବା ଅନୁମାନ କରାଯାଉଛି । ୪ ଦିନ ତଳେ କୁମ୍ଭୀର ଛେଳିକୁ ଖାଇଥିବା ନେଇ ରବୀନ୍ଦ୍ର ବନ ବିଭାଗରେ ଅଭିଯୋଗ କରିଥିଲେ। ବନକର୍ମଚାରୀମାନେ ଜାଲ ବିଛାଇ କୁମ୍ଭୀରକୁ ଧରିବାରେ ସଫଳ ହୋଇଥିଲେ। ରାଜନଗର ବ୍ଲକର ପେଣ୍ଠ ଓ ଏଣ୍ଡୁଲାପୁର ଗାଁ ରୁ ଗତ ୩ ମାସ ମଧ୍ୟରେ ୫ଟି କୁମ୍ଭୀର ଉଦ୍ଧାର ହେଲାଣି। ଯାହାକୁ ନେଇ ଲୋକେ ଭୟଭୀତ ଅଛନ୍ତି।



# ବାର୍ଦ୍ଧକ୍ୟ ଭତ୍ତା ପାଇଁ ଟ୍ରଲିରେ ବୁହାହେଲେ ବୃଦ୍ଧା



ମାହାଙ୍ଗା,୨୬।୮(ସଂଚାର ବ୍ୟୁରୋ): ସରକାରଙ୍କ ନିୟମକୁ ଫୁ କରିଦେଲେ ବ୍ଲକ ପ୍ରଶାସନ ଓ ବ୍ୟାଙ୍କ ମ୍ୟାନେଜର। ବ୍ୟାଙ୍କ ମ୍ୟାନେଜର ବୃଦ୍ଧାଙ୍କ ପୁଅକୁ ଭତ୍ତା ଟଙ୍କା ନ ଦେଇ ଫେରାଇ ଦେବାରୁ ପୁଅ ଅଢେଇ କିମି ରାସ୍ତାରେ ମାଆକୁ ଟ୍ରଲିରେ ଶୁଆଇ ଟାଣିଟାଣି ନେଇଥିଲେ ବ୍ୟାଙ୍କକୁ ଭତ୍ତା ଟଙ୍କା ପାଇଁ। ଏଭଳି ବିକଳ ଚିତ୍ର ଆସିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଚାହାପଡା ପଞ୍ଚାୟତ ଭଂରାଜ ଅଞ୍ଚଳରୁ। ଭତ୍ତା ଟଙ୍କା ପାଇଁ ଭଂରାଜ ଅଞ୍ଚଳର ବୃଦ୍ଧା ଶ୍ରୀମତୀ ସାହୁଙ୍କୁ ପୁଅ ବନ୍ଧୁସୂଦନ ସାହୁ ଟ୍ରଲିରେ ବୋହିନେଇ ଯାଇଥିଲେ କାନାରା ବ୍ୟାଙ୍କ ଛତ୍ରତୋଟାକୁ। ବ୍ୟାଙ୍କ ମ୍ୟାନେଜର ତାଙ୍କ ମାଆଙ୍କୁ ଦେଖିବା ପରେ ଭତ୍ତା ଦେଇଥିଲେ। ଆଉ କହିଥିଲେ ମାଆଙ୍କୁ ଦେଖିଲେ ଭତ୍ତା ଟଙ୍କା ଦେବୁ। ବୃଦ୍ଧାଙ୍କ ପୁଅ ଏଭଳି ସାଙ୍ଘାତିକ ଅଭିଯୋଗ କରିଛନ୍ତି। କିଭଳି ବ୍ୟାଙ୍କ ମ୍ୟାନେଜର ନିୟମ ନ ମାନି ମନା କଲେ ଘଟଣା ବିଷୟରେ ବଖାଣିଛନ୍ତି ପୁଅ। ସେ କହିଛନ୍ତି ସରକାରଙ୍କ ନିୟମ କାନୁନକୁ ପ୍ରଶାସନ ଓ ବ୍ୟାଙ୍କ ମ୍ୟାନେଜର ଫୁ କରିଉଡାଇ ଦେଇଛନ୍ତି। ଏ ନେଇ ବ୍ୟାଙ୍କ ମ୍ୟାନେଜର କହିଛନ୍ତି ଷ୍ଟାଫ କମ ଥିବାରୁ ଏମିତି ଘଟଣା ଉପୁଜିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଷ୍ଟକ୍ ବଜାରରେ ଆମେରିକୀୟ ଶୁଳ୍କର ଝଟକା

# ସେନସେକ୍ସ ୫୭୦ ପଏଣ୍ଟ ଏବଂ ନିଫ୍ଟି ୧୭୦ ପଏଣ୍ଟ ହ୍ରାସ

ମୁମ୍ବାଇ, ୨୬।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଶୁଳ୍କ ନିଷ୍ପତ୍ତିର ପ୍ରଭାବ ଭାରତୀୟ ଷ୍ଟକ୍ ମାର୍କେଟ୍ ଉପରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବା ଆରମ୍ଭ କରିଛି। ଟ୍ରମ୍ପ୍ ପ୍ରଶାସନ ପୂର୍ବରୁ ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଥିଲେ। ଭାରତ ରୁଷିଆରୁ ତେଲ କିଣୁ ଥିବାରୁ ଏବେ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ଅତିରିକ୍ତ ୨୫% ଟିକସ ଲାଗୁ କରାଯାଇଛି। ଅଗଷ୍ଟ ୨୭ରୁ କାର୍ଯ୍ୟକାରୀ ହେବାକୁଥିବା ଏହି ନିଷ୍ପତ୍ତି ଦ୍ୱାରା ଭାରତକୁ ମୋଟ ୫୦% ଶୁଳ୍କ ବୋଝ ବହନ କରିବାକୁ ପଡିବ। ଏହି କାରଣରୁ ମଙ୍ଗଳବାର ଦିନ ଷ୍ଟକ୍ ବଜାର ଏକ ବଡ଼ ହ୍ରାସ ସହିତ ଆରମ୍ଭ ହୋଇଛି। ଷ୍ଟକ୍ ମାର୍କେଟ ଖୋଲିବା ମାତ୍ରେ କ୍ରାସ୍ ହୋଇ ଯାଇଛି। କାରବାରର ପ୍ରଥମ ଦିନରେ ନିବେଶକମାନଙ୍କୁ ଏକ ଝଟକା ଲାଗିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ର ୩୦ ସେୟାର ବିଶିଷ୍ଟ ସେନସେକ୍ସ ୮୧,୩୭୭.୯୧ରେ ଖୋଲିଲା। ଯାହା ଏହାର ପୂର୍ବ ବନ୍ଦ ସ୍ତର ୮୧,୬୩୫.୯୧ ତୁଳନାରେ ଏକ ବଡ଼ ହ୍ରାସ। ପ୍ରାରମ୍ଭିକ କାରବାରରେ ଅଧିକ




ଚାପ ଯୋଗୁ ସେନସେକ୍ସ କିଛି ସମୟ ମଧ୍ୟରେ ହ୍ରାସ ପାଇ ୮୧,୦୬୩.୨୬ କୁ ଖସିଯାଇଛି।

ମଙ୍ଗଳବାରର କାରବାରରେ ସେନସେକ୍ସ ସହିତ ନିଫ୍ଟିରେ ମଧ ଏକ ବଡ଼ ହ୍ରାସ ଦେଖିବାକୁ ମିଳିଛି। ସେନସେକ୍ସ ୫୭୦ପଏଣ୍ଟରୁ ଅଧିକ ହ୍ରାସ ପାଇଛି। ଅପରପକ୍ଷରେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ନିଫ୍ଟି ୧୭୦ ପଏଣ୍ଟ ହ୍ରାସ ପାଇଛି। ଏହି ପରିସ୍ଥିତି ଯୋଗୁ ନିବେଶକଙ୍କ ମଧ୍ୟରେ ଚିନ୍ତା ଏବଂ ଅନିଶ୍ଚିତତା ବୃଦ୍ଧି ପାଇଛି। ବଜାର ବିଶେଷଜ୍ଞମାନଙ୍କ ଅନୁସରେ ଆମେରିକାର ଏହି ନିଷ୍ପତ୍ତି ଭାରତର ଆମଦାନୀ ମୂଲ୍ୟକୁ ଆହୁରି ବୃଦ୍ଧି କରିବ। ଯାହାର ସିଧାସଳଖ ପ୍ରଭାବ ନିବେଶକମାନଙ୍କ ଉପରେ ପଡ଼ିବ। ଯଦି ଆମେରିକୀୟ ଶୁଳ୍କ ସମ୍ପର୍କରେ ଶୀଘ୍ର କୌଣସି ଆଶ୍ୱସ୍ତି ନ ମିଳେ, ତେବେ ବଜାରରେ ଅସ୍ଥିରତା ଆହୁରି ବୃଦ୍ଧି ପାଇପାରେ। ନିବେଶକମାନେ ବର୍ତ୍ତମାନ ପାଇଁ ସତର୍କ ରହିବା ଉଚିତ୍ ଏବଂ କୌଣସି ବଡ଼ ନିବେଶ କରିବା ପୂର୍ବରୁ ବଜାର ଦିଗକୁ ଅପେକ୍ଷା କରିବା ଭଲ ହେବ।

## ଢେଙ୍କାନାଳରେ ଇସ୍ପାତ କାରଖାନା କରିବ ବିସି ଜିନ୍ଦଲ ଗ୍ରୁପ



ଭୁବନେଶ୍ୱର, ୨୫/୮(ଇମିସ): ବିସି ଜିନ୍ଦଲ ଗ୍ରୁପ୍ ଏହାର ସହାୟକ ସଂସ୍ଥା ଜିନ୍ଦଲ ଇଣ୍ଡିଆ ଷ୍ଟିଲ୍ ଟେକ୍ ଲିମିଟେଡ୍ ଜରିଆରେ ୨୦୩୦ ସୁଦ୍ଧା ରାଜ୍ୟରେ ୧୫ ହଜାର କୋଟି ଟଙ୍କା ନିବେଶ କରିବା ଯୋଜନା ରଖିଛି। ଏକ ରିଟେଲର ସମ୍ମିଳନୀ ପରିପ୍ରେକ୍ଷୀରେ କମ୍ପାନି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଢେଙ୍କାନାଳରେ ଏକ ନୂଆ ଇସ୍ପାତ କାରଖାନା ସ୍ଥାପନ କରିବା ଲାଗି କମ୍ପାନି ରାଜ୍ୟ ସରକାରଙ୍କଠାରୁ ମଞ୍ଜୁରି ପତ୍ର ହାସଲ କରିଛି। ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ୩୬୦୦ କୋଟି ଟଙ୍କା ନିବେଶ କରିବ। ତିନିଟି

**୧୫ହଜାର କୋଟି ନିବେଶ କରିବ**

ପର୍ଯ୍ୟାୟରେ ନିବେଶ ରାଶିକୁ ୧୫ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଏହି ପ୍ରକଳ୍ପରେ ସ୍ୱତନ୍ତ୍ର ଲେପ ଦିଆ ଇସ୍ପାତ ଉତ୍ପାଦ ଉତ୍ପାଦନ କରାଯିବ। ସେଥିରେ କୋଲ୍ଡ ରୋଲିଂ ମିଲ୍ (ସିଆର୍ଏମ୍), କଣ୍ଟିନିଅସ୍ ଗାଲ୍ଭାନାଇଜିଂ ଲାଇନ୍ (ସିଜିଏଲ୍) ଓ କଲର୍ କୋଟିଂ ଲାଇନ୍ (ସିସିଏଲ୍) ରହିବ। ୨୦୨୭ ସୁଦ୍ଧା କାରଖାନାର କ୍ଷମତା ୯.୬ ନିୟୁତ ଲକ୍ଷ ଟନ୍ ହେବ। ପର୍ଯ୍ୟାୟକ୍ରମେ କମ୍ପାନି କାରଖାନାରେ ଫ୍ଲାଟ୍ ଉତ୍ପାଦ କ୍ଷମତାକୁ ୨୦୩୦ ସୁଦ୍ଧା ୩୦ ଲକ୍ଷ ଟନ୍‌କୁ ବଢ଼ାଇବ। ଏଥି ସହିତ ୨ ଲକ୍ଷ ଟନ୍ କ୍ଷମତାର ଏକ ଇସ୍ପାତ ପାଇପ୍ ଉତ୍ପାଦନ କାରଖାନା ସ୍ଥାପନ କରିବ। କିଛି ଦିନ ପୂର୍ବେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷ ପ୍ରକଳ୍ପକୁ ଅନୁମୋଦନ ଦେଇଥିଲେ।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର ।ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୨, ୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୩,୫୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୨,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୩, ୫୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୫୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୩ ହଜାର ୦୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୨,୦୬୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୨,୦୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୩ ହଜାର ୫୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୨,୦୬୦ ଓ ୯୩ ହଜାର ୫୫୦ ଟଙ୍କା ରହିଛି।

# ଭାରତ ଉପରେ ୫୦% ଶୁଳ୍କ ଲାଗୁ ହେବ: ଟ୍ରମ୍ପ୍

ନୂଆଦିଲ୍ଲୀ/ୱାଶିଂଟନ, ୨୬।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ଏକ ନୋଟିସ୍ ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ, ନୂତନ ଶୁଳ୍କ ବ୍ୟବସ୍ଥା ୨୭ ଅଗଷ୍ଟ ରାତି ୧୨.୦୧ ରୁ ଲାଗୁ ହେବ। ଏହା ଦ୍ୱାରା ଟ୍ରମ୍ପ୍ ଏବଂ ଭାରତ ମଧ୍ୟରେ ଦୂରତା ଆହୁରି ବଢ଼ିବାକୁ ଯାଉଛି। ଭାରତ ରୁଷିଆରୁ ତେଲ କିଣିବା ଯୋଗୁ ଟ୍ରମ୍ପ୍ କ୍ଷୁବ୍ଧ ହୋଇଛନ୍ତି। ସେ ଏନେଇ ନିଜର ଅସନ୍ତୋଷ ମଧ ପ୍ରକାଶ କରିଛନ୍ତି। ଟ୍ରମ୍ପ୍ ପ୍ରଶାସନ କହିଛି ଯେ, ଭାରତ ଋଷିଆଠାରୁ ତେଲ କ୍ରୟ ଜାରି ରଖିବା ଜାତୀୟ ସୁରକ୍ଷା ପାଇଁ ଚିନ୍ତାର ବିଷୟ। ଆମେରିକାର ଗୃହ ସୁରକ୍ଷା ବିଭାଗ କଷ୍ଟମ୍ସ ଏବଂ ସୀମା ସୁରକ୍ଷା ମାଧ୍ୟମରେ ଶୁଳ୍କ ବିଷୟରେ ସୂଚନା ସେୟାର କରିଛି। ଟ୍ରମ୍ପ୍ ଏହା ମାଧ୍ୟମରେ ଭାରତ ଉପରେ ଚାପ ବୃଦ୍ଧି କରିବାକୁ ଚାହୁଁଛନ୍ତି। ସେ ପ୍ରଥମେ ଭାରତ ଉପରେ




୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, କିନ୍ତୁ ପରେ ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ଟ୍ରମ୍ପ୍ ରୁଷିଆ ସହିତ ସମ୍ପର୍କ ରଖୁଥିବା ଦେଶଗୁଡ଼ିକ ଉପରେ ଚାପ ବୃଦ୍ଧି କରୁଛନ୍ତି। ଭାରତ ଏବଂ ରୁଷିଆ ମଧ୍ୟରେ ଭଲ ବନ୍ଧୁତା ଅଛି ଏବଂ ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଜାରି ରହିଛି। ଟ୍ରମ୍ପ୍ କହିଛନ୍ତି , ଭାରତ ରୁଷିଆଠାରୁ ତେଲ କିଣି ପରୋକ୍ଷ ଭାବରେ ଯୁକ୍ରେନ ଯୁଦ୍ଧକୁ ପାଣି ଯୋଗାଇ ଦେଉଛି। ରୁଷିଆ ଏବଂ ଯୁକ୍ରେନ ମଧ୍ୟରେ ଯୁଦ୍ଧ ବହୁତ ଦିନ ଧରି ଚାଲିଛି। ଏହାକୁ ସମାପ୍ତ କରିବା ପାଇଁ ଟ୍ରମ୍ପ୍ ଯୁକ୍ରେନ ରାଷ୍ଟ୍ରପତି ଭୋଲଡମିୟର ଜେଲେନସ୍କି ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ମଧ ବୈଠକ କରିଥିଲେ। ଭାରତର ବୈଦେଶିକ ମନ୍ତ୍ରଣାଳୟ ୫୦ ପ୍ରତିଶତ ଶୁଳ୍କକୁ ଭୁଲ୍ ବୋଲି କହିଥିଲା। ଏହାକୁ ଅନ୍ୟାୟ ବୋଲି କହିଥିଲା। ଭାରତ କହିଛି ଯେ, ଆମେ ଶକ୍ତି ଆବଶ୍ୟକତା ଏବଂ ଜାତୀୟ ସ୍ୱାର୍ଥକୁ ଧ୍ୟାନରେ ରଖି ରୁଷିଆରୁ ତେଲ କିଣୁଛୁ। ଭାରତ ଏହା ମଧ କହିଛି ଯେ, ଯେଉଁଠାରୁ ତେଲ ଶସ୍ତାରେ ମିଳିବ ସେଠାରୁ ତେଲ କିଣାଯିବ। ଭାରତ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଥିଲା, ଯାହା ଟ୍ରମ୍ପଙ୍କ ଜିଦ୍ ଯୋଗୁ ଅଟକି ରହିଛି। ଟ୍ରମ୍ପ୍ ଚାହୁଁଛନ୍ତି, ଭାରତ ତାଙ୍କ ପାଇଁ କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଖୋଲି ଦେଉ, କିନ୍ତୁ ଭାରତ ଏଥିପାଇଁ ପ୍ରସ୍ତୁତ ନୁହେଁ। ଏହି ପ୍ରସଙ୍ଗରେ ସେ କହିଛନ୍ତି ଯେ, କୃଷକମାନଙ୍କ ସହ ଜଡିତ ପ୍ରସଙ୍ଗରେ କୌଣସି ସାଲିସ୍ ହୋଇପାରିବ ନାହିଁ।

# ୪ ବ୍ୟାଙ୍କ ଅଂଶଧନ ବିକ୍ରି ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ, ୨୬।୮: ଚାରିଟି ସରକାରୀ ବ୍ୟାଙ୍କର ଅଂଶଧନ ବିକ୍ରି କରିବା ପ୍ରକ୍ରିୟାକୁ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି। ଏହାର ପରିଚାଳନା କରିବା ଲାଗି ବିଶ୍ୱସ୍ତରୀୟ ଆର୍ଥିକ ସଂସ୍ଥା ଗୋଲ୍ଡମ୍ୟାନ୍ ସଚ୍‌ସକୁ ଦାୟିତ୍ୱ ଦିଆଯାଇଛି। ସରକାର ୟୁକୋ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ଆଣ୍ଡ୍ ସିନ୍ଧ ବ୍ୟାଙ୍କ ଓ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ଅଂଶଧନ ବିକ୍ରି କରିବାକୁ ଯୋଜନା ରଖିଛନ୍ତି। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଷ୍ଟକ୍ ବଜାରରେ ତାଲିକାଭୁକ୍ତ ସଂସ୍ଥାରେ ସର୍ବନିମ୍ନ ୨୫ ପ୍ରତିଶତ ସାର୍ବଜନୀନ ଅଂଶଧନ ରହିବା ଦରକାର। ସେହି ନିୟମ ପାଳନ କରିବା ଲାଗି ଚାରିଟି ବ୍ୟାଙ୍କର ଅଂଶଧନ ବିକ୍ରି କରାଯିବ। ଅଫର୍ ଫର୍ ସେଲ୍ ଓ ଯୋଗ୍ୟ ସଂସ୍ଥାଗତ ପ୍ଲେସ୍‌ମେଣ୍ଟ (କ୍ୟୁଆଇପି) ଜରିଆରେ ଅଂଶଧନ ବିକ୍ରି କରିବା ଉପରେ ବିଚାର କରାଯାଉଛି। ବର୍ତ୍ତମାନ ଏହି ଚାରିଟି ବ୍ୟାଙ୍କରେ ସରକାରୀ ଅଂଶଧନ ପରିମାଣ ନିର୍ଦ୍ଧାରିତ ସୀମା ୭୫ ପ୍ରତିଶତଠାରୁ ଯଥେଷ୍ଟ ଅଧିକ




ରହିଛି। ପଞ୍ଜାବ ଆଣ୍ଡ୍ ସିନ୍ଧ ବ୍ୟାଙ୍କରେ ସରକାରୀ ଅଂଶଧନ ୯୮.୨୫ ପ୍ରତିଶତ ଓ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କରେ ୯୬.୩୮ ପ୍ରତିଶତ ରହିଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ସରକାରୀ ଅଂଶଧନ ପରିମାଣ ୯୩ ପ୍ରତିଶତ ଓ ୟୁକୋ ବ୍ୟାଙ୍କରେ ୯୫.୪ ପ୍ରତିଶତ ରହିଛି। ପୁଞ୍ଜି ପ୍ରତ୍ୟାହାର ଦାୟିତ୍ୱରେ ଥିବା ଦିପମ୍ ବିଭାଗ ପକ୍ଷରୁ ଆର୍ଥିକ ସେବା ବିଭାଗ ସହଯୋଗରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଂଶଧନ ବିକ୍ରି ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି। ସେବିର ସର୍ବନିମ୍ନ ସାର୍ବଜନୀନ ଅଂଶଧନ ନିୟମକୁ ସରକାରୀ ସଂସ୍ଥାଗୁଡ଼ିକ ଲାଗି ୨୦୨୬ ଅଗଷ୍ଟରୁ ଲାଗୁ କରାଯିବ। ତେଣୁ ସରକାରଙ୍କୁ ସେହି ସମୟ ଭିତରେ ଏହି ବ୍ୟାଙ୍କଗୁଡ଼ିକର ଅଂଶଧନକୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାକୁ ପଡ଼ିବ।

### ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଜିଏସ୍‌ଟି ପରିଷଦ ବୈଠକ

## ୨୨ରେ ଲାଗୁ ହୋଇପାରେ ନୂଆ ସ୍ଲାବ

ନୂଆଦିଲ୍ଲୀ, ୨୬।୮: କେନ୍ଦ୍ର ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ନୂଆ ଦର ସେପ୍ଟେମ୍ବର ୨୨ରେ ଲାଗୁ କରିପାରନ୍ତି। ଏନ୍‌ଡିଟିଭି ପ୍ରଫିଟରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ନବରାତ୍ରି ଏବଂ ପାର୍ବଣ ଋତୁରେ ବିଭିନ୍ନ କ୍ଷେତ୍ରରେ ଚାହିଦା ଏବଂ ବିକ୍ରି ବଢ଼ାଇବା ଲାଗି କେନ୍ଦ୍ର ସରକାର ଏଭଳି ଯୋଜନା




କରୁଛନ୍ତି। ଜିଏସ୍‌ଟି ହାରରେ ତତ୍କାଳ ପରିବର୍ତ୍ତନକୁ ମଞ୍ଜୁରୀ ଦେବା ଲାଗି ଜିଏସ୍‌ଟି ପରିଷଦକୁ ସରକାର ନିବେଦନ କରିଛନ୍ତି। ଏବେ ବିଭିନ୍ନ କ୍ଷେତ୍ରରେ ଚାହିଦା ପ୍ରଭାବିତ ଥିବାରୁ ଏହାକୁ ନେଇ ସରକାର ଚିନ୍ତିତ ଅଛନ୍ତି। ସେହିଭଳି ରାଜ୍ୟ ଗୁଡ଼ିକର ରାଜସ୍ୱ କ୍ଷତି ଜନିତ ଚିନ୍ତା ଦୂରୀକରଣ ଉପରେ ମଧ କାମ ହେବ। ଜିଏସ୍‌ଟି ପରିଷଦର ୫୬ତମ ବୈଠକ ୩ରୁ ୪ ସେପ୍ଟେମ୍ବର ଯାଏ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧକ୍ଷତାରେ ଏହି ବୈଠକରେ ଜିଏସ୍‌ଟି ହାର ସମ୍ପର୍କିତ ପ୍ରସ୍ତାବ ଉପରେ ବ୍ୟାପକ ଚର୍ଚ୍ଚା ହେବ। କେନ୍ଦ୍ର ସରକାର ଜିଏସ୍‌ଟି ଢ଼ାଞ୍ଚାକୁ ସରଳ କରିବା ଲାଗି ୨ଟି ସ୍ଲାବ ଯଥା ୫% ଏବଂ ୧୮% ଲାଗୁ କରିବା ଲାଗି ପ୍ରସ୍ତାବ ଦେଇଛନ୍ତି। ବିଳାସପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଉପରେ ୪୦% ଟିକସ ଲାଗିବ।


## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ ।ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩. ୧୧ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ମହିଳା ନିଯୁକ୍ତି ହାର ଦ୍ୱିଗୁଣିତ, ବେକାରି ୩.୨%କୁ ହ୍ରାସ

ଭୁବନେଶ୍ୱର,୨୬।୮: ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ ସରକାର ସବୁ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏପରିକି କର୍ମଶକ୍ତିରେ ୭୦% ମହିଳା ଅଂଶଗ୍ରହଣକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖାଯାଇଛି। ପିଏଲ୍‌ଏଫ୍‌ଏସ୍ ତଥ୍ୟ ଅନୁଯାୟୀ ଦେଶରେ ମହିଳା କର୍ମନିଯୁକ୍ତି ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ମହିଳା ନିଯୁକ୍ତି ହାର ୨୦୧୭-୧୮ରେ ୨୨%ରୁ ୨୦୨୩-୨୪ରେ ୪୦.୩%କୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ବେକାରି ହାର ୫.୬ ପ୍ରତିଶତରୁ ୩.୨ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାମୀଣ ଭାରତରେ ମହିଳା ନିଯୁକ୍ତିରେ ୯୬% ବୃଦ୍ଧି ଘଟିଥିବାବେଳେ



ସହରାଞ୍ଚଳରେ ୪୩% ବୃଦ୍ଧି ଘଟିଛି। ଏକ ଆକଳନ ଅନୁସାରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ମହିଳାମାନଙ୍କ ନିଯୁକ୍ତି କ୍ଷମତା ମଧ ୨୦୧୩ରେ ୪୨% ଥିବାବେଳେ ତାହା ୨୦୨୪ରେ ୪୭.୫୩%କୁ ବୃଦ୍ଧି ପାଇବ। ସ୍ନାତକୋତ୍ତର ଏବଂ ତଦୂର୍ଦ୍ଧ୍ୱ ଡିଗ୍ରୀ ହାସଲ କରିଥିବା ମହିଳାଙ୍କ ମଧ୍ୟରେ ନିଯୁକ୍ତି ହାର ୨୦୧୭-୧୮ରେ ୩୪.୫%ରୁ ୨୦୨୩-୨୪ରେ ୪୦ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଇଣ୍ଡିଆ ସ୍କିଲ୍ସ ରିପୋର୍ଟ ୨୦୨୫ ଅନୁଯାୟୀ, ୨୦୨୫ରେ ପ୍ରାୟ ୫୫% ଭାରତୀୟ ସ୍ନାତକ ବିଶ୍ୱ ସ୍ତରରେ ନିଯୁକ୍ତି ଯୋଗ୍ୟ ହେବେ ବୋଲି ଆଶା କରାଯାଉଛି। ଏହା ୨୦୨୪ରେ ୫୧.୨% ଥିଲା। ଇପିଏଫଓ ପେରୋଲ ତଥ୍ୟ ଅନୁସାରେ, ସଂଗଠିତ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢ଼ିଛି। ଗତ ୭ ବର୍ଷରେ ୧.୫୬ କୋଟି ମହିଳା ଆନୁଷ୍ଠାନିକ କର୍ମଶକ୍ତିରେ ଯୋଗ ଦେଇଛନ୍ତି। ଏହି ସମୟରେ ଅଗଷ୍ଟ ସୁଦ୍ଧା ଇ-ଶ୍ରମ ପୋର୍ଟାଲରେ ୧୬.୬୯ କୋଟିରୁ ଅଧିକ ଅସଂଗଠିତ ମହିଳା ଶ୍ରମିକଙ୍କ ପଞ୍ଜୀକରଣ ରେକର୍ଡ କରାଯାଇଛି, ଅନ୍ୟପଟେ ଜାତୀୟ ସ୍ତରରେ ୧୫ଟି ମନ୍ତ୍ରଣାଳୟର ୭୦ଟି କେନ୍ଦ୍ରୀୟ ଯୋଜନା ଏବଂ ୪୦୦ରୁ ଅଧିକ ରାଜ୍ୟସ୍ତରୀୟ ଯୋଜନା ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ପିଏଲଏଫଏସ ତଥ୍ୟ ଦର୍ଶାଉଛି ଯେ ମହିଳା ଆତ୍ମନିଯୁକ୍ତି ୩୦% ବୃଦ୍ଧି ପାଇଛି। ୨୦୧୭-୧୮ ରେ ୫୧.୯%ରୁ, ୨୦୨୩-୨୪ରେ ଏହା ୬୭.୪%କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି।

## ହୋଣ୍ଡାର ପ୍ରଥମ ଇଭି କାର୍‌ର ଶୁଭାରମ୍ଭ କଲେ ପିଏମ୍ ମୋଦୀ

ନୂଆଦିଲ୍ଲୀ, ୨୬।୮: ହୋଣ୍ଡାର ପ୍ରଥମ ଇଲେକ୍ଟ୍ରିକ୍ କାର୍‌ର ହେଲା ଶୁଭାରମ୍ଭ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅହମ୍ମଦାବାଦର ହଂସଲପୁରରେ ଥିବା ସୁଜୁକି ମୋଟର ପ୍ଲାଣ୍ଟରେ ହୋଣ୍ଡାର ପ୍ରଥମ ଇଲେକ୍ଟ୍ରିକ୍ କାର୍ ଇ-ଭିଟାରାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। 'ଆତ୍ମନିର୍ଭର ଭାରତ' ଚିନ୍ତାଧାରାରେ ଅନୁପ୍ରାଣିତ ଏହି ମେଡ୍-ଇନ୍-ଇଣ୍ଡିଆ ଇଲେକ୍ଟ୍ରିକ୍ କାର୍ ସଂପୂର୍ଣ୍ଣ ଭାବରେ ଭାରତରେ ହିଁ ତିଆରି ହୋଇଛି। ବଡ଼ କଥା ହେଲା ଭାରତରୁ ହିଁ ଏହି କାର୍ ୟୁରୋପ ଏବଂ ଜାପାନ ସମେତ ୧୦୦ରୁ ଅଧିକ ଦେଶକୁ ରପ୍ତାନୀ କରାଯିବ। ଯାହା ଭାରତ ପାଇଁ ଏକ ପ୍ରମୁଖ ମାଇଲଖୁଣ୍ଟ ହେବ। କାର୍ଯ୍ୟକ୍ରମରେ ସମ୍ବୋଧିନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଆଜି ମେକ୍ ଇନ୍ ଇଣ୍ଡିଆରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଏଣିକି ବିଦେଶରେ ଚାଲୁଥିବା ଇଲେକ୍ଟ୍ରିକ୍ ଗାଡ଼ିରେ ବି 'ମେଡ୍ ଇନ୍ ଇଣ୍ଡିଆ' ଲେଖାଯିବ।' ତେବେ କାର୍ ବିଷୟରେ କହିଲେ, ଏହି କାର୍ ନୂଆ ହେରିଟେକ୍-ଇ ପ୍ଲାଟଫର୍ମରେ ନିର୍ମାଣ କରାଯାଇଛି। ଯାହାକୁ ଟୋୟୋଟା ଏବଂ ଡାଇହାତ୍ସୁ ସହଭାଗିତାରେ ବିକଶିତ କରାଯାଇଛି। ଏହା ସମ୍ପୂର୍ଣ୍ଣ ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ। କାରଣ ନିର୍ମାଣରେ ସ୍ୱଦେଶୀ ସାମଗ୍ରୀର ବ୍ୟବହାର କରାଯାଉଥିବାବେଳେ, ଆଗାମୀ ସମୟରେ ଏହା ଇଭି ଯୋଗାଣ ଶୃଙ୍ଖଳରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ସ୍ୱଦେଶୀ ସାମଗ୍ରୀର ବ୍ୟବହାର କରିବ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଇ-ଭିଟାରା ଦୁଇଟି ବ୍ୟାଟେରୀ ବିକଳ୍ପରେ ଉପଲବ୍ଧ ହେବ। ପ୍ରଥମଟି ହେଉଛି ୪୯ କେଡବ୍ଲ୍ୟୁଏଚ ବ୍ୟାଟେରୀ ପ୍ୟାକ୍, ଯାହା ପ୍ରାୟ ୫୦୦ କିଲୋମିଟର ରେଞ୍ଜ ଦେବ ଏବଂ ଦ୍ୱିତୀୟଟି ହେଉଛି ୬୧ କେଡବ୍ଲ୍ୟୁଏଚ ବ୍ୟାକ୍ ପ୍ୟାକ୍, ଯାହାର ରେଞ୍ଜ ପ୍ରାୟ ୬୨୦ କିଲୋମିଟର ହେବ। ବେସ୍ ମଡେଲ୍ ଫ୍ରଣ୍ଟ ମୋଟର ଏବଂ ଫ୍ରଣ୍ଟ-ହ୍ୱିଲ୍-ଡ୍ରାଇଭ୍ ଅପ୍ସନ ରହିଛି। ସେହିପରି ହାୟର ଭାରିଆଣ୍ଟରେ ଡୁଆଲ୍ ମୋଟର ଏବଂ ଅଲ୍-ହ୍ୱିଲ୍-ଡ୍ରାଇଭ୍ ଅପ୍ସନ ରହିଛି । କାର୍‌ର ଇଣ୍ଟିରିୟର କଥା କହିଲେ କମ୍ପାନି ଇ-ଭିଟାରାର କ୍ୟାବିନକୁ ଡିଜିଟାଲ୍ ତଥା ଟେକ୍ ଫ୍ରେଣ୍ଡଲି କରିଛି। ଏଥିରେ ୨୫.୬୫ ସେଣ୍ଟିମିଟରର ଫ୍ଲୋଟିଂ ଟଚସ୍କ୍ରିନ୍ ରହିଛି। ଯେଉଁଥିରେ ସ୍ମାର୍ଟପେ ପ୍ରୋ ଇଣ୍ଟରଫେସ୍ ରହିଛି ଏବଂ ଏହା ୱାୟାରଲେସ୍ ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ୍ କାରପ୍ଲେ ସପୋର୍ଟ ରହିଛି। ସେହିଭଳି ୧୦. ୨୫ ସେମି ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ରହିଛି। ଏହା ବ୍ୟତୀତ, ୱାୟାରଲେସ୍ ଚାର୍ଜର, ଏକାଧିକ ୟୁଏସବି-ସି ପୋର୍ଟ ଏବଂ ଅତିରିକ୍ତ ଷ୍ଟୋରେଜ୍ ସ୍ପେସ୍ ମଧ ପ୍ରଦାନ କରାଯାଇଛି। ଇ-ଭିଟାରାରେ ସାତୋଟି ଏୟାରବ୍ୟାଗ ଅଛି। ପିଲାମାନଙ୍କ ସୁରକ୍ଷା ପାଇଁ ଆଇଏସଓଏଫଆଇଏକ୍ସ ମାଉଣ୍ଟ ମଧ ରହିଛି। ଏହା ବ୍ୟତୀତ ଡ୍ରାଇଭିଂ ଆସିଷ୍ଟାଣ୍ଟରେ ଏଡିଏଏସ ମଧ ରହିଛି। ଯେଉଁଥିରେ ଆଡାପ୍ଟିଭ୍ କ୍ରୁଜ୍ କଣ୍ଟ୍ରୋଲ୍, ଲେନ୍-କିପ୍ ଆସିଷ୍ଟ, ବ୍ଲାଇଣ୍ଡ-ସ୍ପଟ୍ ମନିଟରିଂ ଏବଂ କୋଲାଇଜନ୍ ମିଟିଗେଶନ୍ ବ୍ରେକିଂ ଭଳି ଟେକ୍ନୋଲୋଜି ରହିଛି। ଇ-ଭିଟାରାର ଶୁଭାରମ୍ଭ ସହ ପ୍ରଧାନମନ୍ତ୍ରୀ ମୋଦୀ ଟିଡିଏସ ଲିଥିୟମ-ଆୟନ ବ୍ୟାଟେରୀ ପ୍ଲାଣ୍ଟରେ ହାଇବ୍ରିଡ୍ ବ୍ୟାଟେରୀ ଇଲେକ୍ଟ୍ରୋଡର ସ୍ଥାନୀୟ ଫେସିଲିଟିର ମଧ ଉଦଘାଟନ କରିଥିଲେ। ଏହି ପ୍ଲାଣ୍ଟ ସୁଜୁକି, ତୋଶିବା ଏବଂ ଡେନ୍ସୋର ଏକ ମିଳିତ ଉଦ୍ୟମ। ଏଠାରୁ ଉତ୍ପାଦନ ହେବାକୁ ଥିବା ବ୍ୟାଟେରୀ, ବ୍ୟାଟେରୀ ଉତ୍ପାଦନରେ ଘରୋଇ କ୍ଷେତ୍ରର ଭାଗୀଦାରୀକୁ ୮୦ ପ୍ରତିଶତକୁ ବୃଦ୍ଧି କରିବ। ଏହା କେବଳ ଭାରତକୁ ବୈଦ୍ୟୁତିକ କାର ନିର୍ମାଣରେ ଆତ୍ମନିର୍ଭରଶୀଳ କରିବ ନାହିଁ, ବରଂ ବିଶ୍ୱ ଇଭି ମୂଲ୍ୟ ଶୃଙ୍ଖଳାରେ ମଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ବାଗ୍‌ଚୀ ନେଉଥିଲେ ୧ ଟଙ୍କା ଦରମା

ନୂଆଦିଲ୍ଲୀ, ୨୬।୮: ସୂଚନା ପ୍ରଯୁକ୍ତି କମ୍ପାନି ମାଇଣ୍ଡଟ୍ରିର ସହ ପ୍ରତିଷ୍ଠାତା ସୁବ୍ରତ ବାଗ୍‌ଚୀ ଓଡ଼ିଶା ସରକାରଙ୍କ ପାଇଁ ମୁଖ୍ୟ ଉପଦେଷ୍ଟା ( ସଂସ୍ଥାଗତ ଓ ଦକ୍ଷତା ଗଠନ) ଭାବେ କାର୍ଯ୍ୟ କରୁଥିବା ବେଳେ ବର୍ଷକୁ ମାତ୍ର ୧ ଟଙ୍କାର ଦରମା ନେଉଥିଲେ। ସେ ନିଜେ ଏକଥା ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରକାଶ କରିଛନ୍ତି। ନିଜ ଶେଷ ଦରମା ବାବଦ ଷ୍ଟେଟ୍ ବ୍ୟାଙ୍କର ୧ ଟଙ୍କାର ଚେକ୍‌କୁ ସେ ପୋଷ୍ଟ୍ କରିଛନ୍ତି। ବାଗ୍‌ଚୀ ଲେଖିଛନ୍ତି ଯେ ଏହା ହେଉଛି ମୋ ଜୀବନର ସବୁଠୁ ମୂଲ୍ୟବାନ ସମ୍ପଦ। ସରକାରଙ୍କ ସହ ମୁଁ ଯେତିକି ବର୍ଷ କାମ କରିଥିଲି, ପ୍ରତି ବର୍ଷ ପାଇଁ ୧ ଟଙ୍କାର ଚେକ୍ ପାଇଛି। ଆଠ ବର୍ଷରେ ମୋତେ ଆଠଟି ଚେକ୍ ମିଳିଛି। କୋଟି କୋଟି ଟଙ୍କାର ମାଲିକ ହୋଇଥିବା ସତ୍ତ୍ୱେ ସେ ଏହି ଦରମାକୁ ନିଜର ସବୁଠୁ ବଡ଼ ସମ୍ପଦ ବୋଲି କହିଛନ୍ତି। ନିଜ ରାଜ୍ୟ ପାଇଁ ଏହା ଆଠ ବର୍ଷର ନିରବ ଓ ନିଃସ୍ୱାର୍ଥପର ସେବାକୁ ଦର୍ଶାଉଛି। କୌଣସି ଆର୍ଥିକ ଲାଭ ଆଶା ନ ରଖି ସେ କାମ ପାଇଁ ପ୍ରତିବଦ୍ଧ ହୋଇଥିଲେ ବୋଲି ଜଣାଇଛନ୍ତି। ୨୦୧୬ରେ ସେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ)ର ଅଧକ୍ଷ ଭାବେ ନିଯୁକ୍ତ ହୋଇଥିଲେ। କୋଭିଡ୍ ମହାମାରୀ ସମୟରେ ତାଙ୍କୁ ରାଜ୍ୟ ସରକାରଙ୍କ ମୁଖ୍ୟ ପ୍ରବକ୍ତା ଦାୟିତ୍ୱ ଦିଆଯାଇଥିଲା। ସେହି ଭୂମିକାରେ ସେ ସାରା ରାଜ୍ୟରେ ବେଶ୍ ଲୋକପ୍ରିୟ ହୋଇପଡ଼ିଥିଲେ। ବାଗ୍‌ଚୀ ଓଡ଼ିଶା ଶିଳ୍ପ ବିଭାଗରେ ଜଣେ କିରାଣୀ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ମାଇଣ୍ଡଟ୍ରିର ସହ ପ୍ରତିଷ୍ଠାତା ହୋଇଥିଲେ।

# ବାଲିଆପାଳରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ

## ୧୦ଟି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗାଁ ପ୍ରଭାବିତ

**ବାଲିଆପାଳ,୨୬।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀରେ ଆସିଥିବା ଷଷ୍ଠ ବନ୍ୟା ତୃତୀୟ ଦିନରେ ମଧ ଅପରିବର୍ତ୍ତିତ ରହିଛି। ସୋମବାର ଅପରାହ୍ନରେ ବନ୍ୟା ପାଣି ସାମାନ୍ୟ କମ ହୋଇଥିଲା ବେଳେ ରାତ୍ରିରେ ପୁଣି ଥରେ ଜଳ ସ୍ତର ବୃଦ୍ଧି ପାଇବା ଫଳରେ ମଙ୍ଗଳବାର ବାଲିଆପାଳ ବ୍ଲକ ଅଞ୍ଚଳରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିଛି। ତେବେ ଜଳ ସ୍ତର ଧିରେ ଧିରେ କମ ହେଉଥିବା ଦେଖିବାକୁ ମିଳିଛି। ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ଏବେ ମଧ ରହିଛି। ବାଲିଆପାଳ ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଏବେ ମଧ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି।

ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଦେଭୋଗ, ଘଣ୍ଟୁଆ, କୁମ୍ଭାରୀ, ଶ୍ରୀରାମପୁର ପ୍ରଭୃତି ପଞ୍ଚାୟତ ଜଳମଗ୍ନ ହୋଇଛି। ଫଳରେ ପାନୀୟ ଜଳର ଘୋର ସମସ୍ୟା ଦେଖାଦେଇଛି। ବିଭିନ୍ନ ସ୍ଥାନରେ ବନ୍ୟା ପିଡିତ ଲୋକମାନେ ଦୁଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି ବୋଲି ବିଷ୍ଣୁପୁର ପଞ୍ଚାୟତର ଇକଡପାଳ ଏବଂ ରାଉତୁରାପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଞ୍ଚଥର ବନ୍ୟା ପରେ ଚାଷୀମାନେ ବହୁ କଷ୍ଟରେ



ବିହନ ଆଣି ଜମିରେ ଧାନ ରୁଆ କରିଥିଲେ। ମାତ୍ର ଏହି ବନ୍ୟା ଫଳରେ ସମସ୍ତ ରୁଆ ହୋଇଥିବା ଧାନ ଜମି ନଷ୍ଟ ହୋଇଯିବାର ସମ୍ଭାବନା ଦେଖାଦେଇଛି। ବାରମ୍ବାର ବନ୍ୟା ବାଲିଆପାଳ ବ୍ଲକର ନଦୀ କୂଳିଆ ଗ୍ରାମବାସୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି।

ବିଷ୍ଣୁପୁର, ଜାମକୁଣ୍ଡା ଏବଂ ମଧୁପୁରା ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସୋମବାର ରାତ୍ରୀରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ଆଜି ମଧାହ୍ନରେ ଜାମକୁଣ୍ଡା ପଞ୍ଚାୟତର ତାଳପଦା ଗ୍ରାମରେ ୬୭୦ଜଣ, କୁହ୍ଲାଚଡ ଗ୍ରାମରେ ୬୩୦ଜଣ ବିଷ୍ଣୁପୁର ପଞ୍ଚାୟତର ନୟାବାଲି ଗ୍ରାମରେ ୪୫୦ଜଣ, ମଧୁପୁରା ପଞ୍ଚାୟତର ଚୌଧୁରିକୁଦ ଗ୍ରାମରେ ୬୭୦ଜଣ ଏବଂ ଚଡବସ୍ତ କାଳରୁଇ ଗ୍ରାମରେ ୪୫୦ଜଣ ଏହିପରି ୨୮୭୦ଜଣ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ସେହିପରି ଲୋକମାନଙ୍କ ଯାତାୟତ ପାଇଁ ଇକଡପାଳ, କୁହ୍ଲାଚଡ, ତାଳପଦା, ବିଷ୍ଣୁପୁର, ଲକପାଳ, ଚୌଧୁରିକୁଦ, କୁଦମାନସିଂ ପ୍ରଭୃତି ସ୍ଥାନରେ ଏସଆରସିର ୯ଟି ପାୱାର ବୋଟ ଯୋଗାଇ ଦିଆଯାଇଥିବା ବେଳେ ଗୋଟିଏ ଓଡ୍ରାଫ ଟିମ ଅସ୍ତି ପଞ୍ଚାୟତରେ ରହିଛି। ଏହା ବାଦ ଯେଉଁ ସବୁ ସ୍ଥାନରେ ପାୱାର ବୋଟ ଯାଇପାରୁ ନାହିଁ ଯେମିତି ରାଉତୁରାପୁର, ରାମନଗର, ରସଲପୁର, ଆଠବାଟିଆ, ତଳ ବାଲିଆପାଳ, କୁଦମାନସିଂ ଚଡ ଓ ପାଳଚମ୍ପେଇ ପ୍ରଭୃତି ସ୍ଥାନରେ ୭ଟି ଦେଶୀ ଡଙ୍ଗା ଯୋଗାଇ ଦିଆଯାଇଛି।

ପୂର୍ବ ବନ୍ୟାରେ ବାଲିଆପାଳ ବ୍ଲକର ପରିବା ଚାଷ ଏବଂ ନଳିତା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ବେଳେ ଚଳିତ ବନ୍ୟାରେ ବ୍ଲକର ୨ହଜାର ୫ଶହ ହେକ୍ଟରରୁ ଉର୍ଦ୍ଧ୍ୱ ଧାନଚାଷ ଜଳମଗ୍ନ ହୋଇରହିଛି।ଧାନ ଜମି ଉପରେ ୬ଫୁଟରୁ ଉର୍ଦ୍ଧ୍ୱ ବନ୍ୟା ପାଣି ଲହଡ଼ି ଭାଙ୍ଗୁଛି। ତେବେ ବନ୍ୟା ସମ୍ପୁର୍ଣ୍ଣ ଛାଡ଼ିବା ପରେ ପ୍ରକୃତ କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ କହିଛନ୍ତି। ଆଜି ବିଡିଓ ରାଧା ରଞ୍ଜନ ଦାସ ଏବଂ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ବ୍ଲକର ବିଭିନ୍ନ ବନ୍ୟା ଅଞ୍ଚଳକୁ ଯାଇ ଲୋକମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ଜମା ସମ୍ବନ୍ଧୀୟ ସଚେତନତା କର୍ମଶାଳା




**ବୈଶିଙ୍ଗା,୨୬।୮ (ସଂଚାର ବ୍ୟୁରୋ):** ସାରା ଦେଶର ଜନସାଧାରଣ ବ୍ୟାଙ୍କ ସେବା ପ୍ରତି ଅଧିକ ଆକୃଷ୍ଟ ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ୟାଙ୍କ ମାଧମରେ ବିଭିନ୍ନ ଲୋକାଭିମୁଖୀ ଜମା ଏବଂ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେବାର ସୁଯୋଗ ସୃଷ୍ଟି ପାଇଁ ପ୍ରତି ପଞ୍ଚାୟତରେ ଶିବିର ଜରିଆରେ ସଚେତନ କରିବାକୁ ବ୍ୟାଙ୍କ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାକୁ ଆଧାର କରି ବୈଶିଙ୍ଗା ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଆଜି ଏକ ସଚେତନତା ଶିବିର ତିଆଡି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଅଗ୍ରଣୀ ଆଞ୍ଚଳିକ ପ୍ରବନ୍ଧକ ସୂର୍ଯ୍ୟ ନାରାୟଣ ମହାନ୍ତି ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିର ରେ ବିଶିଷ୍ଟ ଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ମୟୂରଭଞ୍ଜର ଅଗ୍ରଣୀ ଆଞ୍ଚଳିକ ଅଧିକାରୀ ସନ୍ତୋଷ କୁମାର ମିଶ୍ର, ବ୍ୟାଙ୍କ ଅଫ୍ ଇଣ୍ଡିଆର ଜେନେରାଲ ମ୍ୟାନେଜର ବିକାଶ କ୍ରୀଷ୍ଣା ,ଡେପୁଟି ଜେନେରାଲ ମ୍ୟାନେଜର ଶ୍ରୀ ନିଶ୍ଚିନ୍ତ , ବୈଶିଙ୍ଗା ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପ୍ରବନ୍ଧକ ରାଜେଶ ନାୟକ ପ୍ରମୂଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଜନ-ଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ଜନ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା, ବିଷୟରେ ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନଙ୍କୁ ସଚେତନ କରାଇଥିଲେ, ଏଥି ସହିତ ସାଇବର କ୍ରାଇମ ପ୍ରତି ସଚେତନ ରହିବା, ନିଷ୍କ୍ରିୟ ଜମା ଖାତା ନବୀକରଣ କରାଇବାର ବ୍ୟବସ୍ଥା ବିଷୟରେ ପୁଙ୍ଖାନୁପୁଙ୍ଖ ବଖାଣିଥିଲେ । ଲୋକ ପ୍ରତିନିଧି ଭାବେ ବୈଶିଙ୍ଗା ସରପଞ୍ଚ ସାବିତ୍ରୀ ମୁର୍ମୁ, ସମିତି ସଭ୍ୟା ସରସ୍ୱତୀ ଦାସ ଏବଂ କେନ୍ଦୁଆ ସରପଞ୍ଚ ମନମୋହନ ମାଝୀ ପ୍ରମୁଖ ମଞ୍ଚ ରେ ଉପସ୍ଥିତ ରହି ବ୍ୟାଙ୍କ ସେବା ବିଷମ୍ ରେ କିଛି ଉପଦେଶ ଦେଇଥିଲେ । ଶେଷରେ ଶାଖା ପ୍ରବନ୍ଧକ ରାଜେଶ ନାୟକ ଧନ୍ୟବାଦ ଜଣାଇଥିଲେ ।

## ଗୋରକ୍ଷକଙ୍କୁ ଗାଡ଼ି ଚଢ଼େଇ ହତ୍ୟା ଉଦ୍ୟମ

**ବାଲିପାଟଣା,୨୬।୮ (ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଅଞ୍ଚଳରେ ବେଆଇନ ଗୋ ଚାଲଣ ବୃଦ୍ଧି ପାଉଛି। ଆଜି ବେଆଇନ ଭାବେ ଗୋ ଚାଲଣ ବେଳେ ଗୋରୁ ବ୍ୟବସାୟୀ ରକ୍ତମୁଖା ହୋଇ ଗୋ ରକ୍ଷକଙ୍କୁ ହତ୍ୟା ଉଦ୍ୟମ କରିଛନ୍ତି। ଖବର ପାଇ ପୁଲିସ ଗୋରୁ ବୋଝେଇ ଗାଡ଼ି ସହ ଜଣଙ୍କୁ ଅଟକ ରଖିଛି। ସୂଚନା ଅନୁସାରେ, ଆଜି ଭୋରୁ ଚଣାହଙ୍ଗା ସରିପୁର ରାସ୍ତାରେ ପିକପ ନଂ ଓଡି ୦୨ ସି ସି ୧୭୦୮ ରେ ଗାଈମାନଙ୍କୁ ଅମାନୁଷିକ ଭାବେ ମୁହଁ, ଗୋଡ଼ ବାନ୍ଧି ନେଉଥିବା କିଛି ଗୋ ରକ୍ଷକ ଦେଖିଥିଲେ। ଗୋ ରକ୍ଷକମାନେ ସରିପୁର ଭୋଳ ସାହି ନିକଟରେ ପିକଅପକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଗୋ ଚାଳକ ପ୍ରତିହିଂସା ପରାୟଣ ହୋଇ ହଡ଼ବଡେଇ ଯାଇଥିଲେ। ଗୋରୁ ବୋଝେଇ ପିକଅପ ଗାଡ଼ିକୁ ପଛୁଆ ନେଇ ଫେରାର ହେବାକୁ ଉଦ୍ୟମ କରିଥିଲେ।ଗାଡ଼ି ପଛରେ ଥିବା ନିର୍ମଳ ବିଶ୍ୱାଳଙ୍କ ପଲସର ବାଇକ ନଂ ଓଡି ୦୨ ସିଜେ ୨୦୨୨ ଉପରେ ଗୋରୁ ବେପାରୀ ପିକଅପ ଚଢ଼ାଇ ଦେଇଥିଲେ।ପିକଅପରେ ଥିବା ୩ ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଗୋ ରକ୍ଷକମାନଙ୍କୁ ମାରିଦେବାକୁ ଧମକ ଦେବା ସହ ଧାନ ବିଲରେ ପଶି ୨ ଜଣ ଫେରାର ହୋଇ ଯାଇଥିଲେ। ଗାଡ଼ି ଚାଳକ ବାଲିପାଟଣା ଥାନା ବେଙ୍ଗବତୀର କୁତୁବ ଅଲ୍ଲୀକୁ ଗୋ ରକ୍ଷକ ଏବଂ ଗ୍ରାମବାସୀ କାବୁ କରି ପୁଲିସ ଜିମା ଦେଇଛନ୍ତି।ତେବେ ଗୋ ଚାଲଣକାରୀଙ୍କ କବଳରୁ ଗୋ ରକ୍ଷକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣା ପଡ଼ିଛି। ଏନେଇ ସ୍ଥାନୀୟ ବଜରଙ୍ଗ ଦଳ ତରଫରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ଗୋରୁ ବୋଝେଇ ଗାଡ଼ି ସହ ଚାଳକ କୁତୁବ ଅଲ୍ଲୀକୁ ଅଟକ ରଖିଛି।

## ସାର ପାଇଁ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲା ବିଜେଡି



**ଜୟପୁର,୨୬।୮ (ସଂଚାର ବ୍ୟୁରୋ):** ଚାଷୀ ଙ୍କ ମିଳୁନି ସାର ଫଳରେ ଜମିରେ ସାର ଦେବା ସମୟ ଅତିବାହିତ ହେଲାଣି ଏବଂ ଚାଷ ବିଲ ରେ ଧାନ ନଷ୍ଟ ହେବାକୁ ବସିଲାଣି । ଦରକାର ସମୟରେ ଚାଷୀ ଙ୍କ ପାଖରେ ସାର ନାହିଁ କୋରାପୁଟ ଜିଲାରେ ସାରର ଅଭାବୀ ବିକ୍ରୀ ଦେଖା ଦେଖା ଦେଇଛି ଚାଷୀଙ୍କୁ ସାର ମିଳୁନି । ଅସାଧୁ ବ୍ୟବସାୟୀ ମାନେ ଚଢା ଦରରେ ସାର ବିକ୍ରୀ କରୁଛନ୍ତି । ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦେବାକୁ ବିଜେଡି ଦଳ ତରଫରୁ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆ ଯାଇଛି। ବିଜେଡିର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରି ଥିଲେ । ଧାରଣା ସ୍ଥଳରେ ଜୟପୁର ଉପଖଣ୍ଡ ଅଧିନରେ ରହି ଥିବା କୋଟପାଡ କୁନ୍ଦ୍ରା, ବୋରିଗୁମ୍ମା ବୈପାରିଗୁଡା ଓ ଜୟପୁର ବ୍ଲକର ଚାଷୀ ମାନେ ଆସି ଯୋଗ ଦେଇ ଥିଲେ । ଚାଷୀ ମାନେ କିପରି ସାର ଟିକକ ପାଇବା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେଥି ସଂମ୍ପର୍କରେ ଧାରଣା ସ୍ଥଳରେ ନିଜ ନିଜ ଅଭିଭାଷଣ ମାଧମରେ ମତ ପ୍ରକାଶ କରି ଥିଲେ । ଚାଷୀଙ୍କୁ ସାର ନିଅ ହେଉଛି । ସାର ପର୍ଯ୍ୟାପ ପରିମାଣରେ ଯୋଗାଲ ଦିଆ ଯାଇ ନାହିଁ । ଗରିବ ଚାଷୀ ଅତି ବିକଳରେସ୍ଥଳରେ ନିଜ ନିଜ ଅଭିଭାଷଣ ମାଧମରେ ମତ ପ୍ରକାଶ କରି ଥିଲେ । ଚାଷୀଙ୍କୁ ସାର ନିଅ ହେଉଛି । ସାର ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆ ଯାଉ ନାହିଁ । ଗରିବ ଚାଷୀ ଅତି ବିକଳରେ ଚାଷ କରିବ ବୋଲି ବାହାରୁ ୟୁରିଆକୁ ୮ ଶହରୁ ୧ହଜାର ଟଙ୍କାରେ କ୍ରୟ କରୁଛି । ପୁଣି ପଟାସ ସାର ନାଁରେ ରଙ୍ଗ ବୋଲି ମାଟି ଗୁଡିକ ଚାଷୀଙ୍କୁ ବିକ୍ରି କରୁଛନ୍ତି । ଚାଷୀ ଠକାମୀର ଶୀକାର ହେଉଛି । କୃଷି ବିଭାଗ କଳାବଜାରୀ ଓ ଅସାଧୁ ବ୍ୟବସାୟୀଙ୍କ ଉପରେ ନିଜର କତୃତ ଜାହିର କରି ପାରୁନି । ଯାହାଦ୍ୱାରା ଚାଷୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ନେଇ ଧାରଣା ଦିଆ ଯାଇ ଥିଲା । ଆସନ୍ତା ଦିନରେ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଇ ଦିଆ ଯିବା ସହ କଳାବଜାରୀଙ୍କୁ ଉଚିତ ଶାସ୍ତି ପ୍ରଦାନ କରିବାର ପ୍ରତିଶ୍ରୁତି ପରେ ଧାରଣାରୁ ଚାଷୀ ହଟି ଥିଲେ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ରାଜ୍ୟ ଉପସଭାପତି ଶ୍ରୀ ନନ୍ଦ ପ୍ରକାଶ କରିଛନ୍ତି । ଆଜି ଚାଷୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ତେବେ ଜିଲା ମୁଖ କୃଷି ଅଧିକାରୀ ଏଥି ପାଇଁ ମ୍ୟାମ୍ପୁରେ ରହି ଥିବା ଗୋଦାମ ଗୃହରେ ପର୍ଯ୍ୟାପ୍ତ ସ୍ଥାନ ନଥିବା ହେତୁ ସେମାନେ ସାରକୁ ଗଛିତ କରି ରଖି ପାରୁ ନାହାନ୍ତି । ସାର ରେକ ଆସିବ ଏବଂ ଆସନ୍ତା ଦିନରେ ସାରର ଅଭାବ ରହିବ ନାହିଁ । ଚାଷୀ ପର୍ଯ୍ୟାପ୍ତ ପରିମାଣର ସାର ପାଇ ପାରିବେ ବୋଲି ଜିଲା କୃଷି ଅଧିକାରୀ ଗୋକୁଳ ପ୍ରଧାନ ପ୍ରକାଶ କରିଛନ୍ତି ।

## ପୌର ପରିଷଦ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



**ନବରଙ୍ଗପୁର/ଉମରକୋଟ,୨୬।୮ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ଅଧକ୍ଷା ରାଧା ଭତ୍ରାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ ଉମରକୋଟ ପୌର ପରିଷଦର ୧୪ ଜଣ ୱାର୍ଡ ସଭ୍ୟ । ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ଦେଲେ ୧୪ କାଉନସିଲର । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଶିଥିଳତା, ୱାର୍ଡ ସଭ୍ୟ ମାନଙ୍କୁ ଅଣଦେଖା ଆଦି ଅଭିଯୋଗ ଆଣି ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ର ଅଧକ୍ଷା ରାଧା ଭତ୍ରା ଙ୍କ ବିରୋଧରେ ୧୪ ଜଣ ୱାର୍ଡ ସଭ୍ୟ ଆନାସ୍ଥା ପ୍ରସ୍ତାବ ଆଣିଲେ । ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ପାଇଁ ଲିଖିତ ଆକାରରେ ଜଣାଇଲେ ପୌର ୱାର୍ଡ ସଭ୍ୟ । ୧୪ ଟି ୱାର୍ଡ ଙ୍କୁ ନେଇ ଗଠିତ ଉମରକୋଟ ପୌର ପରିଷଦ ରେ ବିଜେଡି ର ଅଧକ୍ଷା ରାଧା ଭତ୍ରା ରହିଥିଲେ । ଆଜି ମିଳିତ ଭାବେ ବିଜେଡି ୧୨ ଜଣ, କଂଗ୍ରେସ ର ଜଣେ ଓ ବିଜେପି ଜଣେ ଏହିପରି ସମସ୍ତ ୧୪ ୱାର୍ଡ ସଭ୍ୟ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ଦେଇଛନ୍ତି । ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ ଆଇନ ଅନୁଯାୟୀ ଆଗାମୀ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ବୁଢ଼ାବଳଙ୍ଗ ନଦୀରେ ବିଲୀନ ହେବ ଦୁଇ ଗାଁ

### ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଲେ ଗ୍ରାମବାସୀ

**ବାରିପଦା,୨୬।୮ (ସଂଚାର ବ୍ୟୁରୋ):** ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମପଞ୍ଚାୟତର ଦୁଇଟି ଗ୍ରାମ ବୁଢ଼ାବଳଙ୍ଗ ନଦୀରେ ବିଲୀନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ବନ୍ୟା ଯୋଗୁଁ ଧୀରେ ଧୀରେ ଅତଡା ଖାଇ ଚାଲିଥିବା ବେଳେ ଚଣାବାଡିଆ ଓ ଅଖରଶିଳା ଗାଁ ପାଇଁ ବିପଦ ସାଜିଛି। ଯାହାକୁ ନେଇ ବାରମ୍ବାର ଅଭିଯୋଗ ଜଣାଇଲେ ସୁଦ୍ଧା ଜିଲ୍ଲା ପ୍ରଶାସନର ନିଘା ହେଉନି। ଉକ୍ତ ଗାଁରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ନଦୀ କୂଳରେ ଗାଁ ଥିବାରୁ ବନ୍ୟାକୁ ଭୟ ରହିଛି। ତେବେ ବାରମ୍ବାର ଦାବି ସତ୍ତ୍ୱେ ବୁଢ଼ାବଳଙ୍ଗ ନଦୀରେ ପଥର ପ୍ୟାଚିଂ କାମ ନହେବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ୨୦୧୩ ମସିହାର ଫାଇଲିନ ସମୟରୁ ନଦୀର ଗତିପଥ ବଦଳି ଅଖରଶିଳା ଓ ଚଣାବାଡିଆ ଗ୍ରାମ ଆଡକୁ ମୁହାଁଇଛି। ପ୍ରତିଥର କୂଳ ଖାଇ ଖାଇ ଏବେ ଗ୍ରାମକୁ ଦୂରତା ଆଉ ପ୍ରାୟ ୧୦୦ ମିଟର ରହିଛି। ୧୫ ଏକରରୁ ଉର୍ଦ୍ଧ୍ୱ ଚାଷଜମି ନଦୀଗର୍ଭରେ ଲୀନ ହୋଇସାରିଲାଣି। ଗ୍ରାମରୁ ନଦୀକୁ ଯିବାର ରାସ୍ତାଟି ମାଟି ଅତଡ଼ା ଧସି ନଷ୍ଟ ହୋଇଛି। ପୂର୍ବରୁ ଜିଲ୍ଲା ପ୍ରଶାସନକୁ ଜନଅଭିଯୋଗ ଶୁଣାଣିରେ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏହାକୁ ନେଇ ଗ୍ରାମବାସୀ ମାନେ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଗୁହାରି ଜଣାଇଛନ୍ତି। ଏହାସହିତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସାଂସଦ, ବାଙ୍ଗିରିପୋଷି ବିଧାୟିକାଙ୍କୁ ମଧ୍ୟ ନକଲ କପି ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଏହାର ଯାଞ୍ଚ୍ କରି ପଦକ୍ଷେପ

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ଚମ୍ପୁଆ, ୨୬।୮ (ସଂଚାର ବ୍ୟୁରୋ):** ଚମ୍ପୁଆ ବ୍ଲକ କରଞ୍ଜିଆ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ି ଗ୍ରାମରେ ପୋଖରୀରେ ବୁଡି ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ମୃତକ ରାଇଗୁଡ଼ି ଗ୍ରାମର କୈଳାସ ନାଏକଙ୍କ ସ୍ତ୍ରୀ ସାବିତ୍ରୀ ନାଏକ(୬୫)। ମିଳିଥିବା ସୂଚନା ଅନୁସାରେ ଗତକାଲି ସନ୍ଧ୍ୟାରେ ସାବିତ୍ରୀ କାମରୁ ଫେରି ଶୌଚ ହେବା ପାଇଁ ଘର ନିକଟସ୍ଥ ପୋଖରିକୁ ଯାଇଥିଲେ। ଦୀର୍ଘ ସମୟ ଧରି ସାବିତ୍ରୀ ଘରକୁ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରି ପୋଖରୀରୁ ସାବିତ୍ରୀଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଖବର ପାଇ ଚମ୍ପୁଆ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଧାନ ମଣ୍ଡିରୁ ୬ ସୋଲାର ପ୍ଲେଟ ଚୋରି

- ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସର ତଦନ୍ତ ଜାରି



**କଳାହାଣ୍ଡି,୨୬।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଡ଼ାଲଗୁମା ପଞ୍ଚାୟତ ଧାନ ମଣ୍ଡି ରୁ ୨୪ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ମଣ୍ଡି ରେ ଲାଗିଥିବା ୬ ଗୋଟି ସୋଲାର ପେନାଲ ଚୋରି କରି ନେଇଥିବା ନେଇ ଗତ ୨୫ ତାରିଖରେ ଦାଇତ୍ୱ ରେ ଥିବା ଆରଏମସି କର୍ମଚାରୀ କୋକସରା ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ମଙ୍ଗଳବାର କୋକସରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରିବା ସହ ସନ୍ଧାନୀ କୁକୁର ସାହାଯ୍ୟ ରେ ତଦନ୍ତ କରିଛନ୍ତି। ସନ୍ଧାନୀ କୁକୁର ର ମଣ୍ଡି ର ପରିସର ମଧ୍ୟରେ ଓ ରାସ୍ତାରେ ବୁଲାବୁଲି କରିଥିବା ବେଳେ ପୋଲିସ କୁ ଦୁର୍ବୃତ୍ତ ଙ୍କ ସନ୍ଧାନ ମିଳିନାହିଁ। ଏହି ମଣ୍ଡି ଟି ନିଛାଟିଆ ସ୍ଥାନ ରେ ରହିଥିବା ବେଳେ ରାତିରେ କୌଣସି ଜଗୁଆଳି ରହୁ ନଥିବା ଜଣାପଡିଛି।କୋକସରା ପୋଲିସ ର ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

## ୧୧କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

**ବଲାଙ୍ଗୀର, ୨୬।୮ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ତୁଷୁରା ଥାନା କୋଟଗାଁ ଚେକ୍ ଗେଟ୍ ନିକଟରେ ସନ୍ଦେହଜନକ ଅବସ୍ଥାରେ ଅଟକି ଥିବା ଏକ ଟ୍ରକ୍ (ସିଜି.୦୪ଏମ୍.ଜି ୪୨୯୦)କୁ ଅଟକାଇ ତୁଷୁରା ପୋଲିସ ଟ୍ରକରୁ ୧୧କ୍ୱିଣ୍ଟାଲ ୮କେଜି ୨୦୦ଗ୍ରମ ଗଞ୍ଜେଇ ଜବତ କରିବା ସହ ଗାଡିକୁ ଅଟକ ରଖିଛି। ବଡ କଥା ହେଲେ ଟ୍ରକରେ ଉପରେ ଚାଉଳ ବସ୍ତା ରଖି ଚୋରାଚାଲାଣକାରୀମାନେ ଭିତରେ ଜରି ପେକେଟରେ ବନ୍ଧା ଥିବା ଗଂଜେଇ ସବୁକୁ ଚାଲାଣ କରୁଥିଲେ। ପୋଲିସକୁ ଭ୍ରମରେ ପକାଇବକ୍ଷ ପାଇଁ ଅଭିଯୁକ୍ତ ମାନେ ଟ୍ରକରେ ଚାଉଳ ବସ୍ତା ଲୋଡ କରି ବିପୁଳ ପରିମାଣର ଏହି ଗଂଜେଇ ବସ୍ତାକୁ ଲୁକ୍କାୟିତ ଭାବେ ରଖି ଚୋରା ଚାଲାଣ କରିବାର ଯୋଜନା କରୁଥିଲେ। ଗଂଜେଇ ବସ୍ତା ସହ ପୋଲିସ ମାନେ ଟ୍ରକରୁ ୨୫କେଜିଆ ୨୦୦ଟି ଖୁଦ ପେକେଟ ମଧ୍ୟ ଜବତ କରିଛନ୍ତି। ତୁଷୁରା ଆଇଆଇସି ଏମ.କେ ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗଞ୍ଜେଇ ସହିତ ଏହି ଟ୍ରକ୍ କୁ ଧରିଥିବା ବେଳେ ପୋଲିସ ଟିମ୍ କୁ ଦେଖି ଟ୍ରକ୍ ଚାଳକ ଜଙ୍ଗଲ ଦେଇ ଫେରାର୍ ହୋଇଯାଇଥିଲା। ତେବେ ତୁଷୁରା ପୋଲିସ ଟ୍ରକ ଚାଳକ ଓ ଟ୍ରକ ମାଲିକଙ୍କ ନାମରେ ତୁଷୁରା ଥାନାରେ କେଶ ନଂ ୨୦୮, ଦଫା ୨୦(ବି), (ସି) ଓ ୨୯ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରିଛି।


## ବେସରକାରୀ ଅଧାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି, ଶିକ୍ଷାଦାନ ବାଧାପ୍ରାପ୍ତ

**ପାରାଦୀପ, ୨୬।୮ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଓଡିଶା ବେସରକାରୀ ଅଧାପକ ଓ କର୍ମଚାରୀ ମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବା ସମୟରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧମିକ ବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଦେଖିବାକୁ ମିଳିଛି। ଅଗଷ୍ଟ ୧୬ ତାରିଖରେ ଲୋୟର ପିଏମଜି ମହାତ୍ମାଗାନ୍ଧୀ ମାର୍ଗରେ ଧାରଣା ଦେଇଥିଲା ସଙ୍ଘ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାପାଇଁ ଦାବି ରଖିଥିଲା, ମୁଖ୍ୟମନ୍ତ୍ରୀ ସଙ୍ଘ ସହିତ ଆଲୋଚନା କଲେନାହିଁ। ସଂଘର ସଭାପତି ଶ୍ରୀ ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ଅଗଷ୍ଟ ୧୮ ତାରିଖ ଠାରୁ ସାରା ରାଜ୍ୟରେ




ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚ ମାଧମିକ ବିଦ୍ୟାଳୟରେ ନବମ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରିରହିଛି। ସଙ୍ଘର ଏକମାତ୍ର ଦାବି ୨୦୦୮ରୁ ୨୦୧୮ ମସିହା ମଧରେ ପରିଚାଳନା ସମିତି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧାପକ ଓ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପ୍ରଦାନ କରିବା ଦାବିରେ ଅଧାପକ ଓ କର୍ମଚାରୀମାନେ ଧାରଣାରେ ବସିବା ଦ୍ୱାରା ଶିକ୍ଷାଦାନ ବାଧାପ୍ରାପ୍ତ ହେବାକୁ ବସିଲାଣି।

## ବିପୁଳ ପରିମାଣରେ ବିଦେଶୀ ମଦ ଜବତ, ଜଣେ ଅଟକ



**ଭବାନୀପାଟଣା,୨୬।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଏସପିଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର କୋକସରା ଥାନା ଅନ୍ତର୍ଗତ ଲଡୁଗାଁ ଗ୍ରାମ ର କୁଞ୍ଜ ଦଣ୍ଡସେନା ଙ୍କ ଘରେ କୋକସରା ଥାନା ଅଧିକାରୀ ଜେ ଏନ ହୋତା ଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ବେଆଇନ ଭାବେ ବିପୁଳ ପରିମାଣରେ ଦେଶି ବିଦେଶୀ ମଦ ଜବତ କରାଯାଇଛି ଓ ବେଆଇନ ଭାବେ ବିଦେଶୀ ମଦ ବିକ୍ରି ଅଭିଯୋଗରେ କୁଞ୍ଜ ଦଣ୍ଡସେନା (୪୮) କୁ ଅଟକ ରଖାଯାଇଛି। ଏନେଇ କୋକସରା ଥାନା ଅଧିକାରୀ ଶ୍ରୀ ହୋତା ଙ୍କ ପ୍ରତିକ୍ରିୟା ନେବାରୁ ଏସ.ପି ସାର ଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ କରାଯାଇଛି ଓ ବେଇଆନ ଭାବେ ଦେଶୀ ବିଦେଶୀ ମଦ ଜବତ କରାଯାଇଛି ଓ କୁଞ୍ଜ ଦଣ୍ଡସେନା କୁ ମଦ ବିକ୍ରି ଅଭିଯୋଗରେ ଗିରଫ କରାଯାଇଛି ବୋଲି କହିଛନ୍ତି। ତେବେ ଆଗକୁ ନୂଆଁଖାଇ କୁ ଦୃଷ୍ଟିରେ ରଖି କୋକସରା ଓ ଆମପାଣି ଥାନା ଅଞ୍ଚଳ ର ବିଭିନ୍ନ ଗ୍ରାମାଞ୍ଚଳ ରେ ବ୍ୟାପକ ଭାବେ ଦେଶୀ ବିଦେଶୀ ମଦ ବିଭିନ୍ନ ମଦଭାଟି ଓ ମଦ ଦୋକାନ ରୁ ଚାଲାଣ ହେଉଛି। ଜିଲ୍ଲା ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ଏହାକୁ ଦୃଷ୍ଟିରେ ରଖି ପେଟ୍ରୋଲିଂ ସହ ବେଆଇନ ମଦ କାରବାର ରୋକିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ୩ ଦିନ ହେଲା ବୈତରଣୀ କରୁଛି କଲବଲ

# କମୁଛି ପାଣି, ବଢୁଛି ଲୋକଙ୍କ ଦୁର୍ଦ୍ଦଶା

**ଭଦ୍ରକ,୨୬।୮(ସଂଚାର ବ୍ୟୁରୋ):** ଗତ ୩ ଦିନ ହେବ ବୈତରଣୀ ନଦୀର ଉପର ମୁଣ୍ଡରେ ବନ୍ୟାପାଣି ବୃଦ୍ଧି ପାଇବା ପରେ ସୋମ୍ବାର ଠାରୁ କ୍ରମଶଃ କମିବାରେ ଲାଗିଛି। ହେଲେ ବୈତରଣୀ ତଳମୁଣ୍ଡରେ ବିପନ୍ନଙ୍କ ପାଇଁ ଦୁଃଖ ପାଲଟିଛି। ଆଜି ମଧ୍ୟ ଅପରିବର୍ତିତ ରହିଛି ବନ୍ୟା ପରିସ୍ଥିତି। ଫଳରେ ୩ଦିନ ହେବ ଚାନ୍ଦବାଲି ବ୍ଲକର ଉପୁଜିଥିବା ବନ୍ୟାରେ ବିପନ୍ନଙ୍କ ଅବସ୍ଥା ଦୁର୍ବିସହ ହୋଇ ପଡ଼ିଛି। ଗାଁ ଦାଣ୍ଡ ଓ ଘରେ ବନ୍ୟାପାଣି ପଶିଥବାରୁ ବିପନ୍ନମାନେ କୋଠାଘର ଛାତ ଓ ବୈତରଣୀ ସେତୁ ଓ ନଦୀବନ୍ଧ ଉପରେ ଆଶ୍ରୟ ନେଇଛନ୍ତି। ଚାନ୍ଦବାଲି ବ୍ଲକର ତଳିଆ ଅଞ୍ଚଳ ଆରଡି, ଓଳଗ, ନାନ୍ଦପୁର, ସୁନ୍ଦରପୁରରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିବା ଫଳରେ ବୋଡକ ନିକଟରେ ୩ଦିନ ହେବ ବୈତରଣୀ ନଦୀ କୂଳ ଲଂଘିବାରୁ ଆଖଣ୍ଡଳମଣି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥର ଦେଢକିମି ଯାଏଁ ୨/୩ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଛି। ୨ଟି ପର୍ଯ୍ୟଟନସ୍ଥଳୀ ଆଖଣ୍ଡଳମଣି ଓ ଯାଜପୁରର ବିରଜା କ୍ଷେତ୍ରକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ୧୪ଟି ଗାଁ ବନ୍ୟାଘେରରେ ରହିଛି। ଅନେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ରହିଥିବାରୁ ସ୍ଥାନୀୟ ନଦୀକୂଳିଆ ଲୋକ ପାଳିକରି ଜଗି ରହୁଛନ୍ତି। ଅନ୍ୟପଟେ ଆରଡି ପୀଠରୁ ତିହିଡି ଓ ଚାନ୍ଦବାଲି ରାସ୍ତାରେ ମୁଆଘୋଷରା ସତସଙ୍ଗ ଘୋଷରାରେ ୩ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ଅନ୍ୟପକ୍ଷରେ ଖରସ୍ରୋତାରେ ବନ୍ୟା ଜଳ ବଢ଼ିବାରେ ଲାଗିଛି। କୋରେଇ ଉତରରେ ବୈତରଣୀ ଓ ଦକ୍ଷିଣରେ ଖରସ୍ରୋତା ପ୍ରବାହିତ ହେଉଛି। ଗୋଟିଏ ପେଟେ ବୈତରଣୀ ତାଣ୍ଡବ ରଚିଥିବା ବେଳେ କୋରେଇ ରକ୍ଷା ପାଇଥିଲା। ଏବେ ଖରସ୍ରୋତା ବଢୁଛି। ଖରସ୍ରୋତା ଯଦି ଆଗକୁ ବଢେ କୋରେଇ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଧାମନଗରରେ ବନ୍ୟାର ତାଣ୍ଡବ କମିଥିଲେବି ଏବେ ଗାଁ ଭିତରୁ ବନ୍ୟା ଜଳ ଲହଡ଼ି ମାରୁଚି। ସୂଚନା ଥାଉକି ବୈତରଣୀରେ ଜଳସ୍ତର କମିଥିଲେବି ବିପନ୍ନଙ୍କ ଦୁର୍ଦ୍ଦଶା ଲାଗି ରହିଛି। ଭଟ୍ଟସାହି, ବୟାଙ୍ଗଡିହ, କୋଠାର, ପାଳସାହି, ରଇପୁର ପଞ୍ଚାୟତକୁ ଧିରେ ଧିରେ ବନ୍ୟା ପାଣି ମାଡ଼ିବାରେ ଲାଗିଛି। ଏହିସବୁ ପଞ୍ଚାୟତର ଚାଷ ଜମି ବୁଡ଼ି ଯାଇଛି। ଉପର ମୁଣ୍ଡରେ ପାଣି ଖସୁଥିବାବେଳେ ତଳ ମୁଣ୍ଡରେ ପାଣି ମାଡ଼ିବାରେ ଲାଗିଛି। ସେପଟେ ଲଘୁଚାପ ଜନିତ ବର୍ଷା ହେଉଥିବାରୁ ପୁଣି ପାଣି ଆସିବା ଆଶଙ୍କା ରହିଛି। ଏପରି ହେଲେ ପରିସ୍ଥିତି ସଂଗୀନ ହୋଇପଡ଼ିବ ବୋଲି ଆଶଙ୍କା କରାଯାଉଛି।



# ଜ୍ୟୋତ୍ସ୍ନା ବିଧୌତ ରଜନୀ


ଡଃ ନାରାୟଣ ଚନ୍ଦ୍ର ସେନାପତି

ତୁମ ହୃଦ ଫରୁଆରେ
ମୋତେ ସାଇତି ରଖିଛ ବୋଲି
ମୁଁ ଜାଣି ନ ଥିଲି
ଜାଣି ବି ନ ଥିଲି ତୁମେ ଲୁଚି ଲୁଚି
ମୋର ଯତ୍ନ ନେଉଛ ବୋଲି
ସେଇଦିନ ଆକାଶର ଚାନ୍ଦଟାକୁ ଛାତିରେ ଜାବୁଡ଼ି ଧରିଲି
ଯେବେ ତୁମେ ମୋ କାନରେ ଚୁପ୍ କରି କହିଦେଲ
ମୁଁ ତୁମକୁ ଭଲ ପାଏ ବୋଲି।

ଜହ୍ନଟାକୁ ଖୁବ୍ ଭଲ ପାଏ ବୋଲି
ତା ଜ୍ୟୋତ୍ସ୍ନା କୁ ଜାବୁଡି ଧରିବାକୁ ଇଚ୍ଛା ହୁଏ
ତା ଶୀତଳ ଛୁଆଁ ରେ କି କୁହୁକ ଅଛି କେଜାଣି
ତା ଆଖିର ପଲକରେ ମୁଁ ଶିହରି ଯାଏ
ସେ ଚାନ୍ଦିନୀ ରାତି ଭାରି ନିଜର ନିଜର ଲାଗେ
ସେ ପୁନେଇଁ ଜହ୍ନର ଜ୍ୟୋତ୍ସ୍ନା କୁ
ଆଖି ବୁଜି ପିଇ ଯିବାକୁ ଇଚ୍ଛା ହୁଏ।

ସ୍ୱପ୍ନଟା ଅବାସ୍ତବ ବୋଲି ସିନା
ଜହ୍ନକୁ ଧରିବାକୁ କେହି କରନ୍ତିନି ଇଚ୍ଛା
ଯେ ପାଇଛି ସେ ଚାନ୍ଦିନୀ ରାତିର ମଜା
ତା ଜୋଛନାକୁ କ'ଣ କରି ପାରିବକି ପିଛା ?
ନ ଥିବ କଳରବ କାହାର
ଧକ୍ ଧକ୍ କରୁଥିବ ଛାତି ନିଶାର୍ଦ୍ଧର
ମୁରୁକି ମୁରୁକି ହସୁଥିବ ଜହ୍ନ, ଓଠରେ ଧରି ମୃଦୁ ଜ୍ୟୋତ୍ସ୍ନା
ଲାଜରେ କହୁଥିବି....ଲୋ ଜ୍ୟୋତ୍ସ୍ନା ବିଧୌତ ରଜନୀ
ପାରିବୁକି ପୂର୍ଣ୍ଣ କରି ମୋ ମନୋବାଞ୍ଛା ?

ଜମ୍ବରା,କେନ୍ଦୁଝର



# ମାତୃଭକ୍ତ ବିନାୟକ

ସ୍ୱାଗତିକା ସାହୁ

ପ୍ରାତଃ ଦୀପଳି ଜାଳେ
ରୋଷଣୀର ପ୍ରଥମ ବହ୍ନି ଢାଳେ
ପ୍ରଥମ ପୂଜାର ଅର୍ଘ୍ୟ ଘେନ ହେ ବିଘ୍ନରାଜ
ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥିରେ
ମାତା ପାର୍ବତୀଙ୍କ ଅଙ୍ଗ ମଳୁଖେ
ଜନ୍ମିତ ଆଜ୍ଞାକାରୀ ପୁତ୍ର....
ଅଗ୍ରପୂଜା ସଦା ଏ ମହିମଣ୍ଡଳେ
ଶ୍ରାଦ୍ଧା ବିଶ୍ୱସେ ହୁଅ ଉତ୍ପନ୍ନ...!
ଆଯୋନି ସମ୍ଭୂତ ଆହେ ଗଣନାଥ
ତୁମେ ପ୍ରଭୁ ଲମ୍ବୋଦର...!

ପାଶ ଓ ଅଙ୍କୁଶ ହସ୍ତେ ପାଏ ଶୋଭା
ସ୍କନ୍ଧେ ନାଗ ଉପନୀତ...
କୃଦନ୍ତ କୁ ସଜାଇ ମୂଷିକ
ବୁଲାଇଲ ହେ ବ୍ରହ୍ମାଣ୍ଡର ଈଶ....!
ସ୍ମରଣ ମାତ୍ରକେ ଦୂରିତ କର ନାଶ
କରୁଣାର ନିର୍ଯ୍ୟାସ ଭାରି ରଖିଛ କେଉଁଠି ???
ନିର୍ମଳ ମନ ଆଜ୍ଞା କାରୀ ତନୁ.....
କୋଟି ସୂର୍ଯ୍ୟ ସମ କାନ୍ତି ତୁମ
ଶୀତଳ ଶାନ୍ତ ମରୁଦ୍ୟନଟିଏ....!
ଜଡ ଚେତନାରେ ଭକ୍ତି ବାଣ୍ଟି ଦେଲେ,
ସେ ବୁଝନ୍ତି ତା ଭାବ...!!!
ଏକ ଜାଗ୍ରତ ପ୍ରହରୀ ସାଜ ମାତାଙ୍କ
କର୍ତ୍ତବ୍ୟର ଏକନିଷ୍ଠା ପଣେ
ଜଗିଥିଲ ଫାଟକ ବାହାରେ....
ତପସ୍ୟା ସାରିଣ ଫେରିଲେ ହଳଧର
ଆକଟେ ପ୍ରାରମ୍ଭ ଯୁଦ୍ଧ ପିତା ପୁତ୍ରଙ୍କ
ନିଶ୍ଚିହ୍ନ ପିତା କାଟିଲେ ପୁତ୍ର ଶିର...!

ଶିଶୁ ଶିର ଲଗାଇ ସତ୍ୱର
ଦେଲେ ଶିବ ଜୀବଦାନ ଯେ...
ଅକାରଣ ନୁହେଁ ବଳୀଦାନ
ମାତୃ ଭକ୍ତିର ବଳିଷ୍ଠ ଉଦାହରଣ...!
ନୀଳ ନୟନ ହେ ବ୍ରକତୁଣ୍ଡ,
ତୁମ ରୂପ ଝଲକେ ଢାଳେ...
କୋଟି ସୂର୍ଯ୍ୟର ଆୟୁତ...!
ଉଷାର ସ୍ୱର୍ଣ୍ଣଭାଲୋକେ
ଦୂର ଅନନ୍ତର ଶେଷେ...
ଖୋଜେ ମୁଁ ତୁମ ଅସ୍ତିତ୍ୱ ।

ସମଗ୍ର ବ୍ରହ୍ମାଣ୍ଡ ଭ୍ରମିଛ ହେ
ନେଇ ମୂଷିକ ବହନ
ଜ୍ଞାନର ଭଣ୍ଡାର ହେ ପାର୍ବତୀ ସୁତ
ଏ ବିଶ୍ୱ ଉପରେ ରଖୁଥିବା ସଦା
ଆଶ୍ରୀର୍ବାଦ ଭରା ହାତ...!

ହୃଦୟ କୋଣ ଅନୁକୋଣେ ପୁରିଛି
ବୁଦ୍ଧି, ସିଦ୍ଧି, ଧୌର୍ଯ୍ୟର ମନ୍ତ୍ର
ଆହେ ବିଦ୍ୟାଦାତା ଶିବଙ୍କ ନନ୍ଦନ
କାର୍ଯ୍ୟରମ୍ଭ ହୁଏ ତୁମ ନାମ ସ୍ମରି
ବିଘ୍ନ ନାଶ କର ହୋଇ ଲମ୍ବୋଦର
ଦୁଃସାଧ ରୋଗରୁ କର ମୁକ୍ତି
ଅଜ୍ଞାନ ଅବଗୁଣକୁ ଅଣଦେଖା କର
ଅନ୍ତରୁ ପ୍ରଣତି ଢାଳେ ହେ....
ଆବେଗର ମଧୁର ସ୍ୱରେ...!!!

ଉମରକୋଟ, ନବରଙ୍ଗପୁର, ଶିକ୍ଷୟିତ୍ରୀ



# ଗଣେଷ ବନ୍ଦନ

ଜୟଶ୍ରୀ ପଟ୍ଟନାୟକ

ଆଦିଦେବ ସର୍ବ ଜନ ଗଣ ଙ୍କର ଏକଦନ୍ତ ଗଜାନନ
ଦେବ ଶ୍ରେଷ୍ଠ ପରଂ ବ୍ରହ୍ମରୂପୀ ତୁମେ ବିଘ୍ନ ବିନାଶନ।

ସିଦ୍ଧି ଦାତା ତୁମେ ହେ ବିଦ୍ୟାଦାତା ତୁମେ ହେ ଅଗ୍ରଦେବ
ପଞ୍ଚ ମହାଭୂତ ର ଅଧିଷ୍ଠାତା ବିପଦ ହରଣ ଦେବ
ବିଜେ ହୁଅ ଭାଦ୍ର ଚତୁର୍ଥୀରେ ହେ ଦେବ ତ୍ରିଆନନ।
ତୁମେ ଲମ୍ବୋଦର, ଭାଲଚନ୍ଦ୍ର, ସୁମୁଖ, ବିନାୟକ, ଗଣେଇଶ
ଆର୍ଯ୍ୟ ଅନାର୍ଯ୍ୟ ଦେବ ଦାନବର ବିଘ୍ନ ହାରୀ ବିଘ୍ନେଶ
ଶିବ ପାର୍ବତୀ ଙ୍କ ମାନସ ସନ୍ତାନ ତୁମେ ଗିରିଜା ନନ୍ଦନ।

ବିବାହ ଯଜ୍ଞ ବ୍ରତୋପନୟନେ ପୁଣି ଗୃହ ପ୍ରତିଷ୍ଠାରେ
ପାଶ, ଅଙ୍କୁଶ, ମୋଦକ ପଦ୍ମ ତୁମରି ଚଉବାହାରେ
କାମନା ବିନାଶ ପାଇଁ ମୂଷିକକୁ କରିଅଛ ବାହାନ।
ଗଣ ପର୍ବ ଅଟେ ଗଣେଷ ପୂଜା ମାଙ୍ଗଳିକ କର୍ମର
ଶୈବ, ଶାକ୍ତ ବୈଷ୍ଣବ ପୁଣି ଅଟ ଗାଣପତ୍ୟର
ଏଗାର ଦିନ ତୋରଣ, ବାନାରେ ପୂଜାତୁମ ସାର୍ବଜନୀନ।

ଗଙ୍ଗନଗର, ଭୁବନେଶ୍ୱର



# ବିଘ୍ନ ବିନାଶକ ଶ୍ରୀଗଣେଶ

ଡଃ ତାନଶ୍ରୀ ପାଣିଗ୍ରାହୀ


ଚନ୍ଦନ ଚର୍ଚ୍ଚିତ ସିନ୍ଦୁର ଶୋଭିତ
ଅଗ୍ରପୂଜ୍ୟ ଶ୍ରୀଗଣେଶ
ଶିବଙ୍କ ନନ୍ଦନ ମୂଷିକ ବାହନ
ଦିଅ ତୁମ ଶୁଭାଶିଷ...
ଅଗ୍ର ପୂଜ୍ୟ ଶ୍ରୀଗଣେଶ...

ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀରେ
ତୁମ ଶୁଭ ଆଗମନ
ତୁମେ ସିଦ୍ଧିଦାତା ତୁମେ ବୁଦ୍ଧିଦାତା
ହେ ପ୍ରଭୁ ଗୌରୀ ନନ୍ଦନ
ଭକ୍ତି ଅର୍ଘ୍ୟ ଘେନ କରୁ ଆବାହନ
ତୁମେ ସର୍ବ ବିଘ୍ନ ନାଶ
ଅଗ୍ରପୂଜ୍ୟ ଶ୍ରୀଗଣେଶ...

ମହାଭାରତକୁ ଲେଖିଥିଲ ପ୍ରଭୁ
ବ୍ୟାସଦେବଙ୍କଠୁ ଶୁଣି
ପିତା ମାତାଙ୍କର ଚାରିପଟେ ବୁଲି
କାର୍ତ୍ତିକଙ୍କୁ ଗଲ ଜିଣି
ବୁଦ୍ଧିର ସାଗରେ ତୁମେ ବିରାଜିତ
ଜାଣିଛି ଏ ସାରା ବିଶ୍ୱ...
ଆହେ ପ୍ରଭୁ ଶ୍ରୀଗଣେଶ..

ତୁମ କୃପା ବଳେ ମୂର୍ଖ ଯେ ପଣ୍ଡିତ
ହୋଇପାରେ ଏ ମହୀରେ
ସତ୍ୟ ଧର୍ମ ପଥେ ନେଇ ଯାଅ ତୁମେ
ଜ୍ଞାନର ଆଲୋକ ଧାରେ
ତୁମେ ବିଦ୍ୟାଦାତା ହେ ଭାଗ୍ୟ ବିଧାତା
କାହାକୁ କରନା ନିଃସ୍ୱ...
ଅଗ୍ରପୂଜ୍ୟ ଶ୍ରୀ ଗଣେଶ ॥

*ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ବାଲିଆ,ବାଲେଶ୍ୱର
ମୋ -୯୩୩୭୩୦୪୨୯୫



# ଝରା ଶେଫାଳିର ମହକ

ଡଃ. ଶୁଭେନ୍ଦୁ ମେହେର

କଢ଼ି ଧରିଲା, ପ୍ରସ୍ଫୁଟିତ ହେଲା
ଭୂରୁ ଭୂରୁ ବାସ୍ନାରେ ବାସ୍ନାୟିତ ହେଲା
ଅବର୍ଣ୍ଣନୀୟ ଲାଳିମାର ଆଭା
ତା' ଭିତରୁ ବିଛୁରିତ ହେଲା ।

କୋମଳମତି ସେ' ନବଯୌବନା
ପାହାଡ଼ି କନ୍ୟା ସେ' ଛୁଟାଇ ବନ୍ୟା
ଓଙ୍ଗରି ଝରଣାର ସଙ୍ଗୀତ ମୂର୍ଚ୍ଛନା ।

ଅଫୁଟା ଫୁଟିଲା ବାସ ଚହଟିଲା
ଯୌବନ ସୀମାର ଶିଖର ଛୁଇଁଲା
ସୁନ୍ଦରତା ପଣେ ସଭିଙ୍କୁ ମୋହିଲା !!

ଜଗତର ତାରାଟିଏ
ଅନୁଭବର ଦୃଷ୍ଟାନ୍ତ ସିଏ,
ପଥରର ଅନୁକମ୍ପନ
ପ୍ରତିଭାର ଉଦ୍ଗିରଣ
ଯୌବନର କାମିନୀ କାଞ୍ଚନ !

ଆଧୁନିକତାର
ସମତାଳରେ ସେ'
ସାମିଲ ହେବ ବା' କେମିତି ?

ପାଶ୍ଚାତ୍ୟ ସଭ୍ୟତାର ସ୍ୱାଦ
ଚାଖିପାରିନି ସିନା,
ସଂସ୍କୃତି ଓ ସଭ୍ୟତାର
ସୁଦୀର୍ଘ ପାଚେରୀ ଭିତରେ
ନିଜକୁ ସେ' ଆବଦ୍ଧ ରଖିଛି !
ସୂର୍ଯ୍ୟାସ୍ତକୁ ପାଟ କରି
ଦେହରେ ପିନ୍ଧିଛି,
କେଶରେ ଯତନ କରି
ତାରାଙ୍କୁ ଖୋସିଛି !!



ପ୍ରତିଭାର ତାଜମହଲରେ
ନିନାଦିତ ପ୍ରତିଟି ପାଖୁଡ଼ାରୁ
କେମିତି ଛୁଟୁଛି ତା' ଜୀବନଗ୍ରନ୍ଥର
ଅପୂର୍ବ ଝଟକ ।
ଅସଭ୍ୟତାର ସେ' ଅନ୍ଧ ପୁଟୁଳି ଭିତରୁ
ବାହାରି ଆସ ଦେଖିବ,
ତା' କରୁଣ କାହାଣୀର ଝଲକ ।
ଅନୁଭବ କର ଥରେ
ଜାଣିପାରିବ
ସେ' ଝରା ଶେଫାଳିର ମହକ ।।।

ଯାଲୋଏ, ସୁବର୍ଣ୍ଣପୁର



# ଈଶ୍ୱରଙ୍କ ଠିକଣା

ଶୋଭାମୟୀ ପତ୍ରୀ

ନାହିଁ ଆଦି ଅନ୍ତ ସେ ଅନାଦି ଅନନ୍ତ
ସୃଷ୍ଟିରେ ସର୍ବତ୍ର ବାସ,
ବୃଥା ଖୋଜୁ ଅଛୁ ଏଣେତେଣେ ମନ
ଭାବ ଭକତିରେ ବଶ ॥
ଜଡ଼ ଠାରୁ ଜୀବ ସଭିଙ୍କ ଠିଁ ସେଯେ
ସର୍ବ ଘଟେ ବିଦ୍ୟମାନ,
ତାଙ୍କର ଠିକଣା ଆପେ ମିଳିଯାଏ
ପୁତ ଥିଲେ ହୃଦମନ ॥
ଦୟା,କ୍ଷମା, ସେବା,ଦାନ, ସମର୍ପଣେ
ପବିତ୍ରତା ସୃଷ୍ଟି ହୁଏ,
ଈଶ୍ୱର ପ୍ରାପତ ହୁଅନ୍ତି ତାହାକୁ
ସତ୍ କର୍ମର ଯୋଗିଯିଏ ॥
ଭୋଗ ବିଳାସରୁ ଦୂରରେ ରହି ଯେ
ଦୀନର ହୃଦକୁ ଚିହ୍ନେ,
ଈଶ୍ୱରଙ୍କ ପ୍ରିୟ ସେ ଭଳି ମାନବ
ଅନ୍ତେ ସ୍ୱର୍ଗଧାମ ଜିଣେ ॥
ମନେ ଦମ୍ଭ ଗର୍ବ ବହି ଦେଖାଣିଆ
ପୂଜା ଉପବାସ କଲେ,
ଈଶ୍ୱର କି ସତେ ମିଳିବେ ତୋତେରେ
ଆଶା ବାନ୍ଧିଅଛୁ ଭଲେ ॥
ସାଲବେଗ ଭକ୍ତି ଦାସିଆର ଭାବ
ସୁଦାମା ବିଶ୍ୱାସ ପ୍ରେମ,
ଶ୍ରୀହରି ଦର୍ଶନ କରାଇଲା ଭବେ
ପ୍ରହ୍ଲାଦ ଭକ୍ତି କାମ ॥
ମରା ମରା କହି ଐଶ୍ୱରୀୟ ସତ୍ତା
ପ୍ରାପ୍ତ ହେଲା ରତ୍ନକର,
ପୁତ୍ର ନାମ ଧରି ଅନ୍ତେ ଅଜାମିଳ
ଲଭିଲା ବୈକୁଣ୍ଠ ପୁର ॥
ଶରୀର ସାଜରେ କି ମୂଲ୍ୟ ଥାଏରେ
ମନରେ ଶୁଦ୍ଧତା ରଖ,
ସ୍ୱୟଂ ଜଗଦିଶ ହୋଇଯିବେ ତୋଶ
ଠିକଣା କିଆଁ ନିରେଖ ॥
ଚମତ୍କାର କେବେ ହୁଏନି ଜଗତେ
ପୂର୍ବ ନିର୍ଦ୍ଧାରିତ ସବୁ,
ଭାବ ଭକ୍ତି ବଳେ ପୂଜିଲେ ଦିଅଁଙ୍କୁ
ଠିକଣା ଦିଅନ୍ତି ବିଭୁ ॥

କେନ୍ଦ୍ରାପଡ଼ା



# ବୁଢା ବରଗଛ

ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ

ଆମ ଗାଆଁ ଶେଷମୁଣ୍ଡରେ ଗୋଟିଏ
ବୁଢ଼ା ବରଗଛ ରହିଛି,
ବାପା କହୁଥିଲେ ଜୀବନେ ଅନେକ
ଦୁଃଖ ଯନ୍ତ୍ରଣା ସେ ସହିଛି।
ଯେତେ ଝଡ଼ ବାଆ ବତାସ ଆସିଛି
କେବେ ହେଲେ ଟଳି ପଡ଼ିନି,
ସାଥିରେ ରହିଛି ଭାଇ ବନ୍ଧୁ ପରି
ପାଖୁ ତାର କା'କୁ ତଡ଼ିନି।
ପିଲାଦିନେ ମୁହିଁ ତାହାରି ମୂଳରେ
ଖେଳ କୁଦ କରି ବୁଲିଛି,
ସାଙ୍ଗଙ୍କ ମେଳରେ ହରଷ ମନରେ
ଓହଳକୁ ଧରି ଝୁଲିଛି।
ପକ୍ଷୀ ମାନଙ୍କର ସୁନ୍ଦର କାକଳି
ଶୁଣିବାକୁ ଭଲ ଲାଗଇ,
ଟିକି ପକ୍ଷୀଟିଏ ହୁଅନ୍ତି କି ମୁହିଁ
ଏଇ ଆଶା ମନେ ଜାଗଇ।
ବଇଶାଖ ମାସ ଟାଣୁଆ ଖରାରେ
ଛାଇରେ ବାଟୋଇ ବସନ୍ତି,
ଗୁଳିଗପ କରି ଆପଣା ଭିତରେ
ମଜା ମଉଜରେ ହସନ୍ତି।
ନଖିଆଇ ଅଖା ଝାଡ଼ୁଟିଏ ଧରି
ପତର ତୋଳିକି ନିଅଇ,
ଶୁଖିଲା ଡାଳକୁ ଭାଙ୍ଗି ଦେଲେ ତାକୁ
ଖାଇବାକୁ କୋଳି ଦିଅଇ।
ଗାଈ ଗୋରୁ ଛେଳି ଚରି ବୁଲି ଆସି
ସେଇଠାରେ ଶୋଇ ପଡ଼ନ୍ତି,
ଦଳ ଦଳ ହୋଇ ମାଙ୍କଡ଼ ଯେତେକ
ଗଛରେ ଆସିକି ଚଢ଼ନ୍ତି।
ସେଇସବୁ କଥା ଭୁଲି ପାରୁନାହିଁ
ପଡୁଛି ଆଜିବି ମନରେ,
ବୁଢ଼ା ହୋଇଲାଣି ସେଇ ବରଗଛ
ଯତନ ନେବୁ ତା' ଧନରେ।
ନିଇତି ନୋଟାରେ ପାଣି ନୋଟେ ନେଇ
ମୂଳରେ ତାହାର ଢାଳିବୁ,
ଉପକାର ତୋର କରିବ ଅନେକ
ଏତିକି କଥା ମୋ ପାଳିବୁ।

ନୀଳକଣ୍ଠପୁର, ମଙ୍ଗଳପୁର,ଯାଜପୁର
ମୋବାଇଲ: ୭୯୦୪୩୯୨୬୮୬



# ସ୍ମୃତିର ପରଶ

ଡ. ଚନ୍ଦ୍ରକଳା ନାୟକ

ତୁମ ଅପେକ୍ଷାରେ ସ୍ମୃତି ଗୁଡା
ବୁଡିଆଣୀ ଜାଲ ଭିତରେ ଛନ୍ଦି
ହୋଇଛନ୍ତି
ସେ ସୂତାରୁ ଥୋକାଏ ଥୋକାଏ
ମନ ଗହ୍ୱରରେ ଉଙ୍କି ମାରୁଛନ୍ତି ।
ମନରେ ସରାଗ ତ ନାହିଁ
ଅବଶ ଦେହଟା ଶିଥିଳ ପଡିଛି
କୋରି ହେଉଛି ବିବେକ
ହୃଦୟର ଅବ୍ୟକ୍ତ ଯନ୍ତ୍ରଣାରେ
ତରଳି ଯାଉଛି ରକ୍ତ
ଅଟକି ପାରୁନି ଶ୍ରୋତର ଗତି
ମୁଁ ତ ତୁଠ ପଥରଟିଏ
ଏ ତୁଠ ମୋ ମୋର
ପୋଖରୀର ପାଣି ବି ମୋର
ପଥରର କିବା ହକ ଅଛି କୁହ ?
ସନ୍ଧ୍ୟାରେ ଛୁଇଁଥିଲା ଜହ୍ନର
ପରଶ
କେଜାଣି କାହିଁକି ଆଜି ଆନମନା
ରାତ୍ରିର ଶୋଣିତ ମୁହୂର୍ତ୍ତରେ
ପାଖେଇ ବସିଥିଲା ମୋ କଡରେ
ଚିକିମିକ କରୁଥିବା ନକ୍ଷତ୍ରଙ୍କ
ଗତିରେ
ଆଉ ବାରୁଣାବନ୍ତ ପର୍ବତର
କୋଳରେ ।
ନିଶବ୍ଦ ପ୍ରହରରେ ପେଚାର
ନିର୍ଦ୍ଦୟ କୁହୁ
ନିଜ ଅନ୍ଧାରୀ ମୁଲକରେ
ମା କୋଳର ନରମ ଆସରରେ
ବାଇ ଚଢେଇର ଝୁଲଣାରେ
ରାତିଟା ହାଲିଆ ହୋଇ ପୁଣି
ହାଇ ମାରି ଫେରିଆସେ
ଆଉ ଏକ ନୂଆ ସକାଳକୁ ।
ସକାଳର ସୁନେଲି ପରଶ
ମୁଁ ବସି ବାଳ ବାନ୍ଧେ
କଳାଧଳା ସବୁ ଅଲଗା କରେ
ଛୁଇଁ ପାରେନା ତାକୁ ସୁରୁଜର
ମୁରୁକି ହସ
ଓଟାରି ହୋଇ ଯାଏ ଦୁଃସ୍ଥ ମନ
ବିବେକର ତନ୍ତ୍ରୀ ଗୁଡା ଫୁଲି
ଉଠେ
ମୁଁ କିନ୍ତୁ ମୋ ଠାରେ ଲୀନ ହୋଇ
ଖୋଜେ ସେଇ ସ୍ମୃତିର ପରଶ ।

ଅଧ୍ୟାପିକା, ମହାପୁରୁଷ
ହାଡିଦାସ ମହାବିଦ୍ୟାଳୟ,
ଛତିଅର, ଯାଜପୁର, ମୋ-
୯୪୩୭୯୫୭୬୧୭



# ମାତୃଭକ୍ତ ଗଜାନନ

ଡ଼ଃ ଅନୁପମା ବିଶ୍ୱାଳ

ଆହେ ଗଜାନନ ପାର୍ବତୀ ନନ୍ଦନ
ପ୍ରଭୁ ବିଘ୍ନ ବିନାଶନ
ଅଜ୍ଞାନ ହରଣ ମଙ୍ଗଳ ବିଧାନ
ପ୍ରଦାୟକ ବୁଦ୍ଧି ଜ୍ଞାନ।

ପାର୍ବତୀ ଦେବୀଙ୍କ ମଳୁଖରୁ ଜନ୍ମ
ହୋଇଲ ହେ ଗଣପତି
ଅଯୋନି ସଂଭୂତ ଆହେ ଗଣନାଥ
ଦେଖାଇଛ ମାତୃଭକ୍ତି।

ପାଇ ମାତାଦେଶ ଅଶେଷ ସାହସ
ହୃଦୟେ କରି ଧାରଣ
ଜଗୁଆଳୀ ହୋଇ ଦ୍ୱାରଦେଶେ ଥାଇ
ପିତାଙ୍କୁ କଲ ବାରଣ।

ଅଜାଣତେ ହର ଛେଦ କଲେ ଶିର
ଜାଣି ପରେ ମନସ୍ତାପ
ଗଜର ମସ୍ତକେ ନୂଆ ପରିଚୟ
ପାଇଲ ହେ ଗଣାଧିପ।

ହେ ବିଘ୍ନ ନାଶନ ଗଉରୀ ନନ୍ଦନ
ତୁମେ ଜ୍ଞାନର ମୂରତି
ଦେଇ ମନ ପ୍ରାଣ ଡାକଇ ଭକତ
ନମେ ପଦେ ଦେଇ ମତି।

ସମ୍ବଲପୁର
୭୯୭୮୫୬୮୩୨୨



# ଯୁଗ୍ମ ଜନଶୁଣାଣି ଶିବିର



**ନବରଙ୍ଗପୁର,୨୬।୮ (ସଂଚାର ବ୍ୟୁରୋ):** ଆଜି ଡ଼ାବୁ ଗାଁ ପଞ୍ଚାୟତ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବିଶ୍ୱଜିତ ବର୍ମନ୍ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ ଶରତ କୁମାର ମାଝୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୧୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୬ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।

# ନୂତନ ଏସପି ଅମ୍ରିତପାଲ କୌରଙ୍କୁ ସ୍ୱାଗତ

**ସୁନ୍ଦରଗଡ଼,୨୬।୮(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ରେ ନୂଆ ଏସପି ଭାବେ ଆଇପିଏସ ଅଧିକାରୀ ଅମ୍ରିତପାଲ କୌର କାର୍ଯ୍ୟଭାର ଗ୍ରହଣ କରିଥିବା ରୁ ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠନେତା ତଥା ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ତାଙ୍କ କାର୍ଯ୍ୟାଳୟରେ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣେଇ ଥିଲେ । ଏହି ଅବସରରେ ପ୍ରତିନିଧି ମଣ୍ଡଳୀ ନୂତନ ଏସପିଙ୍କ ସହିତ ଜିଲ୍ଲାରେ ଶାନ୍ତି ଶୃଙ୍ଖଳା ରକ୍ଷା ବିଷୟରେ ଆଲୋଚନା କରିଥିଲେ । ପ୍ରତିଉତ୍ତରରେ ଏସପି ଅମ୍ରିତପାଲ କୌର ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ । ଏହି ଆଲୋଚନା ସମୟରେ ପ୍ରତିନିଧି ମଣ୍ଡଳୀରେ ବିଜେଡିର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କାଉନସିଲର କୈଳାସ ତନ୍ତି ଏବଂ ଯୁବ ବିଜେଡି ନେତା ପଙ୍କଜ ଶ୍ରେଷ୍ଠ ଉପସ୍ଥିତ ଥିଲେ ।

## କେବେ ସୁଧୁରିବ ବିଲାବାଡି ପଞ୍ଚାୟତ ରାସ୍ତା ସମସ୍ୟା

# କାଦୁଅ ପଚପଚ ଗାଁକୁ ଯାଇପାରୁନି ଗାଡ଼ି

**ଫୁଲବାଣୀ,୨୬।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଅନେକ ଗ୍ରାମକୁ ଆଜି ପର୍ଯ୍ୟନ୍ତ ସବୁ ଦିନିଆ ରସ୍ତା ନାହିଁ। ଫଳରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଜରୁରୀ ସମୟରେ ଗାଁରେ ପହଞ୍ଚି ପାରୁନି ଆମ୍ବୁଲାନ୍ସ।

ତେଣୁ ଅସୁସ୍ଥ ବ୍ୟକ୍ତିଙ୍କୁ ଭାରରେ ବୋହି ଆଣିବାକୁ ପଡୁଛି। ଏଭଳି ଏକ ଦୃଶ୍ୟ ଅଜି ଦେଖିବାକୁ ମିଳିଛି ଖଜୁରୀପଡ଼ା ବ୍ଲକର ଅପହଞ୍ଚ ଅଞ୍ଚଳ ବିଲାବାଡ଼ି ପଞ୍ଚାୟତରେ।

ଏହି ପଞ୍ଚାୟତଙ୍କୁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତା ଖଣ୍ଡେ ନାହିଁ। ଗାଁ ଗୁଡିକୁ ଆମ୍ବୁଲାନ୍ସ ପହଞ୍ଚି ପାରୁ ନାହିଁ। ରୋଗୀକୁ ଖଟିଆରେ ଭାର କରି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବାକୁ ପଡୁଛି। ତାପରେ ରୋଗୀଙ୍କୁ ୫୦ କିଲୋମିଟର ଦୂର ଫୁଲବାଣୀ ଡାକ୍ତରଖନା ନିଆଯାଉଛି। ବିଲାବାଡି ଗ୍ରାମର ଜିତ୍ର ମଲ୍ଲିକଙ୍କ ପୁଅକୁ ଜ୍ୱର ହେବାରୁ ତାଙ୍କୁ ଫୁଲବାଣୀ ଡାକ୍ତରଖାନା ନେବା ପାଇଁ ଆମ୍ବୁଲନ୍ସ ଡାକିଥିଲେ ପରିବାର ଲୋକ।

ତେବେ ଘାଟି ପାହାଡ଼ ରାସ୍ତା ସହ ଲଗାଣ ବର୍ଷା ଯୋଗୁଁ କାଦୁଅରେ ଫସି ଯାଇଥୁରା ଅମ୍ବୁଲାନ୍ତି। ଆଉ ଆଗକୁ ଗଡ଼ିଲାନି। ଏକ ଗୁପ୍ତରକୁ ବଜା ଯାଇଥିଲା। ଟ୍ରକ୍ଟର ଆସି ଅମ୍ବୁଲାନ୍ସ ଟାଣି କାଦୁଅରୁ ବାହାର କରିଥିଲା। ପରେ ୩ ବର୍ଷୀୟ ଅସୁସ୍ଥ ପୁଅକୁ କନ୍ଧରେ ବୋହି ବାପା ୩ କିଲୋ ମିଟର ଦୂର ଆମ୍ବୁଲାନ୍ସ ପାଖକୁ ଆଣିଥିଲେ। ସେଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ରାସ୍ତା ନିର୍ମାଣ ପାଇଁ ପ୍ରଶାସନକୁ ଅନେକ ଥର ଗୁହାରି କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳି ନଥୁବା କହିଛନ୍ତି ସରପଞ୍ଚ ରବୀନ୍ଦ୍ର ଭୂକ୍ତା।



# ନଦୀରୁ ମିଳିଲା ନିଖୋଜ ମହିଳାଙ୍କ ମୃତ ଦେହ



**ପାରାଦୀପ (ସଂଚାର ବ୍ୟୁରୋ)** ପାରାଦୀପ ଉପକଣ୍ଠ ଝିମାଣି (ରୟତ ସାହି) ଗ୍ରାମ ର ମହିଳା ଙ୍କ ମୃତ ଦେହ ହଳଦୀ ପାଣି ନଦୀ ରୁ ଉଦ୍ଧାର କରିଛି ପାରାଦୀପ ଲକ ଥାନା ପୋଲିସ। ମହିଳା ଜଣକ ହେଲେ ଗୀତାଞ୍ଜଳି ଦାସ(୩୫), ସେ ଦୁଇ ଦିନ ହେବ ନିଖୋଜ ଥିଲେ। ଏ ନେଇ ପରିବାର ଲୋକ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ, ମାତ୍ର ସନ୍ଧ୍ୟାରେ ସ୍ଥାନୀୟ ହଳଦୀ ପାଣି ନଦୀରେ ଏକ ମହିଳାଙ୍କ ମୃତଦେହ ଭାସୁଥିବା ଲୋକ ମାନେ ଦେଖିବାକୁ ପାଇଥିଲେ। ଏବଂ ଲକ ଥାନା ପୋଲିସ କୁ ଜଣେଇଥିଲେ।

ପୁଲିସ ଖବର ପାଇ ନଦୀ ନିକଟରେ ପହଂଚି ମୃତ ଦେହ କୁ ଉଦ୍ଧାର କରିଥିଲେ, ନିଖୋଜ ମହିଳା ଙ୍କ ପରିବାର ପକ୍ଷରୁ ଗୀତାଞ୍ଜଳି ବୋଲି ଚିହ୍ନଟ କରିଥିଲେ।

ତେବେ ମହିଳା ଜଣକ କଣ ପାଇଁ ଆତ୍ମହତ୍ୟା କରିଛନ୍ତି କି କିଏ ତାଙ୍କୁ ହତ୍ୟା କରିଛି ତାହା ଅସ୍ପଷ୍ଟ ରହିଛି, ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

## ନୂଆଁଖାଇ ପାଇଁ ଆସିଛନ୍ତି ଦାଦନ

# ଫେରିବା ପାଇଁ ଏବେଠୁ କଲେଣି ଯୋଜନା



**କଳାହାଣ୍ଡି,୨୬।୮(ସଂଚାର ବ୍ୟୁରୋ):** ନୂଆ ଖାଇବା ପାଇଁ ଗାଁକୁ ଫେରୁଛନ୍ତି ରାଜ୍ୟ ବାହାରକୁ ଯାଇଥିବା ଦାଦନ। ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ଭଳି ଦାଦନ ପ୍ରବଣ ଜିଲ୍ଲାରେ ଏହି ସଂଖ୍ୟା ବେଶ ଅଧିକ । କିନ୍ତୁ ବିଡ଼ମ୍ବନାର ବିଷୟ ରାଜ୍ୟ ଭିତରେ କିଛି କାମ ମିଳୁନଥିବାରୁ ନୂଆ ଖାଇବା ପରେ ଏମାନେ ପୁଣି ଥରେ ଫେରିଯିବେ । ଏଥିପାଇଁ ଗାଁ ଗାଁରେ ସକ୍ରିୟ ହେଲେଣି ଦଲାଲ । ବିଭିନ୍ନ ପରିଚୟ ଦେଇ ସେମାନଙ୍କ ପାଖରେ ପହଞ୍ଚୁଛନ୍ତି। ଆଗୁଆ ଅଗ୍ରୀମ ବି ଦେଉଥିବା ସୂଚନା ମିଳିଛି । ଦଲାଲଙ୍କ ସମ୍ପର୍କରେ କିଛି ମୁହଁ ଖୋଲି କହୁନଥିଲେ ବି କିଛି ଦିନ ପରେ ପୁଣି ଦାଦନ ଖଟିବାକୁ ଯିବେ ବୋଲି କହିଛନ୍ତି। ରାଜ୍ୟରୁ କେତେ ଦାଦନ ଖଟିବାକୁ ଯାଉଛନ୍ତି ତାର ସଠିକ ତଥ୍ୟ ନାହିଁ । କିନ୍ତୁ କରୋନା ସମୟରେ ୨୦ ଲକ୍ଷରୁ ଅଧିକ ଦାଦନ ଓଡ଼ିଶାକୁ ଫେରିଥିଲେ । ଏବେ ଏହି ସଂଖ୍ୟା ଢେର ଅଧିକ ହେବ ବୋଲି କୁହାଯାଉଛି । ଏଥିରେ ରୋକ୍ ଲଗାଇବା ପାଇଁ ସରକାର ଗତକାଲି ବଡ଼ ନିଷ୍ପତ୍ତି ନେଇଛନ୍ତି । ଯେଉଁ ସବୁ ରାଜ୍ୟକୁ ଦାଦନ ଯାଉଛନ୍ତି ସେଠାକୁ ସ୍ୱତନ୍ତ୍ର ଟିମ୍ ପଠାଇବା ସହ ଦାଦନ ସର୍ଦ୍ଦାରଙ୍କୁ ବାନ୍ଧିବାକୁ ଯୋଜନା କରିଛନ୍ତି। ହେଲେ, ଶ୍ରମିକଙ୍କୁ ରାଜ୍ୟ ଭିତରେ କେମିତି କାମ ମିଳିବ ସେମିତି କିଛି ବଡ଼ ପଦକ୍ଷେପ ନେଇ ନାହାନ୍ତି ସରକାର । ଏବେ ବି ଗଞ୍ଜାମରୁ ଆରମ୍ଭ କରି ବଲାଙ୍ଗିର, ନୂଆପଡ଼ା ଦାଦନଗଡ଼ ସାଜିଛି । ରାଜ୍ୟର ୧୪ଟି ଜିଲ୍ଲା ବଲାଙ୍ଗୀର, ସୋନପୁର, ବରଗଡ଼, କଳାହାଣ୍ଡି, ସୁନ୍ଦରଗଡ଼, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ପୁରୀ, ଗଞ୍ଜାମ, ନୂଆପଡ଼ା, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତିରୁ ଲକ୍ଷାଧିକ ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ସରକାର ସେମାନଙ୍କ ପାଇଁ କାମ କରୁଥିବା କଥା କହୁଛନ୍ତି । କିନ୍ତୁ କେବେ ଦାଦନ ସମସ୍ୟାର ଅନ୍ତ ହେବ, ତାର ଉତ୍ତର କାହା ପାଖରେ ନାହିଁ ।

# ଧନୁ ତୀରରେ ୩ ଗୁରୁତର: ଖଟିଆରେ ବୁହାହେଲେ

**ନୂଆପଡ଼ା,୨୬।୮(ସଂଚାର ବ୍ୟୁରୋ):** ଧନୁ ତୀରରେ ଆକ୍ରମଣ ୩ ଗୁରୁତର। ସୁନାବେଡ଼ା ଅଭୟାରଣ୍ୟର ଯୋଗୀମୁଣ୍ଡାରେ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ସେମାନେ ହେଲେ ଯୋଗିମୁଣ୍ଡା ଗାଁ ର ମଙ୍ଗଲୁ ପହରିଆ (୪୫),ଗୁରୁବାରି ପହରିଆ (୪୦) ଓ ସନ୍ତୋଷ ପହରିଆ (୧୨) । ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ନ ଥିବାରୁ ଖଟିଆରେ ବୋହି ୨ ରୁ ୩ କିଲୋମିଟର ସୁନାବେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଭର୍ତ୍ତି କରିଛନ୍ତି । ଅଭିଯୁକ୍ତ ଜଣଙ୍କ ସୁନାବେଡ଼ା ପଞ୍ଚାୟତ ଗଡଭଟା ଯୋଗୀମୁଣ୍ଡା ଗାଁର ଲାଳଧର ପହରିଆ ଯେ ଫେରାର ଅଛନ୍ତି।



# ମହିଳାଙ୍କ ପାଇଁ ସିଲେଇ ପ୍ରଡ଼କ୍ସନ ୟୁନିଟ ସହ ନୂତନ କଲ୍ୟାଣ ମଣ୍ଡପର ଶୁଭ ଉଦଘାଟନ



**ନୀଳଗିରି,୨୬।୮(ସଂଚାର ବ୍ୟୁରୋ):** ନୀଳଗିରି ନିର୍ବାଚନ ମଣ୍ଡଳୀର ଧୋବଶିଳା ଗ୍ରାମ ପଞ୍ଚାୟତ ପରିସରରେ ଏକ ନୂତନ କଲ୍ୟାଣ ମଣ୍ଡପର ଶୁଭ ଉଦଘାଟନ ହେବା ସହ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଶତାଧିକ ମହିଳାଙ୍କୁ ଶତାଧିକ ସିଲାଇ ମେସିନ ପ୍ରଦାନ କରାଯାଇ ପ୍ରଶିକ୍ଷିତ କରାଯାଇଥିଲା। ସେହି ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳ ଓ ରୋଜଗାର କ୍ଷମ କରିବା ପାଇଁ ଆଜି ଏକ ସିଲେଇ ପ୍ରଡ଼କ୍ସନ ୟୁନିଟର ଶୁଭ ଉଦଘାଟନ ହୋଇଅଛି। ଏହି ଶୁଭ ଉଦଘାଟନ ଉତ୍ସବରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶି ମୟୂର ବିକାଶ, ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଡ. ମଧୁସ୍ମିତା ସାମନ୍ତରାୟ, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ଜିଲ୍ଲା ପରିଷଦ ତିନି ସଭ୍ୟା ଉଷାରାଣୀ ରାଉଳ, ରଞ୍ଜିତା ସିଂ, ସୁବର୍ଣ୍ଣ ମଞ୍ଜରୀ ସିଂ, ଧୋବଶିଳା ସରପଞ୍ଚ ଦିଲ୍ଲୀପ ସିଂ, ସମିତି ସଭ୍ୟ ପାଗୁଲୁ ସିଂ ଉପସ୍ଥିତ ରହିଥିଲେ। ଏହି ନବ ନିର୍ମିତ କଲ୍ୟାଣ ମଣ୍ଡପରେ ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବା ପାଇଁ ସୁମେଣ୍ଟ ର ପ୍ରୋ ସଂସ୍ଥା ଦ୍ୱାରା ୫୦ ଟି ଅତ୍ୟାଧୁନିକ ସିଲେଇ ମେସିନ ପ୍ରଦାନ କରାଯାଇଅଛି।

# ଇନ୍ଦିରା ଗାନ୍ଧୀ ମହିଳା ବିଦ୍ୟାଳୟ ରାସ୍ତା ଶୋଚନୀୟ



**ଯାଜପୁର ରୋଡ଼,୨୬।୮(ସଂଚାର ବ୍ୟୁରୋ):** ରାସ୍ତା ପାଲଟିଛି ମରଣଯନ୍ତା, ଲୋକଙ୍କୁ ଦେଉଛି ନାନା ଜମଯନ୍ତ୍ରଣା। ନାଁ ସରକାରଙ୍କ ନିଦ ଭାଙ୍ଗୁଛି ନାଁ ନେତା ଙ୍କ ଦୃଷ୍ଟି ପଡୁଛି। ଏଠି କହିବା କାହାକୁ ଶୁଣିବ ବା କିଏ। ଏହା କେଉଁ ଦୁର ଇଲାକାର ରାସ୍ତାର ଦୃଶ୍ୟ ନୁହେଁ। ଏ ହେଉଛି ଶିଳ୍ପନଗରୀ ବୋଲାଉଥିବା କଳିଙ୍ଗ ନଗରର ମୁଖଶାଳା ବ୍ୟାସନଗର ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ବିଦ୍ୟାଳୟ ସମ୍ମୁଖ ଦଳା ଶଙ୍ଖଚିଲା ରୋଡ ଓ ରୟାଲ କଳିଙ୍ଗ ଛକ ଠାରୁ ନହକା ଶିବ ମନ୍ଦିର ରାସ୍ତାର ଅବସ୍ଥା। ଏହା ଏକ ବ୍ୟସ୍ତ ବହୁଳ ରାସ୍ତା ହୋଇଥିବା ବେଳେ ରାସ୍ତାର ଅବସ୍ଥା ନକହିବା ଭଲ। ପ୍ରତିଦିନ ହଜାର ହଜାର ସ୍କୁଲ ପିଲା କଲେଜ ପିଲା ଓ଼ ଅଫିସ କର୍ମଚାରୀ ଓ଼ ବ୍ୟବସାୟୀ ମାନେ ଏହି ରାସ୍ତା ଦେଇ ଯାତାୟତ କରୁଛନ୍ତି ସତ କିନ୍ତୁ ରାସ୍ତା ଅବସ୍ଥା ପୁରା ଏବେ ବେହାଲ ହୋଇପଡ଼ିଛି । ଖାଲଖମାରେ ଭର୍ତି ଏହି ରାସ୍ତାରେ ଦିନ ରାତି ସହ ସହ ଗାଡି ମଟର ଏହି ରାସ୍ତା ଦେଇ ଯାତାୟାତ କରୁଥିବାରୁ ରାସ୍ତା ରେ ବିରାଟ ଗର୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। କେତେ ଲୋକ ଏହି ରାସ୍ତାରେ ପଡ଼ି ଗୋଡ଼ ହାତ ମଧ୍ୟ ଛିଡି ଗଲାଣି। ଏହି ରାସ୍ତାରେ ଗଲେ ପ୍ରଥମେ ଯମ ଦେବତାଙ୍କୁ ମୁଣ୍ଡିଆ ମାରିକି ଯିବାକୁ ପଡୁଛି। ଏହି ଦୁଇ ରାସ୍ତା ପୂର୍ତ ବିଭାଗ ଅଧୀନରେ ଯାଉଥିବାରୁ ସ୍ଥାନୀୟ ଲୋକମାନେ ଯଥାଶୀଘ୍ର ଏହାର ମରାମତି କରିବାପାଇଁ ଦାବି କରିଛନ୍ତି। ରାଜନୀତିର ପଶାପାଲିରେ ଏଠି ସାଧାରଣ ଜନତା ପେଷି ହେଇ ଯାଉଥିବା ଦେଖିବାକୁ ମିଳୁଛି। ସାଧାରଣ ଜନତା ଏଠି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦେଖିବାର ବାକି ରଖିଲା କେବେ କେଉଁଦିନ ସରକାରଙ୍କ ନିଦ ଭାଙ୍ଗୁଛି ଏବଂ ଏହି ଜରାଜୀର୍ଣ୍ଣ ରାସ୍ତା ଉପରେ ଦୃଷ୍ଟି ପଡୁଛି।

# ବୁଗୁଡା ବ୍ଲକରେ ତାଲିମ ନେବେ ୧୦ ପ୍ରଶିକ୍ଷାର୍ଥୀ ଓଏଏସ୍ ଅଫିସର

**ବୁଗୁଡା,୨୬।୮(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲାପାଳଙ୍କ ପତ୍ର ଅନୁସାରେ ଗଞ୍ଜାମ ଜିଲାର ୮ଟି ବ୍ଲକର ୧୬ଟି ପଞ୍ଚାୟତରେ ୧୬ଟି ଗ୍ରୁପରେ ୮୦ ଜଣ ଓଡିଶା ପ୍ରଶାସନିକ ସେବା (ଓଏଏସ) ଅଧିକାରୀ ପ୍ରଶିକ୍ଷାର୍ଥୀ ଭାବେ ୭ ଦିନ ପାଇଁ ସରକାରୀ ଯୋଜନା ଗ୍ରାମାଞ୍ଚଳରେ କିପରି କାର୍ଯ୍ୟକାରୀ ହେଉଛି ସେନେଇ କ୍ଷେତ୍ରାଞ୍ଚଳ ବୁଲି ତାଲିମ ଗ୍ରହଣ କରିବେ। ଏହି ପତ୍ର ଅନୁଯାୟୀ ବୁଗୁଡା ବ୍ଲକକୁ ୧୦ ଜଣ ଓଏଏସ ଅଫିସର ପ୍ରଶିକ୍ଷାର୍ଥୀ ଭାବେ ଆସିଛନ୍ତି। ସେମାନଙ୍କୁ ବୁଗୁଡା ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଡ଼ିଓ ଦୁତିକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଲୋଚନା କାର୍ଯ୍ୟକ୍ରମ ହୋଇଥିଲା।

# ଜିଲ୍ଲାର ନୂତନ ଏସପି ଭାବେ ଯୋଗ ଦେଲେ ଅଙ୍କିତ



**ପାରାଦୀପ,୨୬।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ରେ ନୂତନ ଆରକ୍ଷୀ ଅଧିକ୍ଷକ ଭାବେ ଅଙ୍କିତ କୁମାର ବର୍ମା ଯୋଗ ଦେଇଛନ୍ତି। ଗତ ୨୧ ତାରିଖ ଦିନ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସୋମବାର ସନ୍ଧ୍ୟା ରେ ନୂତନ ଏସ ପି ଭାବେ ଅଙ୍କିତ ବର୍ମା କାର୍ଯ୍ୟ ରେ ଯୋଗ ଦେଇଛନ୍ତି।୨୦୨୧ ବ୍ୟାଚ ର ଆଇ ପି ଏସ ଜଗତସିଂହପୁର ର ନୂତନ ଏସ ପି ଅଙ୍କିତ କୁମାର ବର୍ମା ଭୁବନେଶ୍ୱର କମିଶନରେଟ ରେ ଅତିରିକ୍ତ ଡିସିପି ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ସେ ଭୁବନେଶ୍ୱର ଡିସି ପି ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ଥିଲେ। ଆସାମୀ ମାନଙ୍କ ଉପରେ ଛାନ ଭିନ ଯେମିତି ରହିଥିଲା ଜଗତସିଂହପୁର ଜିଲ୍ଲା ରେ ଚାଲିଥିବା ଅପରାଧ ଓ ଅପରାଧୀ ଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ରହିବ ବୋଲି ଏସ ପି ଶ୍ରୀ ବର୍ମା ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପୋଲିସ ପ୍ରଶାସନ ର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ନୂତନ ଏସ ପି ଙ୍କୁ ସ୍ୱାଗତ ଜଣେଇ ଥିଲେ। ପୂର୍ବତନ ଏସପି ଭବାନୀ ଶଙ୍କର ଉଦ୍ଗାତା ସମସ୍ତ କାର୍ଯ୍ୟଭାର ନୂତନ ଏସପି ଅଙ୍କିତ କୁମାର ବର୍ମା ଙ୍କୁ ହସ୍ତାନ୍ତର କରିଥିଲେ।

# କେନାଲ ବନ୍ଧ ପାଲଟିଛି ମରଣଯନ୍ତା



**ତିର୍ତ୍ତୋଲ,୨୬।୮ (ସଂଚାର ବ୍ୟୁରୋ):** ବ୍ଲକ ଅଧିନସ୍ତ ମଣିଜଙ୍ଗା (ଶବ ଡିଭିଜନଲ) ଅଧୀନରେ ଯାଉଥିବା ମଣିଜଙ୍ଗା ଏରସମା ରାସ୍ତାର ଖଡଗପୁର ଛକ ଠାରୁ ତୁରୁଖା କେନାଲ ବନ୍ଧ ପର୍ଯ୍ୟନ୍ତ ଲାଗିଥିବା ଜଳସେଚନ ବିଭାଗର ୧୨ ନଂ ଜି ୧ କେନାଲ ରାସ୍ତା ଏବେ ପାଲଟିଛି ମରଣ ଯନ୍ତା। ପ୍ରତିଦିନ ପ୍ରାୟ ହଜାର ହଜାର ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ଟେଣ୍ଡର ପକ୍ରିୟା ସରିବା ପରେ ମଧ୍ୟ ଠିକାଦାର ଯନ୍ତ୍ରୀ ଙ୍କ ମଧୁ ଚନ୍ଦ୍ରିକା ରେ ହୋଇ ପାରୁନି ଏହି ରାସ୍ତା କାମ। ଦିନକୁ ଦିନ ରାସ୍ତାର ଅବସ୍ଥା ବିଗିଡିବା ରେ ଲାଗିଛି। କେବଳ ସେତିକି ନୁହେଁ ଏହି ଜି୧ କେନାଲ ନାଳ ଦୁଇ ପାର୍ଶ୍ୱରୁ ଠିକାଦାର ଜେସିପି ପୁରାଇ ଘାସ ତନଛା ନାମରେ ବନ୍ଧରୁ ମାଟି ଆମ୍ପୁଡି ବନ୍ଧକୁ ଦୃବଳ କରିଥିବା ବେଳେ ସରକାର ଙ୍କ ଲକ୍ଷ ଲକ୍ଷ ଟଙ୍କା ଏହି ବାବଦରେ ଠିକାଦାର ଆତ୍ମସାତ ହୋଇଥିବା ଦେଖିବାକୁ ମିଳିଛି। କେବଳ ଏହି ୨ ନଂ କାମ ସବୁ ଜେଇ ଓ ଠିକାଦାର ଙ୍କ ମିଳିତ ଉଦ୍ୟମରେ ଫ୍ଲସ ବିଲ ହୋଇଥିବା ଲେକେ ଅଭିଯୋଗ କରିଛନ୍ତି। ସେହିପରି ବର୍ତ୍ତମାନ ବର୍ଷା ଦିନ ଆସିଥିବାରୁ ଲୋକେ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏହି ବାବଦରେ ସ୍ଥାନୀୟ ଲୋକେ ଜିଲ୍ଲାପାଳ ଙ୍କ ସମେତ କଟକ ଡିଭିଜନ ବରିଷ୍ଠ ଅଧିକାରୀ ଙ୍କୁ ଅଭିଯୋଗ କରିବେ ବୋଲି ଶୁଣିବାକୁ ମିଳିଛି। ଦେଖାଯାଉ ଆଗମୀ ଦିନରେ ସରକାର ଏହା ଉପରେ କିଭଳି ଭାବରେ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ବର୍ଷାରେ ବେହାଲ ମାଲକାନଗିରି ରାସ୍ତା ଦୁଇ ପୋଲ ଉପରେ ତିନି ଫୁଟ ପାଣି




**ଜୟପୁର,୨୬।୮(ସଂଚାର ବ୍ୟୁରୋ):** ଗତକାଲି ରାତି ଏବଂ ଆଜି ଦିନ ତମାମ ଲଗାଣ ବର୍ଷା ଫଳରେ ବୈପାରୀଗୁଡା ବ୍ଲକ ବେହାଲ। ଜୟପୁର ଗୁପ୍ତେଶ୍ୱର ରାସ୍ତା ରାମଗିରି ଏବଂ ସୁକୁନାଳ ରାସ୍ତା ଓ ପୋଲ ଉପରେ ତିନିଫୁଟ ର ପାଣି ଏହା ସହ ଡ଼କ୍ରି ଘାଟି ରେ ମାଟି ଅତଡା ଖସିଛି। ଏହା ସହ ଜୟପୁର ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥ ସୁକୁନାଳ ଠାରେ ପୋଲ ଉପର ଦେଇ ପାଣି ପ୍ରବାହିତ ହେଉଛି। ଏବଂ ଚିପାକୁର ଦଣ୍ଡାବାଡ଼ି ଯୋଗାଯୋଗ କରୁଥିବା ରାସ୍ତା ର ପୋଲ ସହ ଗାର୍ଡ ୱାଲ ଧୋଇ ହୋଇଯିବା ଫଳରେ ବିଚ୍ଛେଦ ହୋଇଯାଇଛି। ଦଶମନ୍ତପୁର, କୋଲର, ରାମଗିରି, ଦଣ୍ଡାବାଡି ପଞ୍ଚାୟତ ର ବହୁ ରାସ୍ତା ଓ ପୋଲ ଧୋଇ ହୋଇଯାଇଛି ।

# ପୋଡ଼ାପଦର ଗ୍ରାମ ପାଇଁ ଗୌରବ ଆଣିଲେ ଅଲିସା

**ବୋରିଗୁମ୍ମା,୨୬।୮(ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବିସିଂହପୁର ପଞ୍ଚାୟତ ଅନ୍ତର୍ଗତ ପୋଡ଼ାପଦର ଗ୍ରାମର ସୁନୀଲ ଷଡ଼ଙ୍ଗୀ(ହରିହର)ଙ୍କ ଝିଅ ଅଲିସା ଷଡଙ୍ଗୀ ସର୍ବ ଭାରତୀୟ ଔରତ୍ର ଈବସଭ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆସାମର ସୀଲଚର ସ୍ଥିତ ଘଓଙ୍ଖ ରେ ପଢ଼ିବାର ସୁଯୋଗ ପାଇଛନ୍ତି। ଗୋଟିଏ ମଫସଲ ଗ୍ରାମର ଝିଅ ଔରତ୍ର ଉତ୍ତୀର୍ଣ୍ଣ ହେବା ଏକ ବିରଳ ଘଟଣା।ବିଶେଷ କରି ପୋଡା ପଦର ଭଳି ଏକ ପାହାଡ ଜଙ୍ଗଲ ଘେରା ଗ୍ରାମ୍ୟ ଅଞ୍ଚଳରୁ ଏପରି ପ୍ରତିଭା ବାହାରି ଥିବାରୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟି ଚାଲିଛି।କଠିନ ପରିଶ୍ରମ ସହ ଗଭୀର ଆତ୍ମ ବିଶ୍ୱାସ ଏହି ସଫଳତାର ମୂଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି।ଅଲିସାଙ୍କ ବାପା ସୁନିଲ କୁମାର ଷଡ଼ଙ୍ଗୀ ଜଣେ ସଫଳ ଚାଷୀ ସହ ସାମ୍ବାଦିକତାରେ ମଧ୍ୟ ରୁଚି ରଖନ୍ତି।ସୁନୀଲ ଷଡ଼ଙ୍ଗୀଙ୍କ ପରିବାରର ପ୍ରତ୍ୟେକ ସଦସ୍ୟ ବିଜ୍ଞାନ ପ୍ରତି ରୁଚି ତଥା ଆଧ୍ୟାତ୍ମିକ ଚେତନାରେ ପରିପୂର୍ଣ୍ଣ, ଅଲିସାଙ୍କ ସଫଳତାର କାରଣ ବୋଲି ଚର୍ଚ୍ଚା ହେଉଥିବା ଜଣାପଡ଼ିଛି

# ମେଡିକାଲ ଛାତରୁ ଡେଇଁ ରୋଗୀ ମୃତ, କାରଣ ଅସ୍ପଷ୍ଟ



**ସୁନ୍ଦରଗଡ଼,୨୬।୮(ସଂଚାର ବ୍ୟୁରୋ):** ମେଡିକାଲ ଛାତରୁ ଡେଇଁ ରୋଗୀ ମୃତ। ସୁନ୍ଦରଗଡ଼ ଟାଉନଥାନା ସରକାରୀ ମେଡିକାଲ ଛାତରୁ ଡେଇଁ ଜୀବନ ହାରିଲେ ରେଗୀ । ଆଜି ଡିସଚାର୍ଜ ହୋଇଥାନ୍ତେ। କିନ୍ତୁ ମେଡିକାଲ କଲେଜର ତୃତୀୟ ମହଲାରୁ ଡେଇଁ ଜୀବନ ହାରିଛନ୍ତି। ଏହାର କାରଣ ଅସ୍ପଷ୍ଟ ରହିଛି। ରୋଗୀ ଜଣକ ସୁନ୍ଦରଗଡ଼ ସଦର ଥାନା ରାଜପୁର ଅଂଚଳର ଅନିଲ ସୋରେନ । ରବିବାର ଦିନ ସୁନ୍ଦରଗଡ଼ ଏନଟିପିସି ମେଡ଼ିକାଲ୍ କଲେଜରେ ଭର୍ତ୍ତି ହୋଇଥିଲେ ଅନିଲ। ମେଡିକାଲର ଝରକାରୁ ବାହାରି ବହୁସମୟ ଧରି ଝୁଲିରହିଥିଲେ। ତେବେ ମେଡିକାଲରେ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

## ଗାଁ ମଝିରେ ପିଟାପିଟି

# ଚାଷ ଜମିକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ



**ବଲାଙ୍ଗୀର,୨୬।୮(ସଂଚାର ବ୍ୟୁରୋ):** ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ତୁଷୁରା ବାହାଲ ପଂଚାୟତ ଡ଼ଙ୍ଗାଘାଟ ଗାଁରେ ଚାଷ ଜମିକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ହୋଇଛି। ଏଥିରେ ୩ ଜଣ ଗୁରୁତର ହୋଇଥିବା ବେଳେ ୫ ଜଣ ଆହାତ ହେଇଛନ୍ତି। ଚାଷ ଜମିକୁ ନେଇ ସଂଘର୍ଷ ହୋଇଥିବା ଗାଁରେ ଆଲୋଚନା ହେଉଛି । ଦୁଇ ଗୋଷ୍ଠୀ ପୂର୍ବରୁ ଶତ୍ରୁତା ରହିଥିବା ବେଳେ ବିଭିନ୍ନ ସମୟରେ ଝଗଡା ହୋଇଆସୁଥିଲା । ଆଜି କିନ୍ତୁ ଝଗଡ଼ା ହାତାହାତି ହୋଇ ଦୁଇ ପକ୍ଷରୁ ଗାଁ ମଝି ରାସ୍ତାରେ ଠେଙ୍ଗାରେ ମାଡ଼ ପିଟ ହୋଇଥିଲେ । ଗାଁ ମଝି ରଣକ୍ଷେତ୍ର ପାଲଟିଥିବା ବେଳେ ଗ୍ରାମବାସୀ ଦେଖଣା ହାରି ହୋଇଥିଲେ । ସଂଘର୍ଷ ହେବା ଫଳରେ ୮ ଜଣ ଆହତ ହେଇଛନ୍ତି ।

ସମସ୍ତଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇଛି । ଗାଁରେ ସଦର ପୋଲିସ ଟିମ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ପୂର୍ବ ଶତ୍ରୁତା ନେଇ ଗୋଷ୍ଠୀ ସଙ୍ଘର୍ଷ ହୋଇଥିବା ପୋଲିସ ଅନୁମାନ କରୁଛି । ଗାଁରେ ଏବେ ଗୋଷ୍ଠୀ ସଂଘର୍ଷକୁ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାକୁ ପଦକ୍ଷେପ ନେଇଛି।

## ଗାଁରେ ଖୁଲମ ଖୁଲା ଦେଶୀ ମଦ ବିକ୍ରି

# ପ୍ରତିବାଦ କରି ଧାରଣା ଦେଲେ ଜିଲା ପରିଷଦ ସଭ୍ୟ



**କର୍ଲାମୁଣ୍ଡା,୨୬।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଥିବା ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟି ପକ୍ଷରୁ ବ୍ଲକର ଗାଁ ଗାଁରେ କୋଠି ଖୋଲି ଖୁଲମ ଖୁଲା ଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମଙ୍ଗଳବାର ବ୍ଲକର ଓଡ଼ିଆମୁଣ୍ଡା ସ୍ଥିତ ଦେଶୀ ମଦ ଭାଟି ରାସ୍ତାରେ ଖ ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଏଥିରେ ବରିଷ୍ଠ କଂଗ୍ରେସ ନେତା ରାଜକିଶୋର ମିଶ୍ର, ସ.ମାଳପଡା ସମିତି ସଭ୍ୟ ଗୋଲାପ ସାହୁ ତଥା ଅନ୍ୟ ମାନେ ମଧ୍ୟ ସାମିଲ ହୋଇଛନ୍ତି।